



ଦିବ୍ୟା ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ୍
▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-35 ♦TUESDAY ♦29 JULY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୩୫ ♦ମଙ୍ଗଳବାର ♦୨୯ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**ସାହାରା ଇଣ୍ଡିଆ ଜମି ଦୁର୍ନୀତି**

## ୧୦୦୦ କୋଟିର ଜମିକୁ ୧୨୦ କୋଟିରେ ବିକିଦେଲେ

**ସୁବ୍ରତ ରୟଙ୍କ ପୁଅ ବିରୋଧରେ ମାମଲା ରୁଜୁ କଲା ଇଓଡବ୍ଲ୍ୟୁ**

■ **ଭୋପାଳ,୨୮।୭(ଏଜେନ୍ସି):** ମଧ୍ୟପ୍ରଦେଶରେ ସାହାରା ଇଣ୍ଡିଆର ଜମି ବିକ୍ରି କ୍ଷେତ୍ରରେ ହୋଇଛି ବଡ଼ ଧରଣର ଦୁର୍ନୀତି। ଏଥିରେ ସାହାରାର ୫୦୦ ଏକର ଜମିରେ ୭୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି। ଏହି ମାମଲାରେ, ଇଓଡବ୍ଲ୍ୟୁ ସାହାରାର ପୂର୍ବତନ ମୁଖ୍ୟ ସୁବ୍ରତ ରୟଙ୍କ ପୁଅ ସୀମାନ୍ତ ରୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ସାହାରା ପରିଚାଳନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। କୁହାଯାଉଛି ଯେ ଏଥିରେ ପାଖାପାଖି ୧୦୦୦ କୋଟି ଟଙ୍କା ମୂଲ୍ୟର ଜମିକୁ ୧୨୦ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। ଏହି ଜମି ବିକ୍ରି ଭୋପାଳ, ଜବଲପୁର, କଟନୀ, ସାଗର ଏବଂ ଗ୍ୱାଲିଅରରେ ହୋଇଛି। ଜମି ବିକ୍ରି ବାବଦ ଅର୍ଥକୁ ସାହାରା ଗ୍ରୁପର ବିଭିନ୍ନ ସହଯୋଗୀ କମ୍ପାନୀର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି।

ଏହି ଘଟଣାରେ ଆଇପିସିର ଧାରା ୪୨୦ ଏବଂ ୧୨୦ବି ଅଧୀନରେ ସାହାରା ଇଣ୍ଡିଆ, ସାହାରା ପ୍ରାଇମ୍ ସିଟି ଲିମିଟେଡ୍, ସୀମାନ୍ତୋ ରୟ (କର୍ପୋରେଟ୍ କେଣ୍ଟ୍ରାଲ ମ୍ୟାନେଜମେଣ୍ଟ), ଜେବି ରୟ(ଡିଜିଏମ୍-ଡିଏମ୍ଡବ୍ଲ୍ୟୁ) ଓପି ଶ୍ରୀବାସ୍ତବ (ଡେପୁଟି ମ୍ୟାନେଜିଂ ୱାର୍କର) ଏବଂ ▶ପୃଷ୍ଠା-୭

**ଅପରେସନ ମହାଦେବ**

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ମୁସା ନିହତ

■ **ଶ୍ରୀନଗର, ୨୮।୭ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା। ଶ୍ରୀନଗର ଲିଡବାସ ଅଞ୍ଚଳରେ ଲୁଚିଥିବା ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସା ସାମିଲ ରହିଛି। 'ଅପରେସନ ମହାଦେବ' ଜରିଆାରେ ଭାରତୀୟ ସେନାକୁ ଏହି ସଫଳତା ମିଳିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି। ଅନ୍ୟ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି। ଜଣେ ଆତଙ୍କବାଦୀ ୨୦୨୪ର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିବା କୁହାଯାଉଛି। ଆତଙ୍କବାଦୀଙ୍କ ନିକଟରୁ ଆମେରିକାର ଏମ୍-୪ କାର୍ବାଇନ, ଏକେ-୪୭, ୧୭ ରାଇଫଲ ଏବଂ ଗ୍ରେନେଡ ମିଳିଛି। ଆଉ କିଛି ସନ୍ଦେହଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସୁଲେମାନ ଶାହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ସଦସ୍ୟ ଥିଲା। ସେ ପାକିସ୍ତାନ ସେନାର ଏଲିଟ ୟୁନିଟ ସ୍ପେସିଆଲ ସର୍ଭିସ ଗ୍ରୁପ ▶ପୃଷ୍ଠା-୭



**ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ମାମଲା**

# ଇସିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଆଧାର କାର୍ଡ, ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ଦ୍ଦେଶ



**ଜାଲିଆତି ସଂପର୍କରେ ନିର୍ବାଚନ କମିସନଙ୍କ ଯୁକ୍ତି ଅଗ୍ରାହ୍ୟ**

**ଭୋଟର ତାଲିକା ସଂଶୋଧନକୁ ବି ରଦ୍ଦ କରିପାରିବେ କୋର୍ଟ**

■ **ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ସ୍ପେସିଆଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)କୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ସଂସଦରେ ଏହାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଏହି ମାମଲା ଉପରେ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି। ନିର୍ବାଚନ କମିସନ ଚଳାଇଥିବା ଏହି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ତେବେ ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିସନଙ୍କ ଆଭିମୁଖ୍ୟରେ ଉଦ୍‌ବେଗ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଭୋଟରଙ୍କୁ କାଟିବା ଅପେକ୍ଷା ଅଧିକ ଭୋଟରଙ୍କୁ ସାମିଲ କରାଯିବା ଉଚିତ।

ଆଜି ଶୁଣାଣି ବେଳେ କୋର୍ଟ ପ୍ରଶ୍ନ କରିଥିଲେ ଯେ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏହାର ଉତ୍ତର ଦେଇ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ରାସନ କାର୍ଡ ଉପରେ ବିଚାର କରାଯାଇପାରିବ ନାହିଁ। କାରଣ ବହୁସଂଖ୍ୟାରେ ରାସନ କାର୍ଡ ରହିଛି। ଏହାର ଜାଲିଆତି ହେବାର ସମ୍ଭାବନା ଅଧିକ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କମିସନଙ୍କ ଏଭଳି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଲେ ଯେ ବିଶ୍ୱରେ ଏମିତି କୌଣସି ପ୍ରମାଣପତ୍ର ନାହିଁ ଯାହାର ନକଲ ହୋଇପାରିବନାହିଁ। ଏପରି ସ୍ଥଳେ ୧୧ ପ୍ରମାଣପତ୍ରକୁ ତାଲିକାଭୁକ୍ତ କରିବାର ଆଧାର କ'ଣ ବୋଲି ସେ ପଚାରିଥିଲେ। ଆଧାର କାର୍ଡ ଏବଂ ଭୋଟର ଆଇଡି କାର୍ଡ (ଇପିଆଇସି)କୁ ବୈଧ ପ୍ରମାଣପତ୍ର ଭାବେ ଅନୁମତି ଦେବାର ଆବଶ୍ୟକତା ରହିଥିବା କୋର୍ଟ କହିଛନ୍ତି। ଏ ନେଇ ବିଚାର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ମଙ୍ଗଳବାର ୧୦.୩୦ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଭୋଟର ପରିଚୟ ପତ୍ର ସ୍ୱୟଂ କମିସନ ଜାରି କରିଛନ୍ତି। ଏହା କେମିତି ଜାଲ୍ ହୋଇପାରିବ?

ଶୁଣାଣି ସମୟରେ କମିସନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ। ଜାଲ୍ ରାସନ କାର୍ଡ କଥା ମଧ୍ୟ ଉଠାଇଥିଲେ। ତେବେ ଆଧାରକୁ ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରିହେବ ବୋଲି କହିଥିଲା। ଏହି ନମ୍ବର ପଞ୍ଜୀକରଣ ଫର୍ମରେ ଥିବା ଦର୍ଶାଇଥିଲେ। ଏହି ଯୁକ୍ତିରେ ବିସଙ୍ଗତି ଦର୍ଶାଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କମିସନଙ୍କ ନିଜସ୍ୱ ତାଲିକାରେ ଥିବା କୌଣସି ▶ପୃଷ୍ଠା-୭

**ଲୋକସଭାରେ ପହଲଗାମ, ଅପରେସନ ସିନ୍ଦୂର ବିତର୍କ**

# ବିରୋଧୀ-ଶାସକ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୨୮।୭:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂର ଉପରେ ଆଜି ଲୋକସଭାରେ ୧୬ ଘଣ୍ଟିଆ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ଆଲୋଚନା ବେଳେ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅପରେସନ ସିନ୍ଦୂର ସଫଳ ହୋଇଛି ଏବଂ କାହାରି ଚାପରେ ଏହାକୁ ବନ୍ଦ କରାଯାଇ ନାହିଁ। ଅନ୍ୟପକ୍ଷରେ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ପହଲଗାମ ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି।



**ଗୃହରେ ୧୬ ଘଣ୍ଟିଆ ଆଲୋଚନା ଆରମ୍ଭ**

**୨୨ ମିନିଟରେ ସଫଳତା ମିଳିଲା: ରାଜନାଥ**

**ମୋଦୀ-ଟ୍ରମ୍ପ ଆଲୋଚନା ହୋଇନି: ଜୟଶଙ୍କର**

**ଆକ୍ରମଣ ରୋକିବାରେ ସରକାର ବିଫଳ ହେଲେ କାହିଁକି: ଗୋଗୋଇ**

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ନାମରେ ହୋଇଥିଲା ସାମରିକ କାର୍ଯ୍ୟାନୁଷ୍ଠାନ। ୨୨ ମିନିଟ ମଧ୍ୟରେ ଭାରତୀୟ ସେନାକୁ ମିଳିଥିଲା ସଫଳତା। ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ଚିଠି**

## ରାଜ୍ୟରେ ବଢୁଛି ସଂଗଠିତ ଅପରାଧ

**ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ବଢୁଛି**

**ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପରି ଗ୍ୟାଙ୍ଗଷ୍ଟର୍ ନିରୋଧ ଭଳି ଆଇନ ଆଣିବାକୁ ଦେଲେ ଲିଖିତ ପ୍ରସ୍ତାବ**



■ **ଭୁବନେଶ୍ୱର,୨୮।୭(ସମିସ):** ରାଜ୍ୟରେ ବଢୁଥିବା ସଂଗଠିତ ଅପରାଧକୁ ନେଇ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିନ୍ତା ପ୍ରକଟ କରିଛନ୍ତି। ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ ରାଜ୍ୟରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଗ୍ୟାଙ୍ଗଷ୍ଟର୍ ନିରୋଧ ଆଇନ ଆଣିବା ପାଇଁ ଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ▶ପୃଷ୍ଠା-୭

## ଖସୁଛି ପାଣି; ବଢୁଛି ଦୁର୍ଦ୍ଦଶା

**ଖସୁଛି ସବୁ ନଦୀର ଜଳସ୍ତର**

**ଗାଁରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ୪୮ ଘଣ୍ଟା ଲାଗିବ**

**ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ**

■ **ଭୁବନେଶ୍ୱର, ୨୮।୭ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭାବିତ ହୋଇଛି। ତେବେ ଦୁଇ ଦିନ ହେବ ରାଜ୍ୟରେ ବର୍ଷା କମିବା ଯୋଗୁଁ ନଦୀରେ ଜଳସ୍ତର କମୁଥିଲେ ମଧ୍ୟ ବଢ଼ିପାଣି ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ମୁଖ୍ୟତଃ ▶ପୃଷ୍ଠା-୭

## ଉଚ୍ଚଶିକ୍ଷା ବିଭାଗରେ ହ୍ୟାକର୍ ଆତଙ୍କ

**ରେଭେନ୍ସା ପରେ ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍**



■ **ଭୁବନେଶ୍ୱର, ୨୮।୭(ସମିସ):** ଉଚ୍ଚଶିକ୍ଷା ବିଭାଗକୁ ଘାରିଛି ହ୍ୟାକର୍ ଆତଙ୍କ। ରବିବାର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରି ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିବାରେ ସଫଳ ହୋଇଛନ୍ତି ହ୍ୟାକର୍। ତେବେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ୱେବସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬.୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡିଓ ପୋଷ୍ଟ ହୋଇଥିଲା। ଏହାର ୫ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋସନ୍ ▶ପୃଷ୍ଠା-୭

## ମହଙ୍ଗା ପଡ଼ିଲା ୭ ଜଣ ବସି ସ୍କୁଟି ଚଲାଇବା



**ଗାଡ଼ି ଜବତ, ୨୧ ହଜାର ଜରିମାନା**

■ **ସମ୍ବଲପୁର,୨୮।୭(ସମିସ):** ସ୍କୁଟିରେ ୭ ଜଣ ବସି ଗାଡ଼ି ଚଲାଇବା ମହଙ୍ଗା ପଡିଲା। ଭିଡ଼ିଓ ଭାଇରାଲ ହେବା ପରେ ଧନୁପାଲି ଆକ୍ସନ ମୁଡରେ ଆସିଛି। ପୁଲିସ ଗାଡ଼ି ନଂ ଓଡ଼ି ୧୫-ଏସି୩୬୬୮କୁ ଜବତ କରିବା ସହ ୨୧ ହଜାର ଟଙ୍କା ଜରିମାନା କରିଛି। ଚାଳକ ସାବାଳକ ଥିବା ବେଳେ ଅନ୍ୟ ୬ ଜଣ ନାବାଳକ ରହିଛନ୍ତି। ସୂଚନା ଅନୁସାରେ ଏକ ▶ପୃଷ୍ଠା-୭

**ମୟୂରଭଞ୍ଜରେ ଲଜ୍ଜା**

## ୮ ଛାତ୍ରୀଙ୍କୁ ଅସଦାଚରଣ; ଶିକ୍ଷକ ନିଲମ୍ବିତ

**ଘଟଣାର ୭ ଦିନ ପରେ ବି ରୁଜୁ ହୋଇନି ମାମଲା**

■ **ବାରିପଦା/ବେତନଟୀ,୨୮।୭(ସମିସ):** ପୁଣି ମୟୂରଭଞ୍ଜ ଜିଲ୍ଲାରେ ଲଜ୍ଜା। ଏକ ଉପ୍ରା ବିଦ୍ୟାଳୟର ୮ ଜଣ ଛାତ୍ରୀଙ୍କୁ ପାଠ ପଢାଇବା ସମୟରେ ଜଣେ ଶିକ୍ଷକ ଅସଦାଚରଣ ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ତେବେ ଏ ଯାଏ ଥାନାରେ ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଫଳରେ ପୋକ୍‌ସୋ ଆକ୍ଟ ୨୦୧୨ ଅନୁଯାୟୀ କୌଣସି ମାମଲା ରୁଜୁ କରାଯାଇନାହିଁ। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନୈକ ଶିକ୍ଷକଙ୍କ କଳା କାରନାମା ସମ୍ବନ୍ଧରେ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ▶ପୃଷ୍ଠା-୭










# ମହିଳା ଡାକ୍ତରଙ୍କୁ ଡିଜିଟାଲ ଆରେଷ୍ଟ: ୧୯ କୋଟି ଟଙ୍କା ଲୁଟିନେଲେ ସାଇବର ଠକ



ଗାନ୍ଧୀନଗର, ୨୮ ।୭ (ଏଜେନ୍ସି): ଗୁଜରାଟର ଗାନ୍ଧୀନଗରରେ ଜଣେ ୬୦ ବର୍ଷୀୟ ମହିଳା ଡାକ୍ତରଙ୍କୁ ଚୂନ ଲଗାଇ ସାଇବର ଅପରାଧୀମାନେ ୧୯.୨୪ କୋଟି ଟଙ୍କା ଲୁଟି ନେଇଛନ୍ତି। ଏହାକୁ ଦେଶର ସବୁଠାରୁ ବଡ଼ ଡିଜିଟାଲ ଆରେଷ୍ଟ ବୋଲି କୁହାଯାଉଛି। ଗିରଫ୍ କରିବାର ଭୟ ଦେଖାଇ ଜଣେ ବ୍ୟକ୍ତିଙ୍କୁ ଧମକାଇବା ସହ ଘରେ ବନ୍ଦୀ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଇଥାଏ। ସାଇବର ଅପରାଧୀମାନେ ଭିଡିଓ କଲ୍‌କରି ନିଜ ପଦ ପଦବୀ କୌଣସି ଥାନା ଅଧିକାରୀଙ୍କ ଭଳି ଦେଖାଇଥାନ୍ତି। ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିବାର ଗିରଫ କରିବାର ଧମକ ଦେଇଥାନ୍ତି। ଆପ୍ ଡାଉନ୍‌ଲୋଡ କରି ନକଲି ଡିଜଟାଲ ଫର୍ମ ପୂରଣ କରିଥାନ୍ତି ଅପରାଧିମାନେ। ଡମି ଏକାଉଣ୍ଟ ସୂଚାଇ ସେଥିରେ ଟଙ୍କା ନେଣଦେଶ କରିଥାନ୍ତି। ଏହିପରି ଭାବେ ସାଇବର ଅପରାଧୀମାନେ ମହିଳା ଡାକ୍ତରଙ୍କୁ ଗରିଫଦାରୀର ଭୟ ଦେଖାଇ ମାତ୍ର ୩ ମାସ ମଧ୍ୟରେ ୧୯ କୋଟି ୨୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଗତ ମାର୍ଚ୍ଚ ମାସରେ ଠକାମୀର ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମହିଳା ଡାକ୍ତରଙ୍କୁ ଫେମା (ବିଦେଶୀ ମୁଦ୍ରା ପ୍ରବନ୍ଧନ) ନିୟମ ଉଲ୍ଲଂଘନ ଅଭିଯୋଗ ଗିରଫ କରିବାକୁ ଅପରାଧୀମାନେ ପୁଲିସ ଇନିସପେକ୍ଟର, ସରକାରୀ ଓକିଲର ପରିଚୟ ଦେଇ ଧମକ ଦେଇ ସଫଳ ହୋଇଥିଲେ। ଯେତେବେଳେ ମହିଳା ଡାକ୍ତରଜଣକ ସାଇବର ସ୍କାମ୍‌ର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ ସେତେବେଳେ ଏହା ଜଣାପଡ଼ିଥିଲା। ଏହି ମମଲାରେ ପୁଲିସ ସୁରତର ଲାଲଜିଭାଇ ବଲଦାନିଆ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପଇସା ଯୋଗାଡ କରିବାକୁ ମହିଳା ଡାକ୍ତର ଜଣକ ଗୋଲ୍ଡ ଲୋନ ମଧ୍ୟ କରିଥିଲେ। ଏହି ଠକାମୀରେ ଏତେ ଡରିଯାଇଥିଲେ ଯେ, ସେ ବିଭିନ୍ନ ସ୍ଥାନରେ ଥିବା ବେଳେ ନିଜ ଲୋକେଶନ ସେୟାର କରିବାକୁ ପଛାଇ ନଥିଲେ।



# ସଂଜୟ ଦତ୍ତଙ୍କୁ ୭୨ କୋଟି ଦାନକଲେ ମହିଳା ପ୍ରଶଂସକ

ମୁମ୍ବାଇ, ୨୮।୭ (ଏଜେନ୍ସି): ନିଜ ପ୍ରିୟ ସେଲିବ୍ରିଟିଙ୍କ ଗୋଟିଏ ଝଲକ୍ ପାଇବା ପାଇଁ ପ୍ରଶଂସକ (ଫ୍ୟାନ)ମାନେ ପାଗଳ ପ୍ରାୟ ହୋଇ ଯାଉଛନ୍ତି। କିଏ ହାତରେ ଟାଟୁ କରି ତ ଆଉ କିଏ କ୍ଷୀରାଭିଷେକ ପୁଣି କେହି ପ୍ରିୟ ସେଲିବ୍ରିଟିଙ୍କ ଶୈଳୀ ଅନୁକରଣ କରି ଚାଲୁଥିବା ଦେଖାଯାଉଛି। ଏପରି ଅନେକ ପ୍ରଶଂସକ ଅଛନ୍ତି ଯିଏ ନିଜ ପ୍ରିୟ କଳାକାରଙ୍କୁ ଭେଟିବା ପାଇଁ ଚାଲି ଚାଲି ତାଙ୍କ ପାଖରେ ପହଞ୍ଚିଛନ୍ତି। ଏବେ ଜଣେ ନିଆରା ପ୍ରଶଂସକ କାହାଣୀ ସାରା ଦେଶରେ ଚର୍ଚ୍ଚାରେ ରହିଛି। ସେ ନିଜର ସମସ୍ତ ସମ୍ପତ୍ତିକୁ ପ୍ରିୟ ଅଭିନେତା ସଞ୍ଜୟ ଦତ୍ତଙ୍କ ନାମରେ କରି ସଂସାରରୁ ବିଦାୟ ନେଇଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସମ୍ପତ୍ତି ଲକ୍ଷେ କି କୋଟିଏ ଟଙ୍କାର ନୁହେଁ, ପ୍ରାୟ ୭୨ କୋଟିର। ମୃତ୍ୟୁ ପୂର୍ବରୁ ପରିବାର ବଦଳରେ ଏହି ସମସ୍ତ ସମ୍ପତ୍ତିକୁ ନିଜ ପ୍ରିୟ ଅଭିନେତାଙ୍କୁ ପ୍ରଦାନ କରିବା ପାଇଁ ସେ ବ୍ୟାଙ୍କକୁ କହି ଯାଇଥିଲେ।

ଏହି ମହିଳାଙ୍କ ନାମ ହେଉଛି ନିଶା ପଟେଲ। ସେ ମୁମ୍ବାଇର ବାସିନ୍ଦା ଏବଂ ଜଣେ ଗୃହିଣୀ ଥିଲେ। ସେ ଦୂରାରୋଗ୍ୟରେ ପୀଡ଼ିତ ହୋଇ ୨୦୧୮ ରେ ପ୍ରାଣ ହରାଇ ଥିଲେ। ସେ ସମୟରେ ଏହି ଖବର ଖୁବ୍ ଚର୍ଚ୍ଚାରେ ଥିଲା। ଲୋକେ ଏହା ଶୁଣିବା ପରେ ମିଛି ବୋଲି କହିଥିଲେ। ମାତ୍ର ନିକଟରେ ସଞ୍ଜୟ ଦତ୍ତ ଏହି ଘଟଣାକୁ ସତ ବୋଲି କହିଛନ୍ତି। ସେ ଏକ ସାକ୍ଷାତକାରରେ ଏ ବିଷୟରେ ସୂଚନା ଦେଇଛନ୍ତି। ସେ ମହିଳାଙ୍କ ୭୨ କୋଟି ଟଙ୍କାର ସମ୍ପତ୍ତିକୁ ତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିବା ସୂଚନା ଦେଇଛନ୍ତି। ଏହା ଅଭିନେତାଙ୍କ ବ୍ୟକ୍ତିତ୍ୱକୁ ଦର୍ଶାଉଛି। ଖଳନାୟକ ଷ୍ଟାରଙ୍କ କ୍ୟାରିୟର ବିବାଦଭରା ରହିଛି। ସେ ଆତଙ୍କବାଦ ସହ ଜଡ଼ିତ ଏବଂ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ୫ ବର୍ଷ ଜେଲ୍ ଯାଇଥିଲେ।

**ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

# ଏତେ ଦିନ ପାଇଁ ଅପେକ୍ଷା କାହିଁକି?

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦିଲ୍ଲୀସ୍ଥିତ ବାସଭବନରୁ ବିପୁଳ ଟଙ୍କା ଜବତ ମାମଲାକୁ ନେଇ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ହଟାଇବା ପାଇଁ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମଧ୍ୟରେ ସେ ଦାଏର କରିଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଯାଞ୍ଚ କମିଟି ରିପୋର୍ଟକୁ ରଦ୍ଦ କରିବା ଲାଗି ଜଷ୍ଟିସ ବର୍ମାଙ୍କ ପିଟିସନ ଉପରେ ପ୍ରଶ୍ନ ଉଠାଇଛନ୍ତି କୋର୍ଟ। କୋର୍ଟ ପ୍ରଶ୍ନ କରିଛନ୍ତି ଯେ ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ଅପେକ୍ଷା କରିଥିଲେ। ଯଦି କମିଟିରେ ଭରସା ନାହିଁ, ତାହାହେଲେ ଯାଞ୍ଚ କମିଟି ସାମ୍‌ନାରେ ଆପଣ କାହିଁକି ଉପସ୍ଥିତି ହେଲେ? ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ଜାରି ହେବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରିଥିଲେ? ଏହି ନିଷ୍ପତ୍ତିକୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରିଥିଲେ କି ବୋଲି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି। ପୁଣି ଏହି ପିଟସନରେ ଜଷ୍ଟିସ ବର୍ମା କାହିଁକି ନିଜର ପରିଚୟ ଲୁଚାଇବାକୁ ଚେଷ୍ଟା କରିଛନ୍ତି। କୋର୍ଟ କହିଥିଲେ ଯେ କେବଳ ନାବାଳକ ଅପରାଧୀ, ଯୌନ ଅପରାଧର ଶିକାର ମହିଳା/ଯୁବତୀ ସେମାନଙ୍କର ପରିଚୟ ଗୁପ୍ତ ରଖିପାରିବେ।



**ଯାଞ୍ଚ କମିଟି ସାମ୍‌ନାରେ କାହିଁକି ଉପସ୍ଥିତ ହୋଇଥିଲେ**

ଆହ୍ଲାବାଦ ହାଇକୋର୍ଟର ବିଚାରପତି ବର୍ମାଙ୍କ ପକ୍ଷରୁ ଯୁକ୍ତି କରି ବରିଷ୍ଠ ଓକିଲ କପିଲ ସିବଲ କହିଲେ ଯେ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ସାର୍ବଜନୀନ ବିତର୍କର ବିଷୟ ହୋଇପାରିବେ ନାହିଁ। ଏଥିପାଇଁ ସମ୍ବିଧାନର ଧାରା ୧୨୪ ପାଳନ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ସିବଲଙ୍କୁ ସୁପ୍ରିମକୋର୍ଟ ପାଲଟା ପ୍ରଶ୍ନ ପଚାରି ଥିଲେ ଯେ ଜଷ୍ଟିସ ବର୍ମା ତଦନ୍ତ କମିଟି ସାମ୍‌ନାରେ କାହିଁକି ଉପସ୍ଥିତ ହୋଇଥିଲେ?

ଘରୁ ଟଙ୍କା ଜବତ ମାମଲାରେ ଭାରତର ପ୍ରଧାନ ବିଚାରପତିଙ୍କ ସୁପାରିସରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବଂ ଇନ-ହାଉସ କମିଟିର ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ତାଙ୍କ ପିଟିସନରେ ନିବେଦନ କରିଛନ୍ତି। ଆସନ୍ତା ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗତ ୨୩ ତାରିଖରେ ଏହି ମାମଲାର ମଧ୍ୟ ଶୁଣାଣି ହୋଇଥିଲା। ଏହି ସମୟରେ ମାମଲାରେ କିଛି ସାମ୍ବିଧାନିକ ପ୍ରସଙ୍ଗ ରହିଛି ବୋଲି ଜଷ୍ଟିସ ବର୍ମାଙ୍କ ପକ୍ଷରୁ କୁହାଯାଇଥିଲା। ତ୍ୱରିତ ଶୁଣାଣି ଲାଗି ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ନିବେଦନ କରିଥିଲେ। ଅନ୍ୟପଟେ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ୧୫୨ ସାଂସଦ ଗତ ୨୧ ତାରିଖରେ ବାଚସ୍ପତି ଓମ ବିର୍ଲାଙ୍କୁ ଦାବିପତ୍ର ଦେଇଥିଲେ। ରାଜ୍ୟସଭାର ୫୦ରୁ ଅଧିକ ସାଂସଦ ମଧ୍ୟ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ। ଏହା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

# ହରିୟାଣାରେ ସିଆର୍‌ପି ଯବାନଙ୍କୁ ହତ୍ୟା




ସୋନିପତ, ୨୮ ।୭ (ଏଜେନ୍ସି): ହରିୟାଣା ସୋନିପତରେ ଜଣେ ସିଆରପିଏଫ୍ ଯବାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ଘରୁ ଡାକିନେଇ ଏହି କାଣ୍ଡ ଘଟାଇଛନ୍ତି। ଗୁଳିର ଶବ୍ଦ ଶୁଣି ଘରଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୁଲିସ୍ ପୋଷ୍ଟମର୍ଟମ ପାଇଁ ପଠାଇଛି। ମୃତ ଜବାନ ହେଉଛନ୍ତି ଖେଡି ଦମକନ ଗାଁର କୃଷ୍ଣ। ସେ ଛତିଶଗଡ଼ରେ ନିୟୋଜିତ ଥିଲେ ଓ ଏକମାସ ଛୁଟିରେ ଆସିଥିଲେ। ସେ ଦୁଇଟି ସନ୍ତାନର ପିତା ଥିଲେ। ସେ ମାତ୍ର ୩ ଦିନ ତଳେ ଦ୍ୱିତୀୟ ସନ୍ତାନର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। କିଛିଦିନ ତଳେ ସେ ହରିଦ୍ୱାର କାଉଡି ଯାତ୍ରାରେ ଯାଇଥିଲେ ଓ ସେଠାରେ କିଛି ଯୁବକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି ବୋଲି କହିଛି।

# ବାରାବଙ୍କିର ଅବସାନେଶ୍ୱର ମନ୍ଦିରରେ ଦଳାଚକଟା; ୨ ମୃତ

ବାରାବଙ୍କି, ୨୮ ।୭ (ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର ଅବସାନେଶ୍ୱର ମନ୍ଦିରରେ ଶ୍ରାବଣମାସର ତୃତୀୟ ସୋମବାରରେ ଦଳାଚକଟା ହୋଇଛି। ଏଥିରେ ୨ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ସାମିଲ ରହିଛନ୍ତି।ମୃତକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ରବିବାର ରାତି ଅଢ଼େଇଟାରେ ଜଳାଭିଷେକ ଅବସରରେ ଭିଡ଼ କାରଣରୁ କେତେକ ଶ୍ରଦ୍ଧାଳୁ ଇଲେକ୍‌ଟ୍ରିକ ତାର ସଂସ୍ପର୍ଶରେ ଆସି କରେଣ୍ଟ ଖାଇବା ପରେ ଆତଙ୍କ ସୃଷ୍ଟି ହୋଇଥିଲା ଓ ଲୋକେ ଦୌଡ଼ାଦୌଡି ଆରମ୍ଭ କରିଥିଲେ। ଫଳରେ ଦଳାଚକଟା ହୋଇଥିଲା। ଏହି ଘଟଣାରେ ଉପମୁଖମନ୍ତ୍ରୀ ବ୍ରଜେଶ ପାଠକ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଘଟଣା ପରେ ଆମ୍ବୁଲାନ୍ସରେ ୨୯ ଜଣ ଲୋକଙ୍କୁ ହାଇଦରଗଡ଼ କମ୍ୟୁନିଟ ହେଲଥ ସେଣ୍ଟରରେ ପୁଲିସ ଭର୍ତ୍ତି କରିଥିଲା। ଜିଲ୍ଲା ମୁଖ୍ୟାଳୟଠାରୁ ଅବସାନେଶ୍ୱର ମନ୍ଦିର ୪୦ କିମି ଦୂରରେ ଅବସ୍ଥିତ। ଘଟଣା ବେଳେ ୩ ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ପାଇଁ ଧାଡିରେ ଛିଡା ହୋଇଥିଲେ। ମାଙ୍କଡମାନେ ଡେଇଁବା କାରଣରୁ ଇଲେକଟ୍ରିକ ତାର ଛିଡିଥିଲା। ଫଳରେ ଏହି ଘଟଣା ଘଟିଥିଲା ବୋଲି ମନ୍ଦିର କମିଟି ଅଧ୍ୟକ୍ଷ କହିଛନ୍ତି। ଅବଶ୍ୟ ଘଟଣା ପରେ ବିଜୁଳୀ କାଟି ଦିଆଯାଇଥିଲା ଓ ମନ୍ଦିରର ଗର୍ଭଗୃହ ଅନ୍ଧାର ହୋଇଯାଇଥିଲା। ଉଲ୍ଲେଖଥାଉ କି, ରବିବାର ସକାଳେ ହାରିଦ୍ୱାରର ମନସା ଦେବୀ ମନ୍ଦିରରେ ହୋଇଥିବା ଦଳାଚକଟାରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

# ମହିଳାଙ୍କ ସହ ସମ୍ପର୍କ ରଖି ଶାଓଲିନ୍ ବୌଦ୍ଧ ମନ୍ଦିର ମହନ୍ତ ବହିଷ୍କୃତ

ଝେଙ୍ଗଝୋଉ, ୨୮ ।୭ (ଏଜେନ୍ସି): ଚୀନର ଝେଙ୍ଗଝୋଉ ସହରରେ ଥିବା ପ୍ରସିଦ୍ଧ ଶାଓଲିନ ବୌଦ୍ଧ ମନ୍ଦିରର ପ୍ରମୁଖ ମହନ୍ତ ଶି ୟଙ୍ଗଜିନଙ୍କୁ ପଦରୁ ବହିଷ୍କାର କରାଯାଇଛି। ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିବା ଓ କେତେକ ଅବୈଧ ସନ୍ତାନର ପିତା ହେବା ଏବଂ ମନ୍ଦିର ସମ୍ପତ୍ତି ଆଉ ପାଣ୍ଠି ହଡପ କରିବା ଅଭିଯୋଗରେ ତାଙ୍କୁ ବରଖାସ୍ତ କରାଯାଇଛି। ଚାଇନା ଡେଲି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ସରକାରୀ ଏଜେନ୍ସିଗୁଡିକ ଏହି ମାମଲାରେ ବିଭିନ୍ନ ଆରୋପ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଚୀନର ବୌଦ୍ଧ ସଂଘ ଶି ୟଙ୍ଗଜିନଙ୍କଠାରୁ ତାଙ୍କ ଦୀକ୍ଷା ପ୍ରମାଣପତ୍ର



ଛଡାଇନେଇଛନ୍ତି। ୟଙ୍ଗଜିନ୍ କାର୍ଯ୍ୟ ବୌଦ୍ଧ ସମୁଦାୟର ପ୍ରତିଷ୍ଠା ଓ ଭିକ୍ଷୁଙ୍କ ଛବିକୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇବା ସହ କଳଙ୍କିତ କରିଛି ବୋଲି ସଂଘ ତରଫରୁ କୁହାଯାଇଛି। ସେ ବୌଦ୍ଧ ଧର୍ମର ମୌଳିକ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି। ୟଙ୍ଗଜିନ ୧୯୯୯ରୁ ସାଓଲିନ୍ ମନ୍ଦିରର ମଠାଧିଶ ପଦ ଅଳଙ୍କୃତ କରିଥିଲେ। ସେ ଏହି ମନ୍ଦିରକୁ ଆଧୁନିକ ବିଜନେସ ମଡେଲରେ ପରିଣତ କରିଥିଲେ। ଏଥିପାଇଁ 'ସିଇଓ ମଙ୍କ' ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ପୂର୍ବରୁ ମଧ୍ୟ ସେ ବିଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବାର ଅଭିଯୋଗ ହୋଇଥିଲା। ଏହି ମନ୍ଦିର ବୌଦ୍ଧ ଆସ୍ଥା ଓ ମାର୍ଶାଲ ଆର୍ଟର କେନ୍ଦ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା।

**କର୍ଣ୍ଣେଲ ସୋଫିଆଙ୍କ ଉପରେ ଟିପ୍ପଣୀ**

# ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ବିଷୟରେ ସୂଚନା ଦେଉଥିବା କର୍ଣ୍ଣେଲ ସୋଫିଆଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ଅନ୍‌ଲାଇନରେ କ୍ଷମା ମାଗିଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି। ମନ୍ତ୍ରୀଙ୍କ କ୍ଷମା



ପ୍ରାର୍ଥନାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। କ୍ଷମା ପ୍ରାର୍ଥନାରେ ଆନ୍ତରିକତା ନ ଥିବା କହିଛନ୍ତି। କ୍ଷମା ପ୍ରାର୍ଥନାର ଭିଡିଓରେ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା କଥାକୁ ସ୍ୱୀକାର କରାଯାଇ ନାହିଁ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ନିଜେ ଆତ୍ମଚିନ୍ତନ କରନ୍ତୁ। କେମିତି ଦୋଷର ଦଣ୍ଡ କେମିତି ଭୋଗିବେ ବିଚାର କରନ୍ତୁ। କୁଆଡେ ଗଲା ଆପଣଙ୍କ ସାର୍ବଜନୀନ କ୍ଷମା ପ୍ରାର୍ଥନା? ବାରମ୍ବାର ସୁପ୍ରିମକୋର୍ଟଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ। ଯାଞ୍ଚ ନାମରେ କ'ଣ କରାଗଲା? ଏହାର ଉତ୍ତରରେ ମନ୍ତ୍ରୀଙ୍କ ଓକିଲ କହିଥିଲେ ଯେ ଅନ୍‌ଲାଇନରେ କ୍ଷମା ମଗା ଯାଇଛି। ଆଜି ଏହାର ରେକର୍ଡ କରାଯିବ। ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏଥିରୁ ମନ୍ତ୍ରୀଙ୍କ ଆଭିମୁଖ୍ୟ କ'ଣ ତାହା ଜଣାପଡୁଛି। ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ତାଙ୍କ ବୟାନ ରେକର୍ଡ କରିବାର ଆବଶ୍ୟକତା କ'ଣ ଥିଲା? ଯେଉଁ ଲୋକଙ୍କୁ ଉତ୍ପୀଡ଼ନ ଦେଇଛନ୍ତି ତାଙ୍କର ବୟାନ ରେକର୍ଡ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଥିଲେ।

# ଜୈସାଲମେରରେ ସ୍କୁଲ ଗେଟ୍ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଜୈସାଲମେର, ୨୮ ।୭ (ଏଜେନ୍ସି): ରାଜସ୍ଥାନର ଜୈସାଲମେରର ପୁନମ ନଗରରେ ଏକ ସରକାରୀ ସ୍କୁଲ୍‌ରେ ଗେଟ୍ ପଡ଼ିବା ଫଳରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଜଣେ ଶିକ୍ଷକ ଓ ୫ ବର୍ଷର ଛୋଟ ଝିଅ ଏଥିରେ ଆହତ ହୋଇଛନ୍ତି। ରାଜକୀୟ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେନ୍ ଏଣ୍ଟ୍ରିଗେଟ୍ ପଡ଼ିବା ଫଳରେ ଏହି ଘଟଣା ଘଟିଥିଲା। ସେପଟେ ଉଦୟପୁରରେ ଏକ ସ୍କୁଲ କୋଠରୀର ପ୍ଲାଷ୍ଟର ପଡ଼ିବା ଫଳରେ ୪୫ ଜଣ ପିଲ ଅଳ୍ପକେ ବର୍ତ୍ତିଯାଇଥିଲେ। ମୃତ ଛାତ୍ର ହେଉଛନ୍ତି ଅରବାଜ ଖାନ୍ (୭)। ଆରବାଜଙ୍କ ମୃତଦେହକୁ ନେଇ ପରିବାର ଓ ଗାଁ ଲୋକେ ଧାରଣାରେ ବସିଛନ୍ତି। ଏହି ଘଟଣାରେ ଗ୍ରାମ ବିକାଶ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି।

# କେନାଲକୁ ଖସିଲା ପିକ୍‌ଅପ୍ ଭ୍ୟାନ; ୮ ମୃତ, ୩ ନିଖୋଜ

ଲୁଧିଆନା, ୨୮ ।୭ (ଏଜେନ୍ସି): ପଞ୍ଜାବର ଲୁଧିଆନାରେ ରବିବାର ବିଳମ୍ବିତ ରାତିରେ ମଲୋରକୋଟଲା ରୋଡ୍‌ରେ ଜଗୋଡା କେନାଲର ପୋଲ ଉପରୁ ଏକ ମହିନ୍ଦ୍ରା ପିକ୍‌ଅପ୍ ଗାଡି ତଳକୁ ଖସିପଡ଼ିଛି। ଏହି ଗାଡିରେ ମୋଟ୍ ୨୯ ଜଣ ଲୋକ ଯାତ୍ରା କରୁଥିଲେ। ୩ ଜଣ ଛୋଟ ପିଲା ଓ ୪ ମହିଳାଙ୍କ ସମେତ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ୨ ଜଣ କେନାଲରେ ଭାସି ଯାଇ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବାର ଜାରି ରହିଛି। ସବୁ ଲୋକ ହିମାଚଳର ମାତା ନୈନା ଦେବୀ ମନ୍ଦିର ଦର୍ଶନ କରି ଘରକୁ ଫେରୁଥିଲେ। ଏହି ପିକ୍‌ଅପ୍ ଗାଡି ଓଭରଲୋଡ ଥିଲା। ଏକ ବାହାନକୁ ଓଭରଟେକ କରିବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ ଓ ଗାଡିର ସନ୍ତୁଳନ ବିଗିଡ ଯାଇଥିଲା। ଫଳରେ ଦୁର୍ଘଟଣା ଘଟିଥିଲା। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପୁଲିସ ତରଫରୁ କୁହାଯାଇଛି।

# ଯୁଦ୍ଧବିରତି ଘୋଷଣା କଲେ ଥାଇଲାଣ୍ଡ- କାମ୍ବୋଡିଆ



ବ୍ୟାଙ୍କକ/ ନୋମ ପେନ୍, ୨୮ ।୭ (ଏଜେନ୍ସି): ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅସ୍ତ୍ରବିରତି ନେଇ ଦୁଇ ଦେଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଆମେରିକା ଓ ଚୀନ୍‌ର ମଧ୍ୟସ୍ଥତାରେ କରିବା ପରେ ଦୁଇଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ମାଲେସିଆ ରାଜଧାନୀ କୁଆଲାଲମ୍ପୁରରେ ସୋମବାର ଶାନ୍ତିବାର୍ତ୍ତା ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଥାଇଲାଣ୍ଡ ତରଫରୁ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମ୍‌ଥମ ବେଚୟଚାଇ ଓ କାମ୍ବୋଡିଆ ତରଫରୁ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ ଯୋଗ ଦେଇଥିଲେ। ଏହି ବୈଠକରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଅଧ୍ୟକ୍ଷତା କରିଥିଲେ। ଉଲ୍ଲେଖଥାଉ କି, ଦୁଇଦେଶ ମଧ୍ୟରେ ସୀମାବିବାଦ କାରଣରୁ ୩ ଦିନ ବ୍ୟାପୀ ଭିଷଣ ସଂଘର୍ଷ ଦେଖିବାକୁ ମିଳିଥିଲା। ଏକ ହଜାର ବର୍ଷର ଦୁଇଟି ଶିବ ମନ୍ଦିର ପାଇଁ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ଏହି ସଂଘର୍ଷରେ ୩୩ଜଣ ମୃତ୍ୟୁବରଣ କରିଥିଲେ ଓ ଏଥି ମଧ୍ୟରୁ ଅଧିକାଂଶ ସାଧାରଣ ଲୋକ ଥିଲେ। ମାଲେସିଆ ଏବେ ଦକ୍ଷିଣପୂର୍ବ ଏସୀୟ ଦେଶର ସଂଗଠନ ଏସିଆନ୍‌ର ଅଧ୍ୟକ୍ଷତା କରୁଛି। ତେଣୁ ଦେଶକୁ କଥାବାର୍ତ୍ତା କରିବାକୁ ମାଲେସିଆ ଏହି ବୈଠକକୁ ଡାକିଥିଲା।

# ବ୍ୟାଙ୍କକ୍‌ରେ ୫ ଲୋକଙ୍କୁ ମାରିବା ପରେ ଆତ୍ମହତ୍ୟା କଲେ ବରିଷ୍ଠ ନାଗରିକ

ବ୍ୟାଙ୍କକ୍, ୨୮ ।୭ (ଏଜେନ୍ସି): ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଜଣେ ୬୧ ବର୍ଷୀୟ ବରିଷ୍ଠ ନାଗରିକ ଏକ ବଡ଼ ଧରଣର ଅଘଟଣ ଘଟାଇଛନ୍ତି। ଏକ ଫୁଡ୍ ମାର୍କେଟ୍‌ରେ ସେ ଆଖିବୁଜା ଗୁଳି ଚଳାଇ ୫ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଏହି ଫୟାରିଂରେ ୩ ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ସୋମବାର ସ୍ଥାନୀୟ ଜନଗହଳି ସମ୍ପର୍ଣ୍ଣ ତୋର କୋର ମାର୍କେଟ୍‌ରେ ଏହି ଘଟଣା ଘଟିଥିଲା। ଏଠାରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥାଏ ଓ ଏହା ପର୍ଯ୍ୟଟକଙ୍କୁ ଲୋକପ୍ରିୟ ସ୍ଥାନ ଭାବେ ବେଶ୍ ଜଣାଶୁଣା। ଏହା ଚଟୁ ଛକ ମାର୍କେଟ୍ ନିକରରେ ଅବସ୍ଥିତ। ଗୁଳି ଚଳାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ମିଷ୍ଟର ନୋଇ ଓ ଏହାକୁ ଏକ ମାସ୍ ସୁଟିଂ ଭାବେ ଅବିହିତ କରାଯାଉଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଆକ୍ରମଣକାରୀଙ୍କ ମାନସିକ ସ୍ଥିତି କିପରି ଥିଲା ଏବଂ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ହୋଇଥିବା ସଂଘର୍ଷ ସହିତ ଏହି ଘଟଣାର ସମ୍ପର୍କ ଅଛି କି ନାହିଁ ସେ ନେଇ ପୁଲସ ଯାଞ୍ଚ କରୁଛି। ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୪ଜଣ ନିରାପତ୍ତା ରଖି ଓ ମାର୍କେଟ ଭେଣ୍ଡର ସାମିଲ ରହିଛନ୍ତି।

# ଅଗଷ୍ଟରେ ବାଂଲାଦେଶ ନିର୍ବାଚନ ନେଇ ଘୋଷଣା

ଢ଼ାକା, ୨୮ ।୭ (ଏଜେନ୍ସି): ଅଗଷ୍ଟ ପ୍ରଥମ ସପ୍ତାହରେ ବାଂଲାଦେଶରେ ନିର୍ବାଚନ ନେଇ ଘାଷଣା ହେବ ବୋଲି ଅନ୍ତରୀଣ ସରକାର ଘୋଷଣା କରିଛନ୍ତି। ଦେଶ ଉଦ୍ଦେଶରେ ବାର୍ତ୍ତା ଦେଇ ଅନ୍ତରୀଣ ସରକାର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଏ ନେଇ ଘୋଷଣା କରିବେ। ଆସନ୍ତା ବର୍ଷ ଫେବୃଆରୀ ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକାଧିକ ରାଜନୈତିକ ଦଳ ନିର୍ବାଚନ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ନିଷ୍ପକ୍ଷ ନିର୍ବାଚନ ପାଇଁ ୟୁନୁସ ପ୍ରତିଶ୍ରୁତ ଦେଇଛନ୍ତି। ଉଲ୍ଲେଖଥାଉ କି, ହିଂସକ ଛାତ୍ର ଆନ୍ଦୋଳନ ହେବା ଦ୍ୱାରା ଶେଖ ହସିନାଙ୍କ ସରକାରକୁ ଗାଦି ଛାଡିବାକୁ ପଡ଼ିଥିଲା ଓ ସ୍ଥିତି ଅସମ୍ଭାଳ ହେବା କାରଣରୁ ତାଙ୍କୁ ସେ ଦେଶ ଛାଡି ଭାରତରେ ଶରଣ ନେଇଛନ୍ତି।

# ଭାରତୀୟ ଡାକ୍ତରଙ୍କୁ ଧନ୍ୟବାଦ୍ ଦେଲେ ୟୁନୁସ୍

ଢ଼ାକା, ୨୮ ।୭ (ଏଜେନ୍ସି): ବାଂଲାଦେଶ ବିମାନ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା କରୁଥିବା ଭାରତୀୟ ଡାକ୍ତରମାନଙ୍କୁ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦୁର୍ଘଟଣାରେ ପୀଡିତମାନଙ୍କ ଚକିତ୍ସା ପାଇଁ ଭାରତ ଡାକ୍ତର ଓ ନର୍ସଙ୍କର ଦଳ ବାଂଲାଦେଶ ପଠାଇଥିଲା। ଅବଶ୍ୟ ପୀଡିତଙ୍କ ଚିକିତ୍ସା ପ୍ରକ୍ରିୟାରେ ଭାରତ ସମେତ ଚୀନ୍ ଓ ସିଙ୍ଗାପୁରର ଡାକ୍ତରମାନେ ମଧ୍ୟ ଲାଗି ପଡ଼ିଛନ୍ତି। ଢ଼ାକାସ୍ଥିତ ଷ୍ଟେଟ ଗେଷ୍ଟ ହାଉସ ଯମୁନାରେ ହୋଇଥିବା ବୈଠକରେ ଯୋଗଦେଇ ୟୁନୁସ ୨୧ଜଣ ଡାକ୍ତର ଓ ନର୍ସଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ।

# କେମିତି ଥିଲା ୩ ଘଣ୍ଟିଆ 'ଅପରେସନ ମହାଦେବ'

ଶ୍ରୀନଗର, ୨୮।୭ (ଏଜେନ୍ସି): ସୁରକ୍ଷାବାହିନୀ ସୋମବାର ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସାକୁ ଖୋଜି ନିପାତ କରିଛି। ଏହି ଆତଙ୍କବାଦୀ ପୂର୍ବରୁ ପାକିସ୍ତାନ ସେନାର ଏସଏସଜି କମାଣ୍ଡୋ ଥିଲା। ତା'କୁ ନିପାତ କରିବା ପାଇଁ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ଶ୍ରୀନଗରରେ ଥିବା ମହାଦେବ ପର୍ବତ ନାମରେ ଏହି ଅଭିଯାନର ନାମ ରଖାଯାଇଥିଲା। ଏହି ମହାଦେବ ପାହାଡ଼ର ପାଦଦେଶରେ ଥିବା ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିଲେ। ସୁରକ୍ଷାବାହିନୀ ଆତଙ୍କବାଦୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିଲା। ଇଲେକ୍‌ଟ୍ରୋନିକ ଏବଂ ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀଙ୍କ ପ୍ରତ୍ୟେକ କାର୍ଯ୍ୟକଳାପର ନଜର ରଖା ଯାଉଥିଲା। ଜୁଲାଇ ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ସୂଚନା ମିଳି ଯାଇଥିଲା। ଏକ 'ଚାଇନିଜ୍ ଅଲଟ୍ରା ରେଡିଓ କମ୍ୟୁନିକେସନ' ସକ୍ରିୟ ହୋଇଥିବାର ସୂଚନା ମିଳିଥିଲା। ଏହା ପରେ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ବାର୍ତ୍ତା ହଟାଇବା ପାଇଁ ଲସ୍କର ଆତଙ୍କବାଦୀ ଚୀନ୍ ରେଡିଓ ବ୍ୟବହାର କରୁଥିଲେ। ପହଲଗାମ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ବୋଲି ସନ୍ଦେହ କରାଯାଉଥିବା ଡାଚିଗାମ ଜଙ୍ଗଲ ଉପରେ ସେନା ନଜର ରଖିଥିଲା। ଏହି ଶିଖରଟି ବହୁତ ଉଚ୍ଚରେ ଅବସ୍ଥିତ। ଏଠାରେ ଥିବା ଆତଙ୍କବାଦୀ ଗରିଲା ଯୁଦ୍ଧର ତାଲିମ ନେଇଥିଲେ।

ସୁରକ୍ଷା ବାହିନୀ ମାତ୍ର ୧୪ ଦିନ ତଳେ ଲସ୍କର ଏବଂ ଜୈଶନ୍ ଆତଙ୍କବାଦୀଙ୍କୁ ଟ୍ରାକ୍ କରିଥିଲା। ଲସ୍କର ଏନକ୍ରିପ୍ଟେଡ୍ ମେସେଜ୍ ପାଇଁ ଚୀନ୍ ରେଡିଓ ବ୍ୟବହାର କରେ ଏବଂ ୨୦୧୬ ରେ ଏହାକୁ ଡବ୍ଲୁଓଇ ଏସଏମଏସ ମଧ୍ୟ କୁହାଯାଉଥିଲା। ଜାଣିବାକୁ ମିଳିଥିଲା ଯେ ସମସ୍ତ ଆତଙ୍କବାଦୀ ବିଦେଶୀ ନାଗରିକ ଥିଲେ। ରିପୋର୍ଟ ଅନୁସାରେ, ସୁରକ୍ଷା ବାହିନୀ ଏକ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି ହରୱାନର ମୁଳନାର ଅଞ୍ଚଳରେ ଅପରେସନ୍ ଆରମ୍ଭ କରିଥିଲେ। ସେହି ଅଞ୍ଚଳରେ ଏବେ ତଲାସୀ ଅଭିଯାନ ଜାରି ରହିଛି।

ଗତ କିଛି ଦିନ ଧରି ଏହି ଗୋଷ୍ଠୀକୁ ଟ୍ରାକ୍ କରାଯାଉଥିଲା ଏବଂ ରାତି ୨ ଟାରେ ଗୋଷ୍ଠୀଟି ଟି୮୨ ଅଲଟ୍ରାସେଟ୍ ଯୋଗାଯୋଗ ଡିଭାଇସ୍ ସକ୍ରିୟ କରା ଯାଇଥିଲା। ଏହା ଦ୍ୱାରା ଦାଚିଗାମ୍ ଜଙ୍ଗଲରେ ଲୁଚିଥିବା ଆତଙ୍କବାଦୀଙ୍କ ସଠିକ୍ ସ୍ଥାନର ସୂଚନା ମିଳିଥିଲା। ଆତଙ୍କବାଦୀଙ୍କ ପ୍ରଥମ ଫୁଟେଜ ଆଣିବା ପାଇଁ ସକାଳ ୮ଟାରେ ଡ୍ରୋନ୍ ପଠା ଯାଇଥିଲା। ସକାଳ ୯ଟା୩୦ରେ ରାଷ୍ଟ୍ରୀୟରାଇଫଲ୍ସ (ଆରଆର), ପାରା ସ୍ପେଶାଲ୍ ଫୋର୍ସର କମାଣ୍ଡୋମାନେ ସକାଳ ୧୦ଟାରେ ମହାଦେବ ପାହାଡ଼ ଉପରେ ଚଢ଼ିଥିଲେ। ମାତ୍ର ୩୦ ମିନିଟ୍ ମଧ୍ୟରେ ପାରା କମାଣ୍ଡୋମାନେ ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲେ। ସକାଳ ୧୧ଟାରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ଦୁଇ ଜଣ ନିହତ ହୋଇଥିଲେ। ଆଉ ଜଣେ ଆହତ ଆତଙ୍କବାଦୀ ପଳାଇବାକୁ ପ୍ରୟାସ କରୁଥିଲା। ତାକୁ ମଧ୍ୟ ନିହତ କରାଯାଇଥିଲା। ପରେ ଆଖପାଖର ୨ କିମି ଭିତରେ ସଫେଇ ଅଭିଯାନ ଆରମ୍ଭ କରାଯାଇଥିଲା। ୧୨ଟା ୪୫ରେ ଆତଙ୍କବାଦୀଙ୍କ ମୃତଦେହ ଚିହ୍ନଟ କରାଯାଇଥିଲା। ୩ ଘଣ୍ଟାରେ ଅଭିଯାନ ଶେଷ ହୋଇଥିଲା।

## ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

# ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୮ ।୭(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଅନ୍ୟତମ ଅଭିଯୁକ୍ତ ଓଁ ପ୍ରଧାନଙ୍କ ନାମକୁ ଚାର୍ଜସିଟରୁ ବାଦ୍

- ୫୭୪ପୃଷ୍ଠାର ଚାର୍ଜସିଟରେ ଗିରଫ ୧୦ ମଧ୍ୟରୁ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି
- ଘଟଣାର ୪୩ ଦିନରେ ଦାଖଲ ଚାର୍ଜସିଟରେ ରହିଛି ୫୦ରୁ ଊର୍ଦ୍ଧ୍ୱ ସାକ୍ଷୀଙ୍କ ନାମ
- ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ଓମ୍'ର ନାମକୁ ବାଦ ଦେଇଛି କ୍ରାଇମବ୍ରାଞ୍ଚ

ଦିଆଯାଇଥିବା ଜଣାପଡ଼ିଛି । ଖୁବ୍ଶୀଘ୍ର ଏହି ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି । ଏହାସହ ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହି ମାମଲାରେ ସାକ୍ଷୀ ଭାବେ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ତାରିଖରେ ବ୍ରହ୍ମପୁରର ଏକ ପ୍ରେମୀଯୁଗଳ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୬ଟାରେ ସେମାନେ ପାନ୍ଥନିବାସ ପଛପଟ ବେଳାଭୂମିରେ ବସିଥିବା ବେଳେ ରାତି ପ୍ରାୟ ୮ଟାରେ କିଛି ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ କିଛି ଦୂରକୁ ନେଇ ଏକ ନିକାଞ୍ଚନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମରେ ସହଯୋଗ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କଠାରୁ ନଗଦ ଏକ ହଜାର ଟଙ୍କା ଓ ଅନଲାଇନରେ ୩୦୦୦ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ପ୍ରାୟ ୧୦ଟା ପରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ । ଏହି ଘଟଣାରେ ପୁଲିସ୍ ପର୍ଯ୍ୟାୟକ୍ରମେ ମୋଟ ୧୦ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା ।

ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଗତ ଜୁନ୍ ୧୭ ତାରିଖରେ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନିଙ୍କ ନେତୃତ୍ୱରେ ଏକ ଟିମ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା । ପରେ କୋର୍ଟଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା । ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କର ଓ ପରେ ବାଳସୁଧାର ଗୃହରେ ୪ଜଣ ନାବାଳକଙ୍କ ଟିଆଇ ପରେଡ୍ କରାଯାଇଥିଲା । ଏପରିକି ଅଭିଯୁକ୍ତଙ୍କର ଡିଏନଏ ପରୀକ୍ଷା ମଧ୍ୟ କରାଯାଇଥିଲା । ତେବେ ଘଟଣାର ୪୩ଦିନ ପରେ ଆଜି ସୋମବାର କ୍ରାଇମବ୍ରାଞ୍ଚ ଡିଏସପି ସରିତା ମହାପାତ୍ର ଓ ତାଙ୍କ ଟିମ ୫୭୪ ପୃଷ୍ଠା ସମ୍ବଳିତ ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରିଛନ୍ତି । ଦାଖଲ ଚାର୍ଜସିଟ୍ରେ ଓମ୍ ପ୍ରଧାନଙ୍କର ଏହି ଘଟଣାରେ ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ବାଦ ଦିଆଯାଇଛି ।

# ବଦଳୁଛି ରଙ୍ଗ; ପିଲାଙ୍କୁ ମିଳୁନି ପୋଷାକ

ଭୁବନେଶ୍ୱର, ୨୮ ।୭(ସମିସ): ସରକାରଙ୍କ ରଙ୍ଗ ରାଜନୀତିର ଶିକାର ହୋଇଛି ଶିକ୍ଷାନୁଷ୍ଠାନ । ପ୍ରଥମେ ସ୍କୁଲ ଗୃହର ରଙ୍ଗ ପରିବର୍ତ୍ତନ କରାଯିବାକୁ କୁହାଗଲା, ପରେ ପିଲାମାନଙ୍କ ୟୁନିଫର୍ମର ରଙ୍ଗ ବଦଳାଇବାକୁ ନିଷ୍ପତ୍ତି ହେଲା । ଏବେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଇକାଡର୍, ସାର୍ଟ ଓ ଟୋପିର ରଙ୍ଗ ବି ପରିବର୍ତ୍ତନ ହେବ । ଛାତ୍ରଛାତ୍ରୀମାନେ ଏଣିକି ଗେରୁଆ ରଙ୍ଗର ଆଇ-କାର୍ଡ ପକାଇବେ । ଅନୁରୂପ ଭାବରେ ସାର୍ଟ ଓ ଟୋପିରେ ଲାଗୁଥିବା ଧଳା ଲୋଗୋକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯାଇଛି ଏବଂ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିବେ । କେବଳ ସେତିକି ନୁହେଁ, ପୂର୍ବରୁ ଲୋଗୋରେ ଲେଖାଥିବା 'ଆମେ ଗଢ଼ିବୁ - ନୂଆ ଓଡ଼ିଶା'କୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏବେ ଲୋଗୋରେ ଗେରୁଆ ରଙ୍ଗରେ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ - ବିକଶିତ ଓଡ଼ିଶା' ଲେଖା ରଖାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି, ଏତେ ସବୁ ରଙ୍ଗ ପରିବର୍ତ୍ତନ ସତ୍ତ୍ୱେ ପିଲାମାନଙ୍କୁ ଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିବାରେ ସରକାର ବିଫଳ ହୋଇଛନ୍ତି । ଜୁଲାଇ ୧୫ ତାରିଖ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ରଙ୍ଗର ପୋଷାକ ପ୍ରଦାନ କରିବାକୁ ଗତ ଜୁନ୍ ୨୬ ତାରିଖରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କାହାକୁ ମିଳିନି ପୋଷାକ । ଗୋଟିଏ ପଟେ ରଙ୍ଗ ପରିବର୍ତ୍ତନ କରାଯାଉଥିବା ବେଳେ ଅନ୍ୟପଟେ ଠିକ୍ ସମୟରେ ପୋଷାକ ପ୍ରଦାନ ନକରି ପାରିବା ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

- ବଣ୍ଟନ ପାଇଁ ଅବଧି ଥିଲା ଜୁଲାଇ ୧୫
- ଆରମ୍ଭ ହୋଇନି ପୋଷାକ କିଣା ପ୍ରକ୍ରିୟା
- ଏଯାଏଁ ଅନୁଦାନ ଦେଇ ନାହାନ୍ତି ସରକାର

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ପ୍ରଦାନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପିଲାଙ୍କୁ ପୂର୍ବ ପରି ହଳେ ଜୋତା ଓ ୨ ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଜୁଲାଇ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଓସେପା କଡ଼ା ତାଗିଦ୍ କରିଥିଲା । ମାତ୍ର ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ହେଁ ପୋଷାକ ବଣ୍ଟନ ତ ଦୂର କଥା, ପୋଷାକ କିଣିବା ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ । ଗତବର୍ଷ ପୋଷାକ ବଣ୍ଟନରେ ପ୍ରାୟ ଦୁଇମାସ ବିଳମ୍ବ ହୋଇଥିବାବେଳେ ଚଳିତବର୍ଷ ଆଉ କେତେଦିନ ଲାଗିବ ବୋଲି ଅଭିଭାବକ ଓ ଶିକ୍ଷାବିତ୍ମାନେ ପ୍ରଶ୍ନ କରିଛନ୍ତି । ସରକାର ରଙ୍ଗ ପରିବର୍ତ୍ତନ ନୁହେଁ, ବରଂ ସଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କଲେ ଛାତ୍ରଛାତ୍ରୀମାନେ ଉପକୃତ ହେବେ ବୋଲି ବହୁ ଶିକ୍ଷକ ମତବ୍ୟକ୍ତ କରିଛନ୍ତି । ଶିକ୍ଷକଙ୍କ କହିବା କଥା, ବଣ୍ଟନ ପ୍ରକ୍ରିୟା ସାରି ଜୁଲାଇ ୩୧ ତାରିଖ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି । ହେଲେ ଏବେଯାଏଁ ସରକାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)କୁ ଏନେଇ ଅନୁଦାନ ଦେଇନାହାନ୍ତି । ତାହେଲେ ବିନିଯୋଗ ପ୍ରମାଣପତ୍ର କେମିତି ଦାଖଲ କରିବୁ ବୋଲି ଓଲଟା ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

## ବିଜେଡି ନେତ୍ରୀ ଡ. ଲେଖାଶ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ

# ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୨୮ ।୭(ସମିସ): ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ, ମହିଳା ବିରୋଧୀ ଓ କୁତ୍ସିତ ମନ୍ତବ୍ୟ ବିରୋଧରେ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ଦଳର ରାଜ୍ୟସଭା ପ୍ରତିନିଧି ମଣ୍ଡଳୀଙ୍କ ସହ ଡ. ସାମନ୍ତସିଂହାର ନିଜେ କମିଶନ ଅଧ୍ୟକ୍ଷାଙ୍କୁ ଭେଟି ଶ୍ରୀ ଖଟୁଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ଫୋରମରେ ପ୍ରତିବାଦ ସତ୍ତ୍ୱେ ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ବିଜେପି ସରକାର ଓ ପୁଲିସର ନିରବତା ସମ୍ପର୍କରେ ସ୍ମାରକପତ୍ରରେ ଦଳ ଉଲ୍ଲେଖ କରିଛି ।

ସ୍ମାରକ ପତ୍ରରେ କୁହାଯାଇଛି ଯେ ଜୁଲାଇ ୨ ତାରିଖରେ ବାଲେଶ୍ୱରର ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତେଲିପାଳ ଗ୍ରାମରେ ଏକ ଦନ୍ତା ହାତୀ ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଉଦ୍ଦିଷ୍ଟ ଥିଲା । ଦଳର ନିର୍ଦ୍ଦେଶ ଅନୁଯାୟୀ ଡ଼. ସାମନ୍ତସିଂହାର ଏହି ସାମ୍ବାଦିକ ସମ୍ମିଳନୀର ନେତୃତ୍ୱ ନେଇଥିଲେ । ଉପରୋକ୍ତ ହାତୀ ମୃତ୍ୟୁ ଘଟଣାରେ



ସ୍ଥାନୀୟ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ଥିବାନେଇ ଏଥିରେ ଅଭିଯୋଗ ହୋଇଥିଲା । ସମ୍ବାଦପତ୍ରରେ ପ୍ରକାଶିତ ନ୍ୟୁଜ, ଅଡିଓ କ୍ଲିପ ଓ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବାରୁ ବିଜେଡି ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା ଏବଂ ଘଟଣାର ତ୍ୱରିତ୍ ଅନୁସନ୍ଧାନ ଦାବି କରାଯାଇଥିଲା । ମାତ୍ର ଏହି ସାମ୍ବାଦିକ ସମ୍ମିଳନୀର ମାତ୍ର ଘଣ୍ଟାଏ ମଧ୍ୟରେ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ଼. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ଓ ଅପଶବ୍ଦ ପ୍ରୟୋଗ

### ସନ୍ତୋଷ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କରିଥିଲେ । ତାଙ୍କର କୁତ୍ସିତ ଓ ଅଶାଳୀନ ଭାଷାର ଭିଡିଓ ଫୁଟେଜ ରାଜ୍ୟବାପୀ ଗଣମାଧ୍ୟମରେ ପ୍ରସାରିତ ହେବା ସହ ଜାତୀୟ ଗଣମାଧ୍ୟମରେ ଶୀର୍ଷକ ପାଲଟିଥିଲା । ଶ୍ରୀ ଖଟୁଆଙ୍କ ଏପରି ବୟାନ ଡ. ସାମନ୍ତସିଂହାରଙ୍କ ମର୍ଯ୍ୟାଦା, ପ୍ରତିଷ୍ଠା କ୍ଷୁର୍ଣ୍ଣ କରିବା ସହ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଛି ।

ଶ୍ରୀ ଖଟୁଆଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ନିମ୍ନ ସ୍ତରର ରାଜନୀତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିଜେଡି ଏହି ଘଟଣାକୁ ନେଇ ଡ. ସାମନ୍ତସିଂହାରଙ୍କୁ ଦୃଢ଼ ଭାବେ ସମର୍ଥନ କରି ଆସିଛି ଏବଂ ତାଙ୍କ ପଛରେ ଛିଡ଼ା ହୋଇଛି । ଦଳର ଆଉ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ବେଳେ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ବାଲେଶ୍ୱର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଜେ ଡ. ସାମନ୍ତସିଂହାର ଭୁବନେଶ୍ୱର ମହିଳା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ମାତ୍ର ପୁଲିସ ଏହି ଘଟଣାରେ ସମ୍ପୂର୍ଣ୍ଣ ନିରବ ରହିଛି, ତେଣୁ ଏପରି ସମୟରେ ଜାତୀୟ ମହିଳା କମିଶନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଘଟଣାର ତଦନ୍ତ ପାଇଁ କମିଶନ ତୁରନ୍ତ ଏକ ପ୍ରତିନିଧି ମଣ୍ଡଳୀକୁ ବାଲେଶ୍ୱର ନୀଳଗିରି ପଠାଇବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି । ସେହିପରି ଡ. ସାମନ୍ତ ସିଂହାର ଦାୟର କରିଥିବା ମାମଲା ଉପରେ ଶ୍ରୀ ଖଟୁଆଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ରାଜ୍ୟ ସରକାର ଏବଂ ପୁଲିସକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଛି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ଥିଲେ ।

# ଦୁର୍ଘଟଣାରେ ବାପା-ପୁଅ ମୃତ

କଣ୍ଟାବାଞ୍ଜି, ୨୮ ।୭(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମଖୁଣ୍ଟା ବୁଲାଣି ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ-ପୁଅଙ୍କ ଘଟଣାସ୍ଥଳ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଖାସବାହାଲ ଗାଁର ଅପିନ୍ଦ୍ର ଶବର (୩୬) ଓ ତାଙ୍କ ପୁଅ ହରିଓଁମ ଶବର(୧୨) । ଦୁହେଁ, ଭାବନୀପାଟଣା ପଟୁ ଖାସବାହାଲ ଗାଁକୁ ଫେରୁଥିବା ବେଳେ ଜାମଖୁଣ୍ଟା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା । ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଖଡ଼ିଆଳ-ଭାବନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ଫଳରେ ଶହଶହ ଯାନବାହନ ଜାମ ହୋଇଥିବା ବେଳେ ଯାତାୟାତ ଠପ ହୋଇଯାଇଥିଲା । ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ତହସିଲଦାର ସହ ସିନ୍ଧେକେଲା ପୁଲିସ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରି ବଙ୍ଗୋମୁଣ୍ଡା ତହସିଲଦାର ରେଡ୍କ୍ରସ ପାଣ୍ଠିରୁ ପରିବାରଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପରେ ଆନ୍ଦୋଳନରୁ ଓହରି ଯାଇଥିଲେ । ଏନେଇ ସିନ୍ଧେକେଲା ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି ।

**କ୍ଷତିପୂରଣ ଦାବିରେ ୧୬ ନଂ ରାଜ୍ୟ ରାଜପଥର ଅବରୋଧ**

# ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଠାବ; ୫ ଗିରଫ

କେନ୍ଦୁଝର, ୨୮।୭ (ସମିସ): ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସୁନାଚେନ୍ ଲୁଟ୍ପାଟ୍ କରି ପୁଲିସ୍ର ନିଦ ହଜାଇ ଦେଇଥିବା ଏକ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଆଜି କେନ୍ଦୁଝର ପୁଲିସ୍ ଠାବ କରିବା ସହ ଗ୍ୟାଙ୍ଗ୍ର ୫ ସଦସ୍ୟଙ୍କୁ ଗିରଫ କରିଛି ।



ସେମାନେ ହେଲେ, ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ. ଆଶୁ, ଏମ୍ ଅନୀଲ ଓ ସୁନୀଲ ଦାସ । ସେମାନଙ୍କଠାରୁ ପୁଲିସ୍ ୮ଟି ସୁନା ଚେନ, ୨୧ଟି ମୋବାଇଲ, ୧୪ଟି ବାଇକ୍ ଓ ନଗଦ ୧୧ହଜାର ଟଙ୍କା ଜବତ କରିଛି ପୁଲିସ । ଗିରଫ ଲୁଟେରାଙ୍କୁ ନେଇ ପୁଲିସ୍ ସହର ଭିତରେ ସିନ-ରିକ୍ରିଏସନ୍ କରାଇବା ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି । ଜିଲ୍ଲା ପୁଲିସ୍କୁ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଦଗଡୁ ଏହି ସୂଚନା ଦେଇଛନ୍ତି ।

ଗତ ୧୬ ତାରିଖ ସନ୍ଧ୍ୟାରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ଚେନ୍ ଚୋରି ଅଭିଯୋଗ ହୋଇଥିଲା । ଲୁଟେରାମାନେ ସିରିଜ୍ ଲୁଟ୍ କରି ପୁଲିସ୍କୁ ନାକେଦମ୍ କରିଦେଇଥିଲେ । ଏହା ଏକ ଗ୍ୟାଙ୍ଗ୍ର କାମ ହୋଇଥିବା ସନ୍ଦେହରେ ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ୍, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୁଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ । ଘଟଣାରେ ପୁଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଳ ଓ ପୂର୍ବକୋଟର ଗ୍ୟାଙ୍ଗ ସାମିଲ ବୋଲି ବୋଲି ଜାଣିବାକୁ ପାଇଥିଲା । ଯାଜପୁର ଜିଲ୍ଲା ପୁଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ୍ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ପୁଲିସ ଛାନଭିନ୍ରୁ ଜଣାପଡ଼ିଛି, ଓଡ଼ିଶା ଓ ଆଖପାଖ ରାଜ୍ୟରୁ ଏମାନେ ଏକ ହଜାରରୁ ଅଧିକ ଚେନ୍ ଲୁଟ୍ କରିଛନ୍ତି ।

## ଭୁବନେଶ୍ୱର ଏମ୍ସରେ ଲଜ୍ଜା

# ମହିଳା ଆଟେଣ୍ଡାଣ୍ଟଙ୍କୁ ନର୍ସିଂ ଅଫିସରଙ୍କ ଅସଦାଚରଣ

ଭୁବନେଶ୍ୱର, ୨୮ ।୭(ସମିସ): ଭୁବନେଶ୍ୱର ଏମ୍ସ ପରିସରରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ କରିଛନ୍ତି ନର୍ସିଂ ଅଫିସର୍ । ଗତ ରାତିରେ ଏହି ଘଟଣା ଘଟିଛି । ତେବେ ଅଭିଯୋଗ ପରେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅପରାହ୍ଣରେ



- ରାତି ଅଧରେ ଡାକ୍ତରଙ୍କ ଚାମ୍ବରକୁ ଡକାଇ ଅସଦାଚରଣ
- କାର୍ଯ୍ୟାନୁଷ୍ଠାନ ଦାବିରେ ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
- ଆନ୍ଦୋଳନରେ ସାମିଲ ହେଲେ ସଫେଇ କର୍ମଚାରୀ
- ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ଠପ୍

ଶତାଧିକ କର୍ମଚାରୀ ଏମ୍ସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅପରପକ୍ଷେ, ଆଟେଣ୍ଡାଣ୍ଟମାନଙ୍କ କାର୍ଯ୍ୟବନ୍ଦ ଯୋଗୁଁ ବିଭିନ୍ନ ୱାର୍ଡରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା । ସେହିପରି ସଫେଇ କର୍ମଚାରୀମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସଫାସୁତୁରା କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା । ଏମ୍ସ କର୍ତ୍ତୃପକ୍ଷ ଓ ଖଣ୍ଡଗିରି ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନଥିଲା । ସେପଟେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ପୁଲିସ ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର ୨୨ବର୍ଷୀୟା ଜଣେ ଯୁବତୀ ବିଆଇଏସ୍ କମ୍ପାନୀ ଅଧୀନରେ ଏମ୍ସରେ ଆଟେଣ୍ଡାଣ୍ଟ ଭାବେ କାମ କରୁଛନ୍ତି । ଗତରାତି ସିଫ୍ଟରେ ଯୁବତୀଜଣଙ୍କ ଡି-୫ ୱାର୍ଡରେ ଡ୍ୟୁଟି କରି ସେମିନାର ହଲରେ ଥିଲେ । ବିଳମ୍ବିତ ରାତିରେ ନର୍ସିଂ ଅଫିସର୍ ତଥା ରାଜସ୍ଥାନର ନାନୁରାମ୍ ତାଙ୍କୁ ଫୋନ୍ କରି ଡାକ୍ତରଙ୍କ ଚାମ୍ବରକୁ ଡକାଇଥିଲେ । ନର୍ସିଂ ଅଫିସର୍ ଡାକୁଥିବାରୁ କୌଣସି କାମରେ ଡାକୁଥିବା ଭାବି ଯୁବତୀଜଣଙ୍କ ସେଠାକୁ ଯାଇଥିଲେ । କିନ୍ତୁ ସେଠାରେ ପହଞ୍ଚିବା ପରେ ନାନୁ ରାମ୍ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ । ଖାଲି ସେତିକି ନୁହେଁ, ପାଖରେ ବସିବାକୁ କହିବା ସହ ଅସଦାଚରଣ କରିଥିଲେ । ତେବେ ଯୁବତୀଜଣଙ୍କ ସେଠାରୁ ପଳାଇଯିବା ସହ ସୁପରଭାଇଜର୍ଙ୍କୁ ସମସ୍ତ କଥା କହିଥିଲେ । ପରେ ସୁପରଭାଇଜର୍ ଓ ପୀଡ଼ିତା ଡାକ୍ତରଖାନା ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍)କୁ ଯାଇ ଅଭିଯୋଗ କରିଥିଲେ । ନର୍ସିଂ ଅଫିସର୍ ନାନୁ ରାମ୍ ମଧ୍ୟ ସେଠାକୁ ଆସି ନିଜ ଭୁଲ୍ ସ୍ୱୀକାର କରିବା ସହ ଅଣ୍ଡରଟେକିଂ ଲେଖିଥିଲେ । ପୀଡ଼ିତା ଆଜି ସକାଳୁ ପୁଣି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଜଣାଇବା ସହନାନୁ ରାମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଫଳରେ ଘଟଣାକୁ ନେଇ ଆଟେଣ୍ଡାଣ୍ଟ ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।



## 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ

# ବୃକ୍ଷ ବିନା ସୁନ୍ଦର ପୃଥିବୀ ପରିକଳ୍ପନା ଅସମ୍ଭବ





**ରାଉରକେଲା, ୨୮।୭ (ସମିସ)**

ଦୈନିକ 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ 'ବିଶ୍ୱ ପରିବେଶ ସଂରକ୍ଷଣ ଦିବସ' ରାଉରକେଲା ଛେଣ୍ଡସ୍ଥିତ ରିଙ୍ଗରୋଡ୍ ପାର୍ଶ୍ୱ ଭାରତ ପେଟ୍ରୋଲପମ୍ପରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଏହାସହ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଜୋନାଲ ଡିଏସ୍‌ପି ଅମରେନ୍ଦ୍ରନାଥ ଷଣ୍ଢ, ରାଉରକେଲା ଇସ୍ପାତ କାରଖାନା ସହର ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଯୋ, ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ଓ ଚିଡ଼ିଆଖାନା ବିଭାଗ ମୁଖ୍ୟ ଡ. ଅଭିଜିତ୍ ବିଶ୍ୱାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ବୃକ୍ଷ ବିନା ଏତେ ବିଶାଳ ସୁନ୍ଦର ପୃଥିବୀ ପରିକଳ୍ପନା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଅତିଥିମାନେ ବକ୍ତବ୍ୟରେ କହିବା ସହ ଦୈନିକ 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ଆୟୋଜିତ ଏହି ମହାନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପେଟ୍ରୋଲ ଓ ଡିଜେଲ୍ ନେବାକୁ ପମ୍ପକୁ ଆସୁଥିବା ୧୦୦୦ ଜଣ ଗ୍ରାହକଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ଡାଳିମ୍ବ, ନିମ୍ବ, ପଣସ, କରଞ୍ଜ, ଲିଚୁ ଆଦି ହାଇବ୍ରିଡ ଫଳ ଚାରା ବଣ୍ଟନ କରାଯାଇଥିଲା। ଦୈନିକ 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ବୃକ୍ଷ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲିମା, ଭାରତ ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ମଳୟ କୁମାର ମତଗଜସିଂହ, ସେକ୍ଟର-୭ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଛେଣ୍ଡ ଥାନା ଅଧିକାରୀ ବିଜୟ କୁମାର ସିଂହ, ଗଙ୍ଗାଧର ଦାଶ, ସୁରେଶ କଂସାରୀ, ଭଗବାନ ରାଉତ, କୈଳାଶ ରଣା, ଆକାଶ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦିଘୋଷ ଟିଭି ବ୍ୟୁରୋ ହେଡ ସ୍ୱାଗତ ଭାଷଣ ଦେଇଥିଲାବେଳେ ସକାଳ ପକ୍ଷରୁ ସୁବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି କର୍ମଚାରୀ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ

**ରାଉରକେଲା, ୨୮।୭ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ ହଲ୍‌ରେ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ପ୍ଲେଟ୍ ମିଲ୍ ବିଭାଗର ସିଜିଏମ ଏତୁଆ ଓରାମ୍ ଅଧ୍ୟକ୍ଷତା କରି ବିଭାଗର ୭ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଜିଏମ ୱାଇ କେ ରାୟ, ବୈଦ୍ୟୁତିକ ବିଭାଗର ଜିଏମ ଦୀପ୍ତଙ୍କର ମହାପାତ୍ର, ଡିଜିଏମ ଏସ କେ ନାହାକ, ଏଜିଏମ ସତ୍ୟଦେବ ଶର୍ମା, ଏଜିଏମ ବିକେ ସେନାପତିଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ଲେଟମିଲ ବିଭାଗର ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଦାସ, ବିଗିପାନ ବରିସାଲ, ଚନ୍ଦ୍ରବ୍ରତ ନନ୍ଦ, ପ୍ରଦୀପ କୁମାର ନାୟକ, ନରେନ୍ଦ୍ର ସେଠୀ, ସମୀର କୁମାର ମହାନ୍ତି ଏବଂ ହରେକୃଷ୍ଣ ଦାସ ଅନ୍ତର୍ଭୁକ୍ତ ଥିଲେ। କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସମାରୋହକୁ ପ୍ଲେଟ ମିଲ ବିଭାଗର ମ୍ୟାନେଜର ଶକ୍ତି ଶେଖର ଷଡଙ୍ଗୀ ସଂଯୋଜନା କରିଥିଲେ।

## ବିଶ୍ରା ବ୍ଲକ୍‌ରେ ଅଭିଯୋଗ ଶୁଣାଣି



**ରାଉରକେଲା/ବିଶ୍ରା, ୨୮।୭ (ସମିସ):** ବିଶ୍ରା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ନବ ନିଯୁକ୍ତ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ୯୮ଟି ଅଭିଯୋଗର ଶୁଣାଣି ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୪ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ, ବିଶ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ୩ ଜଣ ବ୍ୟକ୍ତିଗତ ରୋଗୀଙ୍କ ଅଭିଯୋଗ ପରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୫ ହଜାର ଏବଂ ଦଶ ହଜାର ଟଙ୍କା ଦିଆଯାଇଥିବା ସହ ମହିପାଣିର ତରୁ ମାହାତ ଅକର୍ମଣ୍ୟ ହୋଇ ଚାଲି ପାରୁ ନ ଥିବାରୁ ତାଙ୍କୁ ଏକ ହୁଇଲ ଚିୟାର ଦିଆଇଥିଲା। ଜରେଇକେଲାରୁ ବିଶ୍ରା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅତି ଖରାପ ହୋଇ ପଡିଥିବାରୁ ଯାତାୟାତରେ ଅସୁବିଧା ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଜାରେଇକେଲା ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଡକ୍ଟର ମହାପାତ୍ର ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ସାପ କାମୁଡ଼ାରେ ଯୁବତୀ ମୃତ

**ବଣାଇଁ, ୨୮।୭ (ସମିସ):** ବଣାଇଁ ଥାନା ଭାଲୁଡୁଙ୍ଗୁରି ପଞ୍ଚାୟତ ଅଧୀନସ୍ଥ ଦହିଚୋର ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରକାଶ ଯେ ଦହିଚୋର ଗ୍ରାମର ପିତାମ୍ବର ମହାକୁଳଙ୍କ ଝିଅ ଲିଜା ମହାକୁଳ (୨୦) ରବିବାର ରାତିରେ ଶୋଇଥିଲେ, ବିଳମ୍ବିତ ରାତିରେ ଶୋଇବା ଅବସ୍ଥାରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଜାଣିବାପରେ ଉଠିପଡ଼ି ବିଷାକ୍ତ ସାପ କାମୁଡ଼ି ଦେଇଛି ବୋଲି ବାପା ମାଆଙ୍କୁ କହିଥିଲା। ଫଳରେ ପରିବାର ଲୋକେ ମଧ୍ୟ ଖୋଜାଖୋଜି କରି ସାପକୁ ଦେଖିଥିଲେ। ଧୀରେ ଧୀରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଯୁବତୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଦୁଇ ଲୁହାପଥର ବୋଝେଇ ଟ୍ରକ୍ ଜବତ

**ବଣାଇଁ, ୨୮।୭ (ସମିସ):** ବେନିୟମ ଭାବେ ଖଣି ଅଞ୍ଚଳରୁ ଲୁହାପଥର ଚୋରା ଚାଲାଣ କରାଯାଉଥିବାବେଳେ ଦୁଇଟି ଟ୍ରକ୍‌କୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ କୁର୍ଡା ପଞ୍ଚାୟତ ୧୦(କ) କଲେଇପୋଷ - ବାହାଡାପୋଷ ରାଜ୍ୟ ରାଜପଥର ଟାଙ୍କଯୋଡା ଗ୍ରାମ ନିକଟରେ ଥିବା ନୀଳଚକ୍ର କ୍ରସର ନିକଟରୁ ଲହୁଣୀପଡ଼ା ପୁଲିସ ଦୁଇଟି ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ଜଣେ ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଟ୍ରକ୍ ଦୁଇଟି ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି କଲେଇପୋଷ- ବାହାଡାପୋଷ ରାସ୍ତାରେ ଆସୁଥିବା ବେଳେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ କିନ୍ତୁ ଟ୍ରକ ଚାଳକ ମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୁଲିସର ସନ୍ଦେହ ସୃଷ୍ଟି ହୋଇ ଥିଲା। ବିଳମ୍ବିତ ରାତିରେ ଘଟଣା ଟି ଘଟିଥିବା ରୁ ଏହାର ସୁଯୋଗ ନେଇ ଜଣେ ଚାଳକ ଟ୍ରକ ଛାଡି ଫେରାର ହୋଇ ଯାଇଥିଲା ବେଳେ ଅନ୍ୟ ଏକ ଚାଳକକୁ ନିଜ ହେପାଜତକୁ ନେବା ସହିତ ଟ୍ରକ ଦୁଇଟି କୁ ଥାନା କୁ ଆଣି କାଗଜପତ୍ର ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ ଟ୍ରକ ଦୁଇଟି ବଡବିଲ ଖଣି ଅଞ୍ଚଳରୁ ବେନିୟମ ଭାବରେ ଲୁହାପଥର ବୋଝେଇ କରି ଆସୁଥିଲେ। ଲହୁଣୀପଡ଼ା ପୁଲିସ ଲୁହାପଥର ସହିତ ଗାଡି ଦୁଇ ଟିକୁ ଜବତ କରି ଚାଳକକୁ ଅଟକ ରଖି ପଚରାଉଚରା କରିବା ସହିତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ



**ରାଉରକେଲା, ୨୮।୭ (ସମିସ) :** ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଆଜି ଦୀନା ଦସ୍ତଗୀର୍ ଯୋଗଦାନ କରିଛନ୍ତି। ୨୦୨୧ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ ଦୀନା ଦସ୍ତଗୀର୍ ଏହା ପୂର୍ବରୁ ବ୍ରହ୍ମପୁରର ଉପଜିଲ୍ଲାପାଳ ଭାବରେ କାର୍ଯ୍ୟ କରୁଥିଲେ। ଆଜି ସେ କାର୍ଯ୍ୟରେ ଯୋଗଦେଲା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ସୁଶ୍ରୀ ଦସ୍ତଗୀର୍ କହିଥିଲେ ଯେ ରାଉରକେଲାର ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରମୁଖ ସମସ୍ୟା ରହିଛି ତାକୁ ବୁଝି ସମାଧାନ କରିବାକୁ ଚେଷ୍ଟା କରିବେ। ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଆର୍‌ଏମ୍‌ସି ଅସ୍ଥାୟୀ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

# ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି



**ରାଉରକେଲା, ୨୮।୭ (ସମିସ):** ଦୀର୍ଘ ୯ ବର୍ଷ ଧରି ନ୍ୟାୟ ପାଇଁ ଲଢି ନିରାଶ ହେବା ପରେ ରାଉରକେଲା ନଗର ନିଗମ (ଆରଏମସି)ର କାର୍ଯ୍ୟ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ ମହିଳା କର୍ମଚାରୀ ସରସ୍ୱତୀ ସାମନ୍ତରାୟ ରବିବାର ଆରଏମସିର ଷ୍ଟୋରରୁମରେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସରସ୍ୱତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ସରସ୍ୱତୀ ସୋସିଆଲ ମିଡିଆରେ ଫେସବୁକ୍ ଲାଇଭ୍ କରି ତାଙ୍କର ମନର କ୍ଷୋଭପ୍ରକାଶ କରି ଆତ୍ମହତ୍ୟା କରୁଥିବା ନେଇ ପ୍ରକାଶ କରିଥିଲେ। ଏହାପରେ ସେ ଷ୍ଟୋର ରୁମରେ ଥିବା ସିଲିଂ ଫ୍ୟାନରୁ ଝୁଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଫେସବୁକ ଲାଇଭ୍‌କୁ ପୋଷ୍ଟ କରିଥିବାରୁ ଏହାକୁ ତାଙ୍କ ସହକର୍ମୀମାନେ ଦେଖି ତୁରନ୍ତ ଆରଏମ୍‌ସିର ଷ୍ଟୋରେଜ ରୁମରେ ପହଞ୍ଚି ଦ୍ୱାର ଭାଙ୍ଗି ତାଙ୍କ ଜୀବନ ବଞ୍ଚାଇଥିଲେ। ସୂଚନା ଅନୁଯାୟୀ, ପ୍ରାୟ ଦଶବର୍ଷ ପୂର୍ବରୁ ସରସ୍ୱତୀଙ୍କ ସ୍ୱାମୀ ଲଡୁକିଶୋର ସାମନ୍ତରାୟ ଡ୍ୟୁଟି ସମୟରେ ମୃତ୍ୟୁବରଣ କରିଥିଲେ। ଏହା ପରେ, ତାଙ୍କୁ ଅନୁକମ୍ପାମୂଳକ ଭାବରେ ଚାକିରିର ପ୍ରତିଶ୍ରୁତି ଦିଆଯାଇଥିଲା। ସରସ୍ୱତୀଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆ ଯାଇଥିଲା। କିନ୍ତୁ ଦୀର୍ଘ ୯ ବର୍ଷ ପରେ ବି ବାରମ୍ବାର ଅନୁରୋଧ ପରେ ତାଙ୍କୁ ଏପର୍ଯ୍ୟନ୍ତ ନିୟମିତ ନିଯୁକ୍ତି ପତ୍ର ମିଳିନଥିଲା। ଏହି ସମୟ ମଧ୍ୟରେ ତାଙ୍କୁ ଅନେକ ମାନସିକ ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଯାହାର ପ୍ରଭାବ ଏବେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଦେଖାଯାଉଛି। ଏହି ଘଟଣା ପରେ ସହକର୍ମୀଙ୍କ ମଧ୍ୟରେ ମଧ୍ୟ କ୍ରୋଧପ୍ରକାଶ ପାଇଛି ଏବଂ ସେମାନେ ଘଟଣାର ତଦନ୍ତ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ଖବରପାଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଆରଜିଏଚ୍ ଯାଇ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ

## ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୨୮।୭ (ସମିସ):** ଆଭା ଅନ୍ୱେଷ (ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ କଲ୍ୟାଣ ସଂଗଠନ) ପକ୍ଷରୁ ରାଉରକେଲାର ଡେଲି ମାର୍କେଟ ଠାରେ ଥିବା ସହର ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଶରତ କୁମାର ପତି କାର୍ଯକ୍ରମ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ହେବାକୁ ଥିବା କାର୍ଯକ୍ରମ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ କୁତ୍ରାର ବିଶ୍ରା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ଧର ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ କୁତ୍ରା ମିନା ଜେନା, ଓଡ଼ିଶା ଡ୍ରଗିଷ୍ଟ ଆସୋସିଏସନ୍‌ର ସମ୍ପାଦକ ରଞ୍ଜିତ କୁମାର ବିଶ୍ୱାଳ ଯୋଗଦେଇ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ବଳରାମ ଶତପଥୀ, ଆନନ୍ଦ ଚନ୍ଦ୍ର ମଲ୍ଲିକ, ସଂଯୁକ୍ତା ରାଉତ ଏବଂ ନମିତା ମିଶ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରମୋଦ ଭଞ୍ଜ, ଅଭୟ ସାହୁ, ଚକ୍ରଧର ମୁଦୁଲି, ସଞ୍ଜୟ ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ପଶାୟତ୍, ଇଂ ଅଜିତ ଗିରି, ପୀତବାସ ପରିଡ଼ା, ଦିପ୍ତିମୟୀ ପରିଡ଼ା, ସିପ୍ରା ସାହୁ, ନମିତା ମହାନ୍ତି, ସବିତା ବସ୍ତିଆ, ନଳିନୀ ସାହୁ, ଯଶୋବନ୍ତ ସାହୁ, ଅରବିନ୍ଦ ପାଢ଼ୀ, କାଳନ୍ଦୀ ସାହୁ, ଚନ୍ଦ୍ରଶେଖର ରାଉତ, ଅନନ୍ତ ଚରଣ ନାୟକ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ବିଦ୍ୟୁତଲତା ସୁତାର, ହରିହର ବେହେରା ଓ ଗଙ୍ଗାଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଳ ଉଦ୍ୟାନ ବିକାଶ ଓ ଜୀବିକା ପ୍ରଦାନକୁ ଗୁରୁତ୍ୱ



**ରାଉରକେଲା, ୨୮।୭ (ସମିସ):** ସ୍ଥାୟୀ ପରିବେଶ, ଜୀବିକା ଏବଂ ଗ୍ରାମୀଣ ବିକାଶ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ର, ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ନିଜସ୍ୱ ଜମିରେ ଏକ ଫଳ ଉଦ୍ୟାନ ବିକଶିତ କରିଛି। ୨୦୨୨ ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଏହି ପ୍ରକଳ୍ପ ସୁନ୍ଦରଗଡ଼ର ସେବକର ସହଭାଗୀତାରେ କାର୍ଯ୍ୟକାରୀ ହେଉଛି। ଅବ୍ୟବହୃତ ଜମିକୁ ଏକ ଉତ୍ପାଦନକ୍ଷମ, ଆୟକାରୀ ସମ୍ପଦରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି। ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟ ଏବଂ ନୂଆଗାଁ ବ୍ଲକର ବାରିଲେପଟା ଗ୍ରାମର ବାସିନ୍ଦା ଲଳିତ କୁଲୁଙ୍କ ଜମିରେ ଏହି ଚାରାରୋପଣ କରାଯାଇଥିଲା। ୨୦, ୨୩୪ ବର୍ଗ ମିଟରରୁ ଊର୍ଦ୍ଧ୍ୱ ଉକ୍ତ ଜମିରେ ୨୭୦ଟି ଫଳଗଛ ଲଗାଯାଇଛି। ଏହି ବଗିଚାଟି ଶାଗୁଆନ, ନିମ, ଜାମୁ ଏବଂ କରଞ୍ଜ ଭଳି ୩୫୦ ସୀମାନ୍ତ ଫସଲ ସହିତ ଆହୁରି ସମୃଦ୍ଧ ହୋଇଛି। ଜୈବିକ ଚାଷର ପ୍ରଚାର ପାଇଁ ଜୈବିକ ସାର ଏବଂ ନିମ ତେଲ ବ୍ୟବହାର ମାଧ୍ୟମରେ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି, ଯାହା ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଚାଷକୁ ସୁନିଶ୍ଚିତ କରୁଛି। ଏହି ପରିପ୍ରେକ୍ଷୀରେ ଲଳିତ କୁଲୁ ଆରଏସପି ନିକଟରେ କୃତଜ୍ଞ ବୋଲି କହିଛନ୍ତି। ଏହି ବଗିଚା କେବଳ ପରିବେଶକୁ ଉନ୍ନତ କରିବ ନାହିଁ ବରଂ ଆଗାମୀ ବର୍ଷଗୁଡ଼ିକରେ ମୋ ପରିବାରକୁ ଜୀବିକାର ଏକ ନିର୍ଭରଯୋଗ୍ୟ ଉତ୍ସ ମଧ୍ୟ ପ୍ରଦାନ କରିବ। ପୂର୍ବରୁ, ଏହି ଜମି ଅବ୍ୟବହୃତ ଥିଲା - ବର୍ତ୍ତମାନ ଏହା ଜୀବନ ଏବଂ ଆଶାରେ ପରିପୂର୍ଣ୍ଣ ହୋଇଛି ବୋଲି ସେ କହିଛନ୍ତି।

# ବସ୍ତିବାସିନ୍ଦାଙ୍କ ମୌଳିକ ସମସ୍ୟାର ସମାଧାନ ଦାବି

**ରାଉରକେଲା, ୨୮।୭ (ସମିସ)**

ଇସ୍ପାତ ସହରାଞ୍ଚଳ ତଥା ବସ୍ତି ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ମୌଳିକ ସମସ୍ୟା ଗୁଡିକର ସମାଧାନ ଦିଗରେ ଗୁରୁତ୍ୱାରୋପ କରିବାକୁ ନୂତନ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ସ୍ଥାନୀୟ ସର୍କିଟ ହାଉସ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁବ୍ରତ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବସ୍ତି ଅଞ୍ଚଳରେ ରହିଥିବା ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ଭଳି ମୌଳିକ ସମସ୍ୟା ଗୁଡିକର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏହାସହ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍?ରେ ନିଷ୍କ୍ରିୟତା ଓ ଅବହେଳା ଯୋଗୁଁ ସାଧାରଣ ଜନତା ଅତ୍ୟାବଶ୍ୟକ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ତେବେ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ନେତା ସୁଧୀର ସୁନ୍ଦରରାୟ, ଆର୍ତ୍ତ ମହାରଣା, ପ୍ରଶାନ୍ତ ସେଠୀ, ସତ୍ୟାନନ୍ଦ ବେହେରା, ପ୍ରବୀର ମଝି, ଜାତ୍ରୁ ଓରାମ, ଚାମର ସିଂ ମୁଣ୍ଡାରୀ, ପ୍ରହ୍ଲାଦ ନାୟକ, ଜ୍ୟୋତି ରଞ୍ଜନ ମହାନ୍ତି, ବିରଜା ପ୍ରସନ୍ନ ଦାସ, ନାରୀ ନେତ୍ରୀ ସୁଭଦ୍ରା ପ୍ରଧାନ, ଜୟନ୍ତୀ ଦାସ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡଃ ସରୋଜ କୁମାର ସାମନ୍ତ
ଅଧକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫

ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ଶୋକସନ୍ତପ୍ତ

ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
୰ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

# ବିପନ୍ନ, ଅସହାୟ ପରିବାର ପାଖେ ପହଞ୍ଚିଲେ ବିଧାୟକ



ରିଆମାଳ,୨୮।୭(ସମିସ): ବିପନ୍ନ ଓ ଅସହାୟ ପରିବାରଙ୍କୁ ଭେଟି ଦେବଗଡ଼ ଜିଲ୍ଲା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ରିଆମାଳ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଦୁଃଖ ବୁଝିଛନ୍ତି। ବ୍ଲକ୍‌ର କୁଣ୍ଢେଇଗୋଳା ପଞ୍ଚାୟତ ଅଧୀନ କୁରଡପଶି ଗାଁର ସ୍ୱର୍ଗତ କିଶୋରି ପେଣ୍ଢେଇଙ୍କ ସ୍ତ୍ରୀ ପଦ୍ମିନୀ ପେଣ୍ଢେଇ ଓ ଦୁଇ ଶିଶୁ ବାଳକ କାହ୍ନା ଓ ସୁଦାମା ଝାଟିମାଟି ଘରେ ରହି ଅତି ଦୟନୀୟ ଜୀବନଯାପନ କରୁଛନ୍ତି। ରହିବା ପାଇଁ ଭଲ ଘର ଖଣ୍ଡିଏ ନାହିଁ। ମାଟି ଲେପା, ପାଳ ଛୁଆଁ ହୋଇଥିବା ଭଙ୍ଗା ଦଦରା ଘରେ ରହୁଛନ୍ତି। ପିନ୍ଧିବାକୁ ଭଲ କପଡା ନ ଥିବା ବେଳେ ଦୁଇ ପୁଅଙ୍କ ଦେହରେ କପଡା ମଧ୍ୟ ନାହିଁ। ଅତି କଷ୍ଟଦାୟକ ଜୀବନ ବିତାଉଛନ୍ତି। ସ୍ୱାମୀ କିଶୋରିର ଦେହାନ୍ତ ହେବା ଦେଢ଼ ବର୍ଷ ବିତିଗଲା। ଏଣେ ନିଜର କହିଲେ କେହି ନାହିଁ। ସରକାରୀ ସ୍ତରରୁ ଅନ୍ତୋଦୟ ଚାଉଳ ଓ ଭତ୍ତା ପାଇ ତିନି ପ୍ରାଣୀ କୁଟୁମ୍ବ ଚଳିଥାନ୍ତି। ସେତିକିରେ ଦୁଇ ପୁଅଙ୍କୁ ଭଲ ଖାଇବା ଦେବା ସମ୍ଭବ ହୋଇପାରୁ ନାହିଁ। ଏକ ମାସରୁ ଊର୍ଦ୍ଧ୍ୱ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଘରର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏମିତି ଦୟନୀୟ ଅବସ୍ଥାରେ ଚଳୁଥିବା ଖବର ପାଇ ଉଭୟ ବିଧାୟକ ଓ ସମିତି ଅଧ୍ୟକ୍ଷ ସେମାନଙ୍କ ପାଖେ ପହଞ୍ଚିଥିଲେ। ବିଧାୟକ ବିଭିନ୍ନ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ସାହାଯ୍ୟ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦୁଇ ପୁଅ କାହ୍ନା ଓ ସୁଦାମାଙ୍କୁ ଶିଶୁ ବିଭାଗରେ ରଖି ସ୍ୱାସ୍ଥ୍ୟ, ପାଠ, ଖାଦ୍ୟ, କପଡା ଯୋଗାଇ ଦେବାକୁ ବିଧାୟକ, ସମିତି ଅଧ୍ୟକ୍ଷ ଚେଷ୍ଟା କରିବାକୁ କହିଛନ୍ତି। ସେହିପରି ଜମିପଟ୍ଟା ନ ଥିବା ଯୋଗୁଁ ସରକାରୀ ଆବାସଗୃହ ଖଣ୍ଡେ ମିଳି ପାରୁନାହିଁ। ଯଥାଶୀଘ୍ର ଜମିପଟ୍ଟା ସହ ବାସଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ବାରକୋଟ ବିଜେଡି ବ୍ଲକ୍ ସଭାପତି ହିରାଲାଲ ସାହୁ ଓ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବନ୍ୟା ପାଣିରେ ନଷ୍ଟ ହେଲା ଶହଶହ ଏକର ଧାନ ଚାଷ



## କ୍ଷତିପୂରଣ ଦାବି କଲେ ଚାଷୀ

ଝାରସୁଗୁଡ଼ା,୨୮।୭(ସମିସ)

ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡା ଜିଲ୍ଲାରେ ଇବ ନଦୀ ଏବଂ ମହାନଦୀ କୂଳ ଲଘଂ ନଦୀ କୂଳିଆ ଅଞ୍ଚଳର ଶତାଧିକ ଚାଷ ଜମିରେ ବନ୍ୟା ପାଣି ମାଡିଯାଇଛି। ଫଳରେ ଇବ, ପୁଡ଼ାପାଲି, ଜମେରା, ଜମାପାଲି, ମରାକୁଟା, ଗଣ୍ଡଘୋରା, ବଢ଼େଇକଁଟା, ନୂଆଁଡିହି ପରି ଇବ ନଦୀ କୂଳିଆ ଗାଁ ଗୁଡିକର ହଜାର ହଜାର ଏକର ଚାଷ ଜମି ପ୍ରଭାବିତ ହେବାସହ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା ପାଣି ଯୋଗୁ ଏକର ଏକର ଚାଷ ଜମି ମାଟିରେ ପୋତି ହୋଇଯାଇଛି। ଅଧିକାଂଶ ଜମିରେ ଏବେ ବି ଆଣ୍ଠୁଏ ଉଚ୍ଚର ପାଣି ଲହଡି ମାରୁଛି। ପୁଣି ଅନେକ ଜମିର ଧାନ ପଚିସଢ଼ି ନଷ୍ଟ ହୋଇଛି। ବିଲରୁ ପାଣି ଶୁଖିବା ପରେ ସେଥିରେ ଚାଷ କରିଥିବା ଧାନର ଅବସ୍ଥା କିପରି ଥିବ ତାହା ଭାବି ଚାଷୀଙ୍କ ଆଖିରୁ ନିଦ ହଜି ଗଲାଣି। ସେହିପରି ମହାନଦୀ କୂଳ ଲଘଂ ସେମଲିଆ, ସୁଖାସୋଢ଼ା, ମୁହୁଦି, ଚିଖିଲି ପରି ଅଞ୍ଚଳର ଶତାଧିକ ଚାଷ ଜମିରେ ବନ୍ୟା ଜଳ ମାଡି ଯାଇଛି। ଫଳରେ ସେଠାରେ ହୋଇଥିବା ଧାନଠୁ ନେଇ ବିଭିନ୍ନ ପନିପରିବା ଚାଷ ନଷ୍ଟ ହୋଇଛି। କ୍ଷୟକ୍ଷତିକୁ ସରକାର ଆକଳନ କରି ଶୀଘ୍ର କ୍ଷତିପୂରଣ ଯୋଗାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି ଚାଷୀ ଦାବି ଉପସ୍ଥାପନ କରିଛନ୍ତି।

## ଟାଉନସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଅତାବିରା,୨୮।୭(ସମିସ): ଟାଉନସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ସଭା ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି। କୋଶଲ ଏକ୍ସ ସର୍ଭିସମେନ ଆସୋସିଏସନ୍ ଆହ୍ୱାନ କ୍ରମେ ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ବରିଷ୍ଠ ନାଗରିକ, ମାରୱାଡ଼ି ଯୁବାମଞ୍ଚ, କୃଷକ ସଂଗଠନ, ଜନକଲ୍ୟାଣ କୁଲତା ସମାଜ, ଦୁର୍ଗା ମନ୍ଦିର କମିଟି, ଟ୍ରକ ମାଲିକ ସଂଘ, ମୁସଲିମ ସମାଜ, କୋଶଲ ଆନ୍ଧ୍ର କଲଚରାଲ୍ ଆସୋସିଏସନ୍, ବଣିକ ସଂଘ, ଭିଏସ୍‌ଏସ୍ କ୍ଲବ୍ ପ୍ରମୁଖ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇଥିଲେ। ଅତାବିରା ଏନ୍‌ଏସିରେ ୩/୪ ଥର ଟାଉନସ୍ତରୀୟ ସାମୂହିକ ସ୍ୱାଧିନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ପରେ ସାମୂହିକ ଟାଉନସ୍ତରୀୟ ସ୍ୱାଧିନତା ଦିବସ ପାଳନ ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ପୁଣି ଏକତ୍ର ଭାବେ ପାଳିବାକୁ ଉଦ୍ୟମ ଆରମ୍ଭ ହୋଇଛି।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ପଦ୍ମପୁର,୨୮।୭(ସମିସ): ପଦ୍ମପୁର ଉପଖଣ୍ଡ ସଦର ମହକୁମାଠାରେ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ୨୦୨୫କୁ ମହାସମାରୋହରେ ପାଳନ କରିବାକୁ ପଦ୍ମପୁର ଉପଜିଲ୍ଲାପାଳଙ୍କ ସଭାଗୃହ ଠାରେ ଉପଜିଲ୍ଲାପାଳ ସେହ୍ନା ଅରୁଗୁଲାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ଡେପୁଟି କଲେକ୍ଟର ନେପାଳି ମୁଣ୍ଡା, ଉପଜିଲ୍ଲାପାଳଙ୍କ ସହାୟକ ସୁଶାନ୍ତ ପତି, ଆଦର୍ଶ ଥାନା ଅଧିକାରୀ ମମତା ନାୟକ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ରାଧାମାଧବ ସତ୍ୟସାଇ ସେବା ସମିତି ଦ୍ୱାରା ପ୍ରାତଃ ୪.୩୦ମିରୁ ପ୍ରଭାତ ଫେରୀ ଗୋପାଳଜୀ ମନ୍ଦିର ଠାରୁ ଆରମ୍ଭ ହେବ। ସହରରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡିକରେ ମାଲ୍ୟାର୍ପଣ କରାଯିବ। ସ୍ୱାଧିନତା ଦିବସ ଉପଲକ୍ଷେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ ମାତୃଭାଷା ଓଡ଼ିଆ, ଇଂରାଜୀରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଇଂରାଜୀ ତର୍କ, ଓଡ଼ିଆ ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ସ୍ୱାଧିନତା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଯୋଗ୍ୟ ତଥା ଉପଖଣ୍ଡ ସ୍ତରରେ ଗୌରବାନ୍ୱିତ ହୋଇଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟ ଅତିଥି ଦ୍ୱାରା ସମ୍ମାନିତ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ମହେନ୍ଦ୍ର ସାହୁ, ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ଶେଷରେ ଉପଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କୋଲାବିରାରେ ଜନ ଅଭିଯୋଗ ଶୁଣାଣି ଶିବିର



ଝାରସୁଗୁଡା,୨୮।୭(ସମିସ): କୋଲାବିରା ପଞ୍ଚାୟତ ସମିତି ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୭ଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଶ୍ରୀ ଚୌହାନ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କର କାର୍ଯ୍ୟକ୍ଷେତ୍ରରେ ସହଯୋଗ କାମନା କରିଥିଲେ। ସମୟାନୁବର୍ତ୍ତୀ ହେବା, କାର୍ଯ୍ୟାଳୟ ପରିସର ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଓ ପ୍ଲାଷ୍ଟିକର ବ୍ୟବହାର ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ଦିନ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକ୍‌ରେ ଥିବା ନିଜ ନିଜ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରି ତତ୍ ସମ୍ପର୍କିତ ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବାଇକ ଚୋରି, ଦୁଇ ଅଭିଯୁକ୍ତ ଗିରଫ

ଝାରସୁଗୁଡା,୨୮।୭(ସମିସ): ଝାରସୁଗୁଡା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ବାଇକ ଚୋରି ଅଭିଯୋଗରେ ସୋମବାର ଦୁଇଜଣ ଅଭିଯୁକ୍ତକୁ ଓରିଏଣ୍ଟ ପୁଲିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତ ଜୁନ ୧୯ ତାରିଖରେ ଓରିଏଣ୍ଟ ଥାନା ଅଧୀନ ଦୁର୍ଗାନଗର ନିବାସୀ ରାଜେନ୍ଦ୍ର ସାହୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରାଯାଇ ଓରିଏଣ୍ଟ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରେ ସୋମାବାର ଦୁଇଜଣ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଓରିଏଣ୍ଟ ଥାନା ମଣ୍ଡଳିଆ ଅଞ୍ଚଳର ଜଜବିର ସିଂହ ଓରଫ ବୁଚି (୩୩) ଏବଂ ଘନଶ୍ୟାମ ହରିଜନ ଓରଫ ଅଜିତ(୩୮) ନିକଟରୁ ଚୋରି ବାଇକ୍‌କୁ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।



# ୱେବ୍ ମିଡିଆ ସଂଘର ବାର୍ଷିକୋତ୍ସବ ରକ୍ତଦାନ

ବରଗଡ଼,୨୮।୭(ସମିସ): ପଶ୍ଚିମ ଓଡ଼ିଶା ୱେବ ମିଡିଆ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ପାଳନ ଅବସରରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ସଂକଳ୍ପ ପରିବାର ଓ ମିଡିଆ ସଂଘର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବିଜେପୁର ବିଧାୟକ ସନତ ଗଡତିଆ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୱେବ ମିଡିଆ ସଂଘ ସଭାପତି ଅସିତ ସାହୁ, ସମ୍ପାଦକ ବଳରାମ ଦୀପଙ୍କ ସହିତ ସଂକଳ୍ପ ପରିବାରର ସମ୍ପାଦକ ଜି.ରମେଶ, ଶେଷଦେବ ପ୍ରଧାନ, ସୁରେନ୍ଦ୍ର ଭୁଏ, ନୀଳେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ଚନ୍ଦନ ପଧାନ, ବାସୁ, ନବୀନ, ଯଶବନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ।

ଭେଡେନ: ସେହିପରି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଏଁଲାପାଲି ପଞ୍ଚାୟତ ଧୁବେନପାଲି ଠାରେ ଧୁବେନପାଲି ଗ୍ରାମବାସୀ ଓ ଅମୃତ୍ କୁଟୁମ୍ବର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିର ଅମୃତ୍ କୁଟୁମ୍ବର ସଭାପତି ଆନନ୍ଦ ସୁନାଙ୍କ ସଂଯୋଜନାରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସତ୍ୟବାନ ଦାଶ, ସମ୍ମାନିତ ଅତିଥି ଭାବେ ଦେବାଶିଷ ମିଶ୍ର, ଅମୃତ କୁଟୁମ୍ବର ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ପାଢ଼ୀ ଯୋଗ ଦେଇଥିଲେ। ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ଡ.ମନୋଜିତ ବୈଷ୍ଣବ, ଟେକନିସିଆନ ଦେବାଶିଷ ମିଶ୍ର, ସନ୍ତୋଷ ଟାଡା, ଜନକ ବେହେରା, ପାଏନୁ ଭୋଇ ଓ ସଂଜୀବ ବେରା ପ୍ରମୁଖ ଭ୍ରାମ୍ୟମାଣ ଯାନ ଦ୍ୱାରା ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ତୁଷବନ୍ତ ବେହେରା, ପ୍ରକାଶ ଦାଶ, ଭୀମ ଦୁବସାଗର, ଶମ୍ଭୁ ପଧାନ, ଭୀଷ୍ମ ସିଂ ଛନ୍ଦ, ଜନ୍ମେଜୟ ମିଶ୍ର, ସୁସନଜିତ୍ ତ୍ରିପାଠୀ, ଶେଷଦେବ କର୍ଣ୍ଣ, ସୂରଜ ବେହେରା, ପ୍ରହଲ୍ଲାଦ ମେହେର, ଗୋପୀ ମେହେର, ଗୁଲେଖ ମେଲ୍ଲି ଓ ଧୁବେନପାଲି ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ଛାତ୍ରୀ ଅର୍ଚ୍ଚନା ସମ୍ବର୍ଦ୍ଧିତ

ବରପାଲି,୨୮।୭(ସମିସ): ବରପାଲି କଦଳିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଛାତ୍ରୀ ଅର୍ଚ୍ଚନା ସାହୁ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ପୁରସ୍କୃତ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ୨୦୨୨-୨୫ ଶିକ୍ଷାବର୍ଷ ଓଡ଼ିଆ ବିଭାଗ ସମ୍ମାନ ସ୍ନାତକରେ ସର୍ବୋଚ୍ଚ ନମ୍ବର (୯.୦୮) ରଖିଥିଲେ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ପରିସରରେ ଆୟୋଜିତ ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅତିଥି ମାନଙ୍କ ଗହଣରେ ପ୍ରମାଣ ପତ୍ର, ଉପଢୌକନ, ମୋମେଣ୍ଟୋ ଗ୍ରହଣ କରି ମହାବିଦ୍ୟାଳୟ ସମ୍ମାନକୁ ଦ୍ୱିଗୁଣିତ କରିଛନ୍ତି।




## ଅଲିମ ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ଜିଲ୍ଲା ସଭାପତି

ବରଗଡ଼,୨୮।୭(ସମିସ): ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ତରଫରୁ ସଂଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ପାଇଁ ନୂତନ ସଭାପତି ଭାବେ ମହମ୍ମଦ୍ ଅଲିମଙ୍କୁ ନିଯୁକ୍ତ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ମହମ୍ମଦ୍ ମକସୁଦ୍ ଆଲମଙ୍କ ଦ୍ୱାରା ଏହି ନିଯୁକ୍ତିପତ୍ର ଜାରି କରାଯାଇଛି। ତଁଜିମ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନବତା, ଏକତା, ଭାଇଚାରା ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇ ସଂଗଠନ ପ୍ରତି ଦୃଢ଼ ନିଷ୍ଠା ସହିତ କାର୍ଯ୍ୟ କରିବା ଉପରେ ଜୋର ଦିଆଯାଇଛି। ନିଯୁକ୍ତି ସନ୍ଦର୍ଭରେ ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚାର ଭୁବନେଶ୍ୱର ସ୍ଥିତ ପ୍ରାନ୍ତୀୟ କାର୍ଯ୍ୟାଳୟ ଓ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯାଇଛି।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଚାରାରୋପଣ



ଝାରସୁଗୁଡ଼ା,୨୮।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବନ ବିଭାଗ ସହାୟତାରେ ବସୁନ୍ଧରା ନଦୀକୂଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ରାଜପୁର ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇ ୨୦୦ରୁ ଊର୍ଦ୍ଧ୍ୱ ଚାରା ଲଗାଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ମଧ୍ୟ ଚାରାରୋପଣ କରିଥିଲେ।

## ନୂତନ ଜିଲ୍ଲାପାଳଙ୍କୁ ହକି ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୨୮।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ସୋମବାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି କୁଣାଲ ମୋତିରାମ ଚୌହାନଙ୍କୁ ଭେଟି ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇ ହକି ଆସୋସିଏସନର ମୁଖପତ୍ର (ମ୍ୟାଗାଜିନ ୨୦୨୫) ପ୍ରଦାନ କରିଥିଲେ। ଏହି ଅବସରରେ ଝାରସୁଗୁଡା ଜିଲ୍ଲାରେ ହକିର ସ୍ଥିତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଜିଲ୍ଲା ହକି ସଂଘ ପକ୍ଷରୁ ସଦସ୍ୟ ସିମନ ବରୁଆ, ପ୍ରଜ୍ୱଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଅଭିଷେକ ଲାଟ, ବିଜୟ ବେହେରା, କ୍ଲେମେଣ୍ଟରୋନାଲ୍ଡ ଓ ହକି ଆସୋସିଏସନର ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସଚେତନତା ଓ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

ବରଗଡ଼,୨୮।୭(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ରାଣା ପ୍ରତାପ ସ୍କୁଲର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଇଲେରିଆ ରୋଗ ଓ ତାର ପ୍ରତିକାର କିପରି କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ଗୋଟିଏ ମଶା ଆପଣଙ୍କୁ ଜୀବନ ସାରା ବିକଳାଙ୍ଗ କରି ଦେଇ ପାରେ ତେଣୁ ସତର୍କତା ଅବଲମ୍ବନ ଓ ବ୍ୟାପକ ସଚେତନତା ସହିତ ଔଷଧ ସେବନରେ ହିଁ ଜୀବନ ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରି ଆସନ୍ତା ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ଶାଲିନି ସା ଧନ୍ୟବାଦ ଅର୍ପଣ କରିଥିଲେ।

## ମାନ୍ଦଲ ଓ ଢୋଲ ବାଦକଙ୍କ କର୍ମଶାଳା

ବରଗଡ଼,୨୮।୭(ସମିସ): ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଲୋକବାଦ୍ୟ ମାନ୍ଦଲ ଓ ଢୋଲ ବଜାଇବା ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚୈତନ୍ୟ ପାଇକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ମାନ୍ଦଲ ବାଦକ ଓ ଢୋଲ ବାଦକ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସାଧନ କର୍ମୀ କଳାକାର ଖଗେଶ୍ୱର ସାହୁ, ନରେନ୍ଦ୍ର କଣ୍ଟା, ସତରଙ୍ଗୀ ବାଗ ଅନିରୁଦ୍ଧ ପାଇକ ସୁଶାନ୍ତ ବାରିକ, ସୌକିଲାଲ ଲୁହା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ଶତାଧିକ ଢୋଲ୍ ଓ ମାନ୍ଦଲ ବାଦକଙ୍କୁ ଲୋକ ବାଦ୍ୟ ପରିବେଷଣ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ଅଳିଆଗଦା ପାଲଟିଛି ଧନୁଯାତ୍ରା ପଡ଼ିଆ

ଇବଥର୍ମାଲ,୨୮।୭(ସମିସ)




କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ'। ଏହାର ଉଦାହରଣ ଝାରସୁଗୁଡା ଜିଲ୍ଲାର ଅନ୍ୟତମ ଶିଳ୍ପ ନଗରୀ ବନ୍ଧବାହାଲରେ ଦେଖିବାକୁ ମିଳିଛି। ଲଖନପୁର କୋଇଲା କ୍ଷେତ୍ର କଲୋନୀ ଅଞ୍ଚଳରେ ଗଦାଗଦା ଅଳିଆ ପଡିଛି। ବିଳମ୍ବରେ ହେଲେବି ମଝିରେ ମଝିରେ ସଫା ହେଉଛି। ମାତ୍ର ବନ୍ଧବାହାଲ ପ୍ରବେଶ ପଥରେ ଥିବା ଧନୁଯାତ୍ରା ପଡିଆକୁ ଯେ କେହି ଦେଖିବ ନାକ ଟେକିବ। ସମଗ୍ର ପଡିଆରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ପୁଣି ବର୍ଷା ଦିନ ହୋଇଥିବାରୁ ପୂତିଗନ୍ଧମୟ ପରିବେଶରେ ନାକ ଫାଟି ଯାଉଛି। ପାଖରେ ଥିବା ଦୋକାନବଜାର ଓ ପଡିଆକୁ ଲାଗି ଥିବା ସ୍କୁଲ ଉପରେ ଏହାର କୁପ୍ରଭାବ ପଡୁଥିଲେ ବି କାହାରି ଯେମିତି ନିଘା ନାହିଁ। ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର ରଥଯାତ୍ରା କମିଟି ରଥଯାତ୍ରା ବେଳକୁ ଏହି ପଡିଆରେ ମୀନାବଜାର ପଡ଼ିଥିଲା। ବାହୁଡା ସରି ମୀନାବଜାର ଯିବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ପଡିଆଟି ସଫା ହୋଇ ପାରୁନି। ଫଳରେ ଖେଳାଳି ମାନଙ୍କ ସହ ଯେଉଁମାନେ ସକାଳେ ସନ୍ଧ୍ୟାରେ ଏଠି କସରତ ଅଭ୍ୟାସ କରୁଥିଲେ ସେଥିରୁ ବଞ୍ଚିତ ହେଉଛନ୍ତି। ପଡିଆକୁ ଲାଗି ବେଲପାହାଡ ଇବଥର୍ମାଲ ମୁଖ୍ୟରାସ୍ତା ଯାଇଥିବାରୁ ପୂତିଗନ୍ଧମୟ ପରିବେଶ ଯୋଗୁଁ ଯାତ୍ରୀ ମାନେ ହନ୍ତସନ୍ତ ହେଉଛନ୍ତି। କଙ୍କଡାକୁ ଗୋଳିପାଣି ସୁହାଏ ଭଳି ମଦ ଖାଇ ଲୋକେ ପଡିଆ ଭିତରକୁ ମଦବୋତଲ ଫିଙ୍ଗୁଥିବାରୁ ପଡ଼ିଆ ସାରା ମଦ ବୋତଲ ଗଡୁଛି। ମୀନାବଜାର ଉଠିଯିବା ପରେ କମିଟି ପଡିଆକୁ ସଫା କରିବା କଥା। ହେଲେ ତାହା ହୋଇ ନଥିବାରୁ ଦିନକୁଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ମନ୍ଦିର କମିଟି ମୁଖ୍ୟ ତଥା ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପଙ୍କୁ ପଚରାଯାଇଥିଲା। ସମସ୍ୟାକୁ ହାଲୁକା ଭାବେ ନେଇ ଉପର ଠାଉରିଆ ଭାବେ ସଫା କରାଯିବ ବୋଲି କହିଛନ୍ତି ସିନା କେବେ କରାଯିବ ପ୍ରଶ୍ନର ଉତ୍ତର ସନ୍ତୋଷ ଜନକ ଦେଇନାହାନ୍ତି। ଯେତେ ଶୀଘ୍ର ହେବ ପଡିଆକୁ ସଫା କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଫାଇଲେରିଆ ନିରାକରଣ ସମନ୍ୱୟ ସମିତି ସଭା

ପଦ୍ମପୁର,୨୮।୭(ସମିସ): ଉପଜିଲ୍ଲାପାଳଙ୍କ ସଭାଗୃହରେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଉପରେ ଗୋଷ୍ଠୀ ସମନ୍ୱୟ ସମିତି ସଭା ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କ ଅଧ୍ୟକ୍ଷତାରେଅନୁଷ୍ଠିତ ହୋଇଯାଇଛି।ସଭାରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା, ଥାନାଧିକାରୀ ମମତା ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୋଳି ରାଉତ, ବିପିଏମ ସେଖ ୱାସୀମ ରାଜା, ପିଏଚଇଓ ଶିବ ପ୍ରସାଦ ବେହେରା ତଥା ବିଭିନ୍ନ ସ୍କୁଲର ଶିକ୍ଷକ ଉପସ୍ଥିତ ଥିଲେ। ଜୁନିଅର ହସ୍ପିଟାଲ ମ୍ୟାନେଜର ଦିବ୍ୟ କିଶୋର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିବିଡିଟିଏସ ପଙ୍କଜ ମେହେର ସାମୂହିକ ଔଷଧ ସେବନର କାରଣ ଓ ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ।

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।
-ମାର୍କ ଟ୍ୱେନ୍

ସକାଳ THE SAKALA

## ବୈଷମ୍ୟର ବିଡ଼ମ୍ବନା

ଆମ ଦେଶରେ ଆର୍ଥିକ ଅସମାନତା ବଢ଼ି ଚାଲିଥିବାରୁ ବର୍ଦ୍ଧିତ ମୁଣ୍ଡପିଛା ଆୟ ଅର୍ଥହୀନ ହୋଇପଡ଼ିଛି। ଅସଲରେ ଜିଡିପି ବା ସାମଗ୍ରିକ ଆୟର ମୁଖ୍ୟାଂଶ ଧନୀଙ୍କ ନିୟନ୍ତ୍ରଣରେ ଥିବାରୁ ଲୋକସଂଖ୍ୟାର ଏକ ବୃହତ୍ ଅଂଶର ଆର୍ଥିକ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁନାହିଁ। ବର୍ଦ୍ଧିତ ମୁଣ୍ଡପିଛା ଆୟ ଯାହା ଦର୍ଶାଯାଇଛି ସେହି ଅନୁପାତରେ ବ୍ୟୟ କରିବାର ଶକ୍ତି ଓ ସାମର୍ଥ୍ୟ ବଢୁନାହିଁ। ୧୪୬ କୋଟି ଜନତାଙ୍କୁ ନେଇ ମୁଣ୍ଡ ଟେକିଥିବା ବଜାର ଅର୍ଥନୀତି ଯେଉଁ ହାରରେ ଗତିଶୀଳ ହୋବାକଥା ତାହା ପରିଲକ୍ଷିତ ହେଉନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ କି ଦେଶର ଏକ ପ୍ରତିଶତ ଧନୀ ପରିବାରଙ୍କ ନିକଟରେ ପ୍ରାୟ ୧୧.୭ ଲକ୍ଷ କୋଟି ଡଲାର ମୂଲ୍ୟର ସମ୍ପତ୍ତି ମହଜୁଦ୍ ଅଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକ୍ୟୁଇଡ୍ ଆର୍ଥିକ ସମ୍ପତ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏସବୁ ସତ୍ତ୍ୱେ ଅର୍ଥନୀତିରେ ବର୍ଦ୍ଧିତ ଜିଡିପିର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସେହି ମୋଟ ଉପାର୍ଜନ ବା ଆୟ ଏତେ ବିପୁଳ ଜନସଂଖ୍ୟା ମଧ୍ୟରେ ବିଭାଜିତ ହୋଇ ଯେଉଁ ମୁଣ୍ଡପିଛା ଆୟ ଦର୍ଶାଯାଇଛି ତାହାର ଯେ ମୁଖ୍ୟ ଅଂଶ ଧନଶାଳୀଙ୍କ ନିୟନ୍ତ୍ରଣରେ ଯେ ରହିଯାଉଛି ଏକଥା ଗ୍ରହଣ କରିବାକୁ ପଡ଼ିବ। ତେଣୁ ମୁଣ୍ଡପିଛା ଆୟ ବଢୁଛି ବୋଲି ଯେଉଁ ପରିସଂଖ୍ୟାନ ସାମନାକୁ ଆସୁଛି ତାହା କ'ଣ ଯଥାର୍ଥରେ ଆମ ସାଧାରଣ ଜନତାଙ୍କ ଆୟର ଅନୁରୂପ? ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଅର୍ଥନୀତିର ଅସଲ ସ୍ୱରୂପ ସାମନାକୁ ଆସୁନାହିଁ।

ଉପରୋକ୍ତ ତର୍ଜମା ସତ୍ତ୍ୱେ ସମଗ୍ର ବିଶ୍ୱର ଅର୍ଥନୀତି ଏହି ପରିସଂଖ୍ୟାନ ଗତ ବୈଶିଷ୍ଟ୍ୟକୁ ସ୍ୱୀକୃତି ଦେଇଚାଲିଛି। ଆମ ଦେଶ ମଧ୍ୟ ସେହି ପରିସଂଖ୍ୟାନ ଭିତ୍ତିରେ ୪ର୍ଥ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ୨୦୧୩-୧୪ ରୁ ୨୦୨୪-୨୫ ବିତ୍ତୀୟ ବର୍ଷ ମଧ୍ୟରେ ବର୍ଦ୍ଧିତ ମୁଣ୍ଡପିଛା ଆୟକୁ ଭିତ୍ତିକରି ଦେଶର ଆର୍ଥିକ ପ୍ରଗତି ଘଟୁଛି ବୋଲି ସରକାର ଦାବି କରୁଛନ୍ତି। ତେବେ ଧନୀ ଓ ଗରିବଙ୍କ ମଧ୍ୟରେ ଯେଉଁ ହାରରେ ପାର୍ଥକ୍ୟ ବଢୁଛି ତାହା ନିଶ୍ଚୟ ଉଦ୍‌ବେଗଜନକ। ନିକଟରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଅର୍ଥନୀତିର ଯେଉଁ ଚିତ୍ର ଉପସ୍ଥାପନ କରିଛନ୍ତି ତାହା ସ୍ୱତନ୍ତ୍ର ଆଲୋଚନା ଦାବି କରେ। ଦେଶରେ ମୁଣ୍ଡପିଛା ଆୟ ୨୦୨୪-୨୫ ଆର୍ଥିକ ବର୍ଷରେ ୧,୧୪,୭୧୦ ଟଙ୍କାକୁ ବୃଦ୍ଧି ପାଇଛି। ଦଶବର୍ଷ ତଳେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ଟଙ୍କାରେ ସୀମିତ ଥିଲା। ଏହି ସମୟ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୫୪,୨୦୯ ଟଙ୍କାରୁ ୧୦୬୯୧୮ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଦଶକରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୨.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ନବୀନ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ମୁଣ୍ଡପିଛା ଆୟ ବୃଦ୍ଧି ପ୍ରାୟ ଦ୍ୱିଗୁଣିତ ହୋଇଛି। ଦ୍ରୁତ ଅର୍ଥନୈତିକ ପ୍ରଗତି ଓ ମୁଣ୍ଡ ପିଛା ଆୟରେ ତାହାର ପ୍ରଭାବ ଦୃଷ୍ଟିରୁ ଆମେ ସମଗ୍ର ଦେଶରେ ପ୍ରଥମ।

ଏହି ସଫଳତା ଦାବି କଲାବେଳେ ଅନ୍ୟରାଜ୍ୟର ସ୍ଥିତି ସହ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିବା ଜରୁରୀ ମନେ ହୁଏ। ଆମ ପଛକୁ କର୍ଣ୍ଣାଟକର ମୁଣ୍ଡ ପିଛା ଆୟ ବୃଦ୍ଧି ହାର ୯୩.୬% ହୋଇଛି। ଦେଶ ବା ରାଜ୍ୟରେ ମୁଣ୍ଡପିଛା ଆୟବୃଦ୍ଧି ଆର୍ଥିକ ସୁପରିଚାଳନା ଉପରେ ନିର୍ଭର କରେ। ଏକଥା ସତ ଯେ ସାମଗ୍ରିକ ଭାବେ ଦେଶର ସବୁ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିଛି, କିନ୍ତୁ ଅନୁପାତ ପରସ୍ପରଠାରୁ ଭିନ୍ନ। ଆର୍ଥିକ ବିକାଶର ଦିଗ ନିର୍ଣ୍ଣୟ, ଆଞ୍ଚଳିକ ସ୍ଥିତି ଦୃଷ୍ଟିରୁ ସୁବିଧା ସୁଯୋଗର ଅଭାବ, ସଂରଚନାଗତ ଅସମାନତା, ସର୍ବୋପରି ଶାସନତନ୍ତ୍ରରେ ଥିବା ପାର୍ଥକ୍ୟ ମୁଣ୍ଡପିଛି ଆୟ ବୃଦ୍ଧିକୁ ପ୍ରଭାବିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀଚୌଧୁରୀ ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁସବୁ କ୍ଷେତ୍ରକୁ ଓଡ଼ିଶା ସରକାର ପ୍ରାଥମିକତା ପ୍ରଦାନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ମୁଣ୍ଡପିଛା ଆୟ କ୍ଷେତ୍ରରେ ଆମଠାରୁ ପଛରେ ପଡ଼ିଥିବା ରାଜ୍ୟ ମଧ୍ୟରେ ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଆସାମ ଅନ୍ୟତମ। ୨୦୨୩-୨୪ ରେ ବିହାରର ମୁଣ୍ଡପିଛା ଆୟ ୩୨,୨୨୭, ମଧ୍ୟପ୍ରଦେଶରେ ୭୦୪୩୪, ଛତିଶଗଡ଼ରେ ୯୩,୧୬୧, ରାଜସ୍ଥାନରେ ୯୬,୬୩୮ ଓ ଆସାମରେ ହାରାହାରି ମୁଣ୍ଡପିଛା ଆୟ ୮୧,୧୨୭ ଟଙ୍କା ହୋଇଛି। ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁଯାୟୀ ଏସବୁ ରାଜ୍ୟରେ ଶାସନତାନ୍ତ୍ରିକ ପାର୍ଥକ୍ୟରୁ ପ୍ରଗତି ଆଶନୁରୂପ ହୋଇପାରିନାହିଁ ବୋଲି ଧରିନେବାକୁ ହେବ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଗତ ଦଶବର୍ଷରେ ଦେଶର ଆର୍ଥିକ ପ୍ରଗତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ମଧ୍ୟ ଆନ୍ତଃ ରାଜ୍ୟ ପରିସଂଖ୍ୟାନରୁ ଅସମାନତା ବାରି ହୋଇପଡୁଛି। ମୁଣ୍ଡପିଛା ଆୟଦୃଷ୍ଟିରୁ କର୍ଣ୍ଣାଟକ ସବୁଠାରୁ ଆଗରେ ଥିବା ବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ପରିଗଣିତ ହୋଉଛି। ଏକଦା ଅନ୍ୟତମ ଦରିଦ୍ର ରାଜ୍ୟ ରୂପେ ଓଡ଼ିଶାର କୁଖ୍ୟାତି ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ଠାରୁ ଆମର ରାଜ୍ୟର ବିକାଶ ଯେ ଅଧିକ ଗତିଶୀଳ ହୋଇଛି ଏକଥା ସ୍ୱୀକାର କରିବାକୁ ପଡ଼ିବ। ତଥାକଥିତ ବିମାରୁ ରାଜ୍ୟର କବଳରୁ ଆମେ ମୁକ୍ତ ହୋଇଛେ। ଆମେ ଜାତୀୟ ହାରକୁ ଅତିକ୍ରମ କରିପାରି ନ ଥିଲେ ମଧ୍ୟ ନିକଟବର୍ତ୍ତୀ ହୋଇଛୁ। ମୁଣ୍ଡପିଛା ଆୟ ହାର ବୃଦ୍ଧି କ୍ଷେତ୍ରରେ ୯୦ ପ୍ରତିଶତ ଅତିକ୍ରମ କରିଛନ୍ତି କେବଳ ଦୁଇଟି ରାଜ୍ୟ। ପ୍ରଥମରେ ଓଡ଼ିଶା ଓ ଦ୍ୱିତୀୟରେ କର୍ଣ୍ଣାଟକ।

ବର୍ଣ୍ଣଷ୍ଟ୍ରିନ୍ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମ ଦେଶରେ ସବୁଠାରୁ ଧନୀ ଲୋକ ଅଧିକରୁ ଅଧିକ ବିତ୍ତଶାଳୀ ହେଉଛନ୍ତି। ସେମାନଙ୍କର ୨.୭ ଲକ୍ଷ କୋଟି ଡଲାର ଲିକ୍ୟୁଇଡ୍ ଆର୍ଥିକ ସଂପତ୍ତିର ସୁପରିଚାଳନା କ୍ଷେତ୍ରରେ ପ୍ରପର୍ଟି ମ୍ୟାନେଜରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ତେବେ ଏହି ସଂଖ୍ୟା କେବଳ ୧୧ ପ୍ରତିଶତରେ ସୀମିତ ରହିଛି। ସେମାନଙ୍କର ବର୍ଦ୍ଧିତ ସଂଚୟ ଓ ଧନର ମୁଖ୍ୟଅଂଶ ଆର୍ଥିକ ସଂପତ୍ତିରେ ରୂପାନ୍ତରିତ ହୋଇଛି। ଭାରତର ପୁଞ୍ଜି ବଜାରରେ ସେମାନଙ୍କର ପ୍ରାଧାନ୍ୟ ବାରି ହୋଇ ପଡ଼ିଛି। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଘୋଷିତ ମୁଣ୍ଡପିଛା ଆୟ ସାମଗ୍ରିକ ବିକାଶର କଥା କୁହେନି। ଦେଶର ବୃହତ୍ତର ବର୍ଗଙ୍କ କ୍ରୟଶକ୍ତି ନ ବଢ଼ିବା ପର୍ଯ୍ୟନ୍ତ ଆମ ବଜାର ଅର୍ଥନୀତି ବିଶ୍ୱର ବିତ୍ତଶାଳୀ ରାଷ୍ଟ୍ରଙ୍କୁ ଆକୃଷ୍ଟ କରିପାରିବନି। ତେଣୁ ସରକାରଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ।

## ଅଙ୍ଗାରକ କୃଷି ପଦ୍ଧତି

ବିଦ୍ୟାଧର ମହାରଣା

ଜୀବଜଗତର ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଶରୀରରେ ଅଙ୍ଗାର ରହିଛି। ମାଟି, ଜଳ ଓ ବାୟୁରେ ମଧ୍ୟ ଅଙ୍ଗାର ସଜୀବ ଓ ନିର୍ଜୀବ ଆକାରରେ ରହିଛି। ଅଙ୍ଗାରଚକ୍ର ମାଧ୍ୟମରେ ସଜୀବ ଅଙ୍ଗାର ଓ ନିର୍ଜୀବ ଅଙ୍ଗାର ମଧ୍ୟରେ ପରିବର୍ତ୍ତନ ହୋଇଥାଏ। ବାୟୁ ପ୍ରଦୂଷଣ ହେଲେ ଏଥିରେ ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ବୃଦ୍ଧି ପାଏ। ଯେହେତୁ ସବୁଜଗୃହ ବାଷ୍ପ ବିଶ୍ୱର ଉତ୍ତାପ ବୃଦ୍ଧି କରି ଜଳବାୟୁ ପରିବର୍ତ୍ତନର ଏକ ମୁଖ୍ୟ କାରଣ ଏବଂ ସବୁଜଗୃହ ବାଷ୍ପ ମଧ୍ୟରେ ଅଙ୍ଗାରକାମ୍ଳ ବାଷ୍ପ ଅନ୍ୟତମ, ଏହାକୁ ବାୟୁମଣ୍ଡଳକୁ ତ୍ୟାଗ ନକରି ମୃତ୍ତିକା ମଧ୍ୟରେ ସାଇତି ରଖିବାକୁ ପ୍ରୟାସ କରାଯାଉଛି। ଏହାକୁ ଅଙ୍ଗାର କୃଷି(କାର୍ବନ ଫାର୍ମିଙ୍ଗ)ବା ଅଙ୍ଗାର ପୃଥକୀକରଣ କୁହାଯାଏ। ବିଭିନ୍ନ ଭୂମି ପରିଚାଳନା କୌଶଳ ଅନୁସରଣ କରି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପକୁ ମୃତ୍ତିକା ମଧ୍ୟରେ ଗଚ୍ଛିତ କରି ରଖାଯାଏ। ଏହାଦ୍ୱାରା ବାୟୁମଣ୍ଡଳକୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଉତ୍ସର୍ଜନ ନହୋଇ ମୃତ୍ତିକା ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇ ରହେ।

ଅଙ୍ଗାରକ କୃଷି କେତେକଙ୍କ ପାଇଁ ନୂଆ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ମଧ୍ୟ ପ୍ୟାରିସ ଚୁକ୍ତି ୨୦୧୫ରେ ଉଲ୍ଲେଖ କରାଯାଇଛି। ବାୟୁମଣ୍ଡଳରେ ସାଧାରଣତଃ ୦.୦୪% ଅଙ୍ଗାରକାମ୍ଳ ବାଷ୍ପ ଥାଏ। କିନ୍ତୁ ଜୀବାଶ୍ମ ଇନ୍ଧନରୁ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଓ କାର୍ବନ୍ ମନୋଅକ୍ସାଇଡ୍ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରେ। ପ୍ରାକ୍-ଶିଳ୍ପ ସମୟରେ ବାୟୁରେ ୨୮୦ ନିୟୁତାଂଶ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହୁଥିଲା ବେଳେ ଏବେ ଏହା ୪୨୬ ନିୟୁତାଂଶ ପର୍ଯ୍ୟନ୍ତ ବଢ଼ିଲାଣି। ସାଧାରଣତଃ ୩୫୦ ନିୟୁତାଂଶରୁ ଏହା ଅଧିକ ହେଲେ ଆମ ପାଇଁ ବିପଦଜନକ ହୋଇଥାଏ। ଏହାର ସମାଧାନ ପାଇଁ ଅଧିକ ଅଙ୍ଗାରକ ପୃଥକୀକରଣ କରି ଉଦ୍ଭିଦ ଓ ମୃତ୍ତିକା ମଧ୍ୟରେ ଗଚ୍ଛିତ ରଖା ଯାଇପାରେ। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କୃଷକଙ୍କ ରୋଜଗାର ବୃଦ୍ଧି ପାଇବ।

ଅଙ୍ଗାରକ କୃଷିର କେତେକ ବିଶେଷ ଦିଗ ହେଉଛି ଅଙ୍ଗାର ପୃଥକୀକରଣ, ପୁନରୁତ୍ଥାନ ପ୍ରକ୍ରିୟା, ସ୍ୱେଚ୍ଛାପୂର୍ବକ ଅଙ୍ଗାରକ ବଜାରରେ ଅଂଶଗ୍ରହଣ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ। ଅଙ୍ଗାରକ କୃଷି ପ୍ରଥମରେ ଅଷ୍ଟ୍ରେଲିଆ ୨୦୧୨ ମସିହାରେ ଆରମ୍ଭ କରିଥିଲା। ଘରୋଇ ଜମି ମାଲିକ କୃଷି ଓ ବନୀକରଣ ମଧ୍ୟରେ କାର୍ବନ୍ କ୍ରେଡିଟ୍ ହାସଲ କରିବା ପାଇଁ ଅଙ୍ଗାରକ କୃଷି ଅନୁଷ୍ଠାନ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। ଭାରତରେ ମଧ୍ୟ ୫୦ ଗୋଟି ଅଙ୍ଗାରକ କୃଷି ପ୍ରକଳ୍ପ ଦ୍ୱାରା ୧୬.୫ ନିୟୁତ ହେକ୍ଟର ଜମିରେ ଏହାକୁ ଆରମ୍ଭ କରାଗଲାଣି। ହରିୟାନା ଓ ମଧ୍ୟପ୍ରଦେଶ ଅନୁଧ୍ୟାନରୁ ଜଣାଯାଏ ଯେ ଏହି କୃଷି ମୁଖ୍ୟତଃ ବଡ଼ ଚାଷୀ ଗ୍ରହଣ କରୁଛନ୍ତି।

ମୋଟ ଉପରେ ଅଙ୍ଗାରକ କୃଷି ମୁଖ୍ୟତଃ ପାଞ୍ଚଟି ପଦ୍ଧତି ଅନୁସରଣ କରେ। ପ୍ରଥମ ପଦ୍ଧତି ହେଉଛି କୃଷି ବନୀକରଣ। ବନ ଜଙ୍ଗଲରେ ଅଙ୍ଗାର ଅବଶୋଷିତ ହୋଇ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇରହେ। କିନ୍ତୁ ଜଙ୍ଗଲ କ୍ଷୟ ଯୋଗୁଁ ବାୟୁମଣ୍ଡଳକୁ ପ୍ରାୟ ୧୫-୨୦ ଶତାଂଶ ପର୍ଯ୍ୟନ୍ତ ସବୁଜଗୃହ ବାଷ୍ପ ଉତ୍ସର୍ଜନ ହୋଇଥାଏ। ଆମେ ଯଦି ସଂଧାରଣୀୟ ବନୀକରଣ କରିପାରିବା ତେବେ ଏହି ଜଙ୍ଗଲ ଏକ ଅଙ୍ଗାର କୁଣ୍ଡ ସଦୃଶ ଅଙ୍ଗାରକୁ ବହୁଦିନ ଧରି ଗଚ୍ଛିତ କରି ରଖିପାରିବ। ଫସଲ ସହିତ ବୃକ୍ଷଚାଷକୁ କୃଷି ବନୀକରଣ କୁହଯାଏ। ଏହାଦ୍ୱାରା ମୃତ୍ତିକାରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇ ରହେ ଏବଂ ଜୈବବିଭିନ୍ନତା ବୃଦ୍ଧି ପାଏ। ଗଛର ପତ୍ର ଝଡ଼ି ମାଟିରେ ମିଶିଲେ ଏଗୁଡ଼ିକ ଜୈବିକ ଅଙ୍ଗାରରେ ପରିଣତ ହୋଇ ମୃତ୍ତିକା ମଧ୍ୟରେ ଗଚ୍ଛିତ ହୋଇ ରହେ।

ଦ୍ୱିତୀୟ ପଦ୍ଧତି ହେଉଛି ସଂରକ୍ଷଣ କୃଷି। ଏହି ପଦ୍ଧତିରେ ଅଙ୍ଗାର ପୃଥକୀକରଣ ପାଇଁ ବ୍ୟାପକ ସୁଯୋଗ ରହିଛି। ଜମିରେ ଆବରଣ ଫସଲ ଚାଷ କଲେ ମୃତ୍ତିକା କ୍ଷୟ ହ୍ରାସ ପାଏ ଏବଂ ମୃତ୍ତିକା ମଧ୍ୟରେ ଅଙ୍ଗାର ଗଚ୍ଛିତ ହୋଇ ରହେ। ପାରମ୍ପରିକ କୃଷିରେ ଅଧିକ କର୍ଷଣ କରିବା ଫଳରେ ମୃତ୍ତିକା କ୍ଷୟ ହୁଏ ଏବଂ ମାଟି ବସିଯାଇ ଉପ ମୃତ୍ତିକାରେ ଏକ କଠିନ ସ୍ତର ସୃଷ୍ଟି ହେବା ଫଳରେ ଜଳ ନିଷ୍କାସନ ଅସୁବିଧା ହୁଏ। ବାରମ୍ବାର ଚାଷ କଲେ ମୃତ୍ତିକାର ଉପକାରୀ ଅଣୁଜୀବ ସଂଖ୍ୟା କମିଯାଏ। ଶୂନ୍ୟ କର୍ଷଣ ବା ସର୍ବନିମ୍ନ କର୍ଷଣ ଯୋଗୁଁ ମୃତ୍ତିକାର ସଂରଚନା ପରିବର୍ତ୍ତନ ହୁଏନାହିଁ ଏବଂ ଅଧିକ ଅଙ୍ଗାର ପୃଥକୀକରଣ ସମ୍ଭବ ହୁଏ। ମୃତ୍ତିକାରେ ଉପକାରୀ ଅଣୁଜୀବ ସଂଖ୍ୟା ବୃଦ୍ଧିପାଏ ଏବଂ ହ୍ୟୁମସ ଗଠିତ ହୋଇ ମୃତ୍ତିକାର ଉର୍ବରତା ଓ ଜଳଧାରଣ ଶକ୍ତି ବୃଦ୍ଧିପାଏ। ସର୍ବନିମ୍ନ କର୍ଷଣ ସହିତ ଛାଦନ ବ୍ୟବସ୍ଥା କଲେ ମୃତ୍ତିକାର ଜୈବିକ ଗୁଣରେ ଉନ୍ନତିକରଣ ହୋଇଥାଏ ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଏ। ମୃତ୍ତିକାକୁ ସର୍ବନିମ୍ନ କର୍ଷଣ ସହିତ ଫସଲ ବିବିଧିକରଣ, ଫସଲ ପର୍ଯ୍ୟାୟ, ଅନ୍ତଃ ଫସଲ, ଛାଦନ ଓ ଉନ୍ନତ ଜଳ ପରିଚାଳନା କଲେ ମୃତ୍ତିକା ମଧ୍ୟରେ ଅଧିକ ପରିମାଣର ଅଙ୍ଗାରକ ସଞ୍ଚିତ ହୋଇ ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି କରିବା ସହ ଅଧିକ ଫସଲ ଅମଳ ଦେଇଥାଏ।

ତୃତୀୟ ପଦକ୍ଷେପ ହେଉଛି ପଶୁମାନଙ୍କ ପାଇଁ ନିୟନ୍ତ୍ରିତ ଚାରଣ। ପଶୁପାଳନ ଯୋଗୁଁ ମଳ ମୂତ୍ର ଜମି ରହିଲେ ଏଥିରୁ ମିଥେନ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଏହା ମଧ୍ୟ ସବୁଜ ଗୃହ ବାଷ୍ପ ପରିମାଣ ବୃଦ୍ଧିକରି ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କରାଏ। ପାଳି କରି ଗୃହପାଳିତ ପଶୁମାନଙ୍କୁ ଚାରଣ କଲେ ଜୈବିକ ଅଙ୍ଗାର ମାଟିରେ ସଞ୍ଚିତ ହୋଇ ରହେ ଓ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଚତୁର୍ଥ ପଦକ୍ଷେପ ହେଉଛି ସନ୍ତସନ୍ତିଆ ଜମିର ସଠିକ ପରିଚାଳନା। ଏହି ଜମି ଅଙ୍ଗାର କୁଣ୍ଡ ସଦୃଶ କାମ କରେ। ରୁଆ ଧାନରେ ଅଧିକ ଜଳ ବ୍ୟବହାର ହୁଏ ଏବଂ ଜମିରୁ ମିଥେନ ବାଷ୍ପ ନିର୍ଗତ ହୁଏ। କିନ୍ତୁ ବୁଣା ଧାନରେ ବେଶୀ ଠିଆ ପାଣି ରହୁ ନଥିବାରୁ ମିଥେନ ବାଷ୍ପ ବାହାରେ ନାହିଁ। ସୁତରାଂ ଜମିରୁ ଜଳ ନିଷ୍କାସନ ସହିତ ରୁଆଧାନ ପରିବର୍ତ୍ତେ ଧାନବୁଣା କଲେ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଜମିରେ ଉତ୍ତମ ଜଳ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପଞ୍ଚମ ପଦକ୍ଷେପ ହେଉଛି ବାୟୋଚାର ବ୍ୟବହାର। ବାୟୋଚାର ଏକ ପ୍ରକାରର ଜୈବିକ ଅଙ୍ଗାର ବା ଚାରକୋଲ୍। ଏହାକୁ ଉଦ୍ଭିଦ ଜୀବାଳି ବା ବାୟୋମାସକୁ ବିନା ଅମ୍ଳଜାନରେ ବିଘଟନ କରି ପ୍ରସ୍ତୁତ କରାଯାଏ। ବାୟୋଚାର ମାଟିରେ ପ୍ରୟୋଗ କଲେ ଏହା ମୃତ୍ତିକା ସଂଶୋଧନ କରିବା ସହିତ ମୃତ୍ତିକାରେ ଜୈବିକ ଅଙ୍ଗାର ପରିମାଣ ବୃଦ୍ଧି କରେ। ଫଳରେ ମାଟିରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇଥାଏ। ବାୟୋଚାର ମାଟିରେ ପ୍ରୟୋଗ କରିବା ଫଳରେ ମୃତ୍ତିକାରେ ଜଳ ଧାରଣ ଶକ୍ତି, ଉର୍ବରତା ଏବଂ ଉପକାରୀ ଅଣୁଜୀବଙ୍କର ସଂଖ୍ୟା ବୃଦ୍ଧି ପାଏ। ଏହାଯୋଗୁଁ ମୃତ୍ତିକାରେ ପୋଷକଚକ୍ର ବୃଦ୍ଧି ପାଇ ଫସଲ ପାଇଁ ଅଧିକ ଖାଦ୍ୟ ସାର ମିଳେ। ବାୟୋଚାର ମୃତ୍ତିକାରେ ଅଙ୍ଗାରକୁ ଶହ ଶହ ବର୍ଷ ସାଇତି ରଖିପାରେ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନକୁ ରୋକାଯାଇ ପାରେ। ସ୍ୱେଚ୍ଛାମୂଳକ ଭାବରେ କାର୍ବନ୍ କ୍ରେଡିଟ୍ ବିକ୍ରୟ କରିବାକୁ ଚାଷୀମାନେ ଅଙ୍ଗାରକ ଗଚ୍ଛିତ ଚାଷପ୍ରଣାଳୀ ଅନୁସରଣ କରିପାରନ୍ତି। ଏହାଦ୍ୱାରା ସେମାନେ ଅଙ୍ଗାର ବଜାରରେ ଅଂଶଗ୍ରହଣ କରି କିଛି ରୋଜଗାର କରିପାରିବେ। ଜାତୀୟସ୍ତରରେ କିମ୍ବା ଆନ୍ତର୍ଜାତିକ ସ୍ତରରେ ସ୍ୱେଚ୍ଛାକୃତ ଭାବରେ ଅଙ୍ଗାରକ ବଜାର ମାଧ୍ୟମରେ ଜଳବାୟୁ ଲକ୍ଷ୍ୟ ପୂରଣ କରାଯାଇ ପାରିବ।

ଅଙ୍ଗାରକ କୃଷି ପାଇଁ କେତେକ ଅସୁବିଧା ମଧ୍ୟ ରହୁଛି। ଆମର ଖଣ୍ଡ ବିଖଣ୍ଡିତ ଚାଷଜମି ଓ କ୍ଷୁଦ୍ର ଯୋତ ବଡ଼ଧରଣର ଅଙ୍ଗାରକ କୃଷି ପାଇଁ ଉପଯୁକ୍ତ ହୋଇ ନପାରେ। ଏଣୁ ଭୂସଂସ୍କାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଚାଷୀଙ୍କ ମଧ୍ୟରେ ସଚେତନତା ଏବଂ ଆର୍ଥିକ ସହାୟତା ଅଭାବ ଅଙ୍ଗାରକ କୃଷି ପାଇଁ ପ୍ରତିବନ୍ଧକ ସାଜିପାରେ। ସରକାରୀ ସ୍ତରରେ କାର୍ବନ୍ ବଜାର ଓ କାର୍ବନ୍ କ୍ରେଡିଟ୍ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ହେବା ଜରୁରୀ। ସରକାର, ଗବେଷକ, କୃଷକ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ମଧ୍ୟରେ ସହଯୋଗିତା ନହେଲେ ଅଙ୍ଗାରକ କୃଷି ସମ୍ଭବ ହେବ ନାହିଁ। ସାରାଂଶରେ କୁହାଯାଇପାରେ ଯେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ସହିତ କୃଷି ଉତ୍ପାଦନ ସ୍ଥିର ରଖିବାକୁ ହେଲେ ଅଙ୍ଗାର କୃଷି ଅଧିକ ଉପାଦେୟ ହୋଇପାରିବ। ଏହା ମଧ୍ୟ କୃଷକମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସହାୟକ ହୋଇ ପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## କଲମ ମୁନରୁ ସତ ଝରୁ

ରାକେଶ କୁମାର ପାଢ଼ୀ

ପବିତ୍ର ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ହେଲା ବିଧାନସଭା, ପ୍ରଶାସନ, ନ୍ୟାୟାଳୟ ଓ ଗଣମାଧ୍ୟମ। ବିଧାନସଭାରୁ ଯେଉଁ ଆଇନ ପ୍ରଣୟନ ହେବ ତା'କୁ ପ୍ରଶାସନ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବ। ଏହି ଶୃଙ୍ଖଳାରେ କୌଣସି ତ୍ରୁଟିବିଚ୍ୟୁତି ଘଟିଲେ ନ୍ୟାୟପାଳିକା ତା'କୁ ଶୃଙ୍ଖଳିତ କରିବ ଏବଂ ଆବଶ୍ୟକସ୍ଥଳେ ଦଣ୍ଡବିଧାନ କରିବ। ବ୍ୟବସ୍ଥାରୁ ଦୂରେଇ ରହି ମୁକ୍ତ ଓ ଅବାଧ ଦାୟିତ୍ୱ ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ରହିଛି। ସମ୍ପ୍ରତି ଏହାକୁ ଅବଲୋକନ କଲେ ଏହି ଚାରୋଟି ସ୍ତମ୍ଭ ନିଜ ଗୁରୁଦାୟିତ୍ୱ ସଠିକ ନିର୍ବାହ କରୁଛନ୍ତି କି ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମସ୍ତ ବ୍ୟବସ୍ଥା ଉପରେ ପରସ୍ତପରସ୍ତ ଧୂଳି ଜମିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜନୈତିକ ବ୍ୟବସ୍ଥା କେବଳ ଏକ କ୍ଷମତାକେନ୍ଦ୍ରରେ ପରିଣତ ହୋଇଥିବା ବେଳେ ଦଳଗୁଡ଼ିକ ନିଜ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଦେଇଥିବା ଭଳି ମନେ ହୁଏ। ପୁରପଲ୍ଲୀରୁ ଦିଲ୍ଲୀ ଯାଏଁ ଏହା ପ୍ରତୀୟମାନ। ବିହାରର ଆୟାରାମ ଗୟାରାମ ନୀତୀଶଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଶିବସେନା, ଏନସିପି ଭଳି ଅନେକ ଦୃଷ୍ଟାନ୍ତ ରହିଛି। ସେହିଭଳି ପ୍ରଶାସନିକ କଳ ରାଜନୀତିକୁ ସୁହାଇଲା ଭଳି କାମ କରିବା ଅବା ରାଜନୀତିକୁ ନିଜ ପ୍ରରୋଚନାରେ ଚଳାଇବାକୁ ଉଦ୍ୟତ ହେଉଥିବାରୁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଉପରେ ନିୟମିତ ଭିଜିଲାନ୍ସ ଚଢ଼ଉ ଓ ପୁଳା ପୁଳା କଳାଧନ ଜବତ ଘଟଣା ଏହାକୁ ପ୍ରତିପାଦିତ କରୁଛି। ଏପରିକି ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନ୍ୟାୟପାଳିକାକୁ ମଧ୍ୟ ଅସ୍ତ୍ର ରୂପରେ ବ୍ୟବହାର କରିବାର ହୀନ ପ୍ରୟାସକୁ ନ୍ୟାୟପାଳିକା ଅନେକାଂଶରେ ନିନ୍ଦା କରନ୍ତି।

ମୁକ୍ତ ଓ ଅବାଧ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ମଧ୍ୟ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ। ବୈଷୟିକ ଜ୍ଞାନକୌଶଳ ପାରମ୍ପରିକ ଗଣମାଧ୍ୟମକୁ ବହୁ ପଛକୁ ଠେଲି ଦେଇଥିବା ଆଲୋଚନା ହୁଏ। ଡିଜିଟାଲ ଯୁଗରେ କମେଣ୍ଟ, ଲାଇକ, ସେୟାର ଜରିଆରେ ଲୋକେ ତ୍ୱରିତ ବେଗରେ ଖବର ପାଉଛନ୍ତି ଏବଂ ସେଥିରେ ପ୍ରତିକ୍ରିୟା ଦେବାର ସୁଯୋଗ ବି ଅଛି। ତେବେ ଏ ସମସ୍ତ ବିଭ୍ରାଟ ପାଇଁ ଦାୟୀ କିଏ? ବୈଷୟିକ ଜ୍ଞାନକୌଶଳ ନା ବିଚାରଧାରାର ଅବମୂଲ୍ୟାୟନ? ଡିଜିଟାଲ ବା ସୋସିଆଲ ମିଡିଆ ଯୁଗରେ ସାମ୍ବାଦିକର ସ୍ଥିତି କ'ଣ? ଏଭଳି ଅନେକ ପ୍ରଶ୍ନ ଏବେ ଅସମାହିତ ଥିବା ମନେ ହୁଏ। ଗଣମାଧ୍ୟମ ହିଁ ଲୋକଙ୍କ ଜାଗ୍ରତପ୍ରହରୀ ଭଳି କାମ କରିବା କଥା। କିନ୍ତୁ କ୍ଷମତା ପିପାସୁଙ୍କ ସକାଶେ କ୍ରୀଡ଼ନକ ଭଳି କାମ କରିବା, ରାଜନୈତିକ ଅଭିସନ୍ଧିରେ ଖବର ପ୍ରସାରଣ କରିବା, ସର୍ବୋପରି ନିଜ ନୀତିଆଦର୍ଶ ଭୁଲି ସତକୁ ମିଛ, ମିଛକୁ ସତ ଭଳି ଖବର ଉପସ୍ଥାପନା ହିଁ ଆଜି ଗଣମାଧ୍ୟମଠାରୁ ଲୋକଙ୍କୁ ଦୂରେଇ ନେଇଛି କହିଲେ ଅତ୍ୟୁକ୍ତି ହେବ ନାହି। ସତ ତଳିତଳାନ୍ତ ହୋଇଛି। ମିଛ ଓ ଗୁଜବ ପ୍ରାଧାନ୍ୟ ବିସ୍ତାର କରିଛି। ଏସବୁରେ ଡିଜିଟାଲ ମିଡିଆ ସବୁଠୁ ବଳି ଯାଇଛି। ତେଣୁ ଲୋକେ ନ୍ୟୁଜ ବା ଖବର ତୁଳନାରେ ନିଜର ମନୋରଞ୍ଜନ ଓ ଓଟିଟି ପ୍ଲାଟଫର୍ମକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଲୋକଙ୍କ ସକାଶେ କେଉଁ ଖବର ସତ, କେଉଁଟା ମିଛ ତାହା ଜାଣିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। 'ଅପରେସନ ସିନ୍ଦୂର' ସମୟରେ 'ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)'ର ଫ୍ୟାକ୍ଟ ଚେକ ୟୁନିଟ କେବଳ ଭାରତରେ ୧୮ଟି ଭିନ୍ନ ଭିନ୍ନ ମିଥ୍ୟା ଖବର ବଡ଼ ବଡ଼ ଚ୍ୟାନଲରେ ପ୍ରକାଶ ପାଇଥିବା ଜାଣିବାକୁ ପାଇଥିଲା। ସେହିପରି ପାକିସ୍ତାନରେ ଏହି ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ। ତା'ସହ ପାଖାପାଖି କେବଳ ଗୁଜବ ଓ ମିଥ୍ୟା ଖବର ପ୍ରଚାର ପ୍ରସାର ପାଇଁ ଲୋକଙ୍କ ଅଯଥା ପ୍ରାଣହାନି ଘଟିବା ବି ନଜିର ରହିଛି। ମୁଖ୍ୟତଃ ସୋସିଆଲ ମିଡିଆର ପ୍ରଭାବ ଏହାକୁ ଆହୁରି ଦୁର୍ବିସହ କରିଛି। ଖ୍ୟାତନାମା ରାଜନେତା, ତାରକା କିମ୍ବା ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ପର୍କିତ ଗୁଜବ ଏକ ପ୍ରହସନରେ ପରିଣତ ହୋଇଛି। ତା' ସହ ବୋମା ଗୁଜବ, ପିଲା ଚୋର ମାତିବା ଭଳି ଅନେକ ଖବରରେ ଲୋକେ ବ୍ୟସ୍ତ ଓ ବିବ୍ରତ। ଲଗାମବିହୀନ ଏହି ଡିଜିଟାଲ ମିଡିଆର ଧାରା ଏତେମାତ୍ରାରେ ବୃଦ୍ଧି ପାଇଛି ଯେ ଏଠାରେ ସତ ଖୋଜିବା ମୂର୍ଖାମୀ ଛଡ଼ା ଆଉ କିଛି ନୁହେଁ।

ଏଭଳି ଏକ ଅନିଶ୍ଚିତ ପୃଥିବୀ, ଯେଉଁଠି ସର୍ବତ୍ର ଧୂଆଁମୟ, କୁହୁଡ଼ିମୟ, ଧୂଳିଧୂସରମୟ, ଯୁଦ୍ଧମୟ, ସେଠାରେ ମିଞ୍ଜି ମିଞ୍ଜି ହୋଇ କ୍ୱଚିତ ଗଣମାଧ୍ୟମରେ ସତ୍ୟର ଶିଖା ଜଳୁଥିବା ପରିଲକ୍ଷିତ ହୁଏ, ଯାହାକି ସମାଜ ପାଇଁ ଆଶାର ଆଲୋକ ସାଜିପାରେ। 'ଅପରେସନ ସିନ୍ଦୂର' ସମୟରେ ଲୋକେ ଭାରତ କିମ୍ବା ପାକିସ୍ତାନ ଗଣମାଧ୍ୟମ ଛାଡ଼ି ସତ୍ୟର ଅନୁସନ୍ଧାନରେ ବିବିସି, ରଏଟର ଓ କିଛି ଅନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ଖୋଜିଥିଲେ। ଯେଉଁଠି ଅନେକ ପାରମ୍ପରିକ ଗଣମାଧ୍ୟମ ମରି ହଜିବାକୁ ବସିଲେଣି, ସେଠି ବିବିସି ୧୦୫ବର୍ଷ ହେଲା ଆଜିଯାଏଁ କେମିତି ବଞ୍ଚିଛି ଏବଂ ଡିଜିଟାଲ ପ୍ଲାଟଫର୍ମରେ ତା'ର ଲୋକପ୍ରିୟତା ନିରନ୍ତର କେମିତି ବୃଦ୍ଧି ପାଇବାରେ ଲାଗିଛି ତାହା ଅନୁଶୀଳନର ବିଷୟ ନିଶ୍ଚୟ। ସରକାର ଖବର ପ୍ରସାରଣକୁ ସିନା ସ୍ୱଳ୍ପକାଳ ସକାଶେ ଚାପିଦେବେ, କିନ୍ତୁ ପ୍ରକୃତ ଖବରକୁ ମାରିବ କିଏ? ସତ କେବେ ଲୁଚି ରହେନା। ତାହା ଆଜି ନହେଲେ କାଲି ଆତ୍ମପ୍ରକାଶ ପାଇବ।

ତେବେ ଏହାକୁ ପରିପ୍ରକାଶ କରିବାର ଦାୟିତ୍ୱ ନେଇଥିବା ସାମ୍ବାଦିକ ଜଣକ ନିଷ୍କପଟ ହୋଇ ସମୟାନୁସାରେ ଏହାକୁ ପରିପ୍ରକାଶ କଲେ କୌଣସି ଶକ୍ତି ଏହାକୁ ମାରି ପାରିବନି। ବୈଷୟିକ ଜ୍ଞାନକୌଶଳ ହେଉ କିମ୍ବା ପାରମ୍ପରିକ ଗଣମାଧ୍ୟମ, ସତ୍ୟକୁ ପାଥେୟ କରି ନିଜକୁ ଆଧୁନିକତାରେ ରୂପାନ୍ତରଣ କରି ଲେଖନୀ ମୁନର ସ୍ରୋତକୁ ସତ୍ୟରେ ବ୍ରତୀ କଲେ ପାଠକପାଠିକା, ଦର୍ଶକ, ଶ୍ରୋତା କେହି ମୁହଁ ଫେରାଇବେନି ବରଂ ପ୍ରଶଂସାରେ ପୋତିଦେବେ। ଅଥଚ ଏହାର ମୂଳଦୁଆ ସତ୍ୟରୁ ହିଁ ପରିପ୍ରକାଶ ହେବା ଆବଶ୍ୟକ। ଏହାହିଁ ସବୁ ସମସ୍ୟା ସମାଧାନର ମୂଳମନ୍ତ୍ର। ଯଦି ସମସ୍ତେ ସତ କହିବା, ସତ ଲେଖିବା, ସତ୍ୟରେ ଯଦି ବଞ୍ଚିବା ତେବେ ଆମ ଗାଁ, ଆମ ସହର, ଆମ ଦେଶ, ଆମ ପୃଥିବୀ ସବୁ ଦିଗରୁ ସମୃଦ୍ଧ ଓ ସୁନ୍ଦର ହେବ। ଅରାଜକତା ଲୋପ ପାଇବ। ସମସ୍ତେ ସ୍ୱଚ୍ଛ ହେବେ। ସମସ୍ତ ବ୍ୟବସ୍ଥା ଆପଣାଛାଏଁ ସଠିକ ମାର୍ଗ ଖୋଜିବ। ଚାଲନ୍ତୁ ସମସ୍ତେ ପଣ କରିବା; ଫେଣାରୁ ମହୁ ଭଳି କଲମ ମୁନରୁ ସତ ଝରୁ। ଏଠାରେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ କାଳଜୟୀ କବିତା ଫକ୍ତିକୁ ସାମ୍ବାଦିକମାନେ ଜୀବନମନ୍ତ୍ର କରିବା ଉଚିତ, ଯାହା ଦୃପ୍ତ ଓ ନିର୍ଭୀକ ଭାବରେ ଘୋଷଣା କରେ - 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି। ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡ଼ା ନାହିଁ ହେ...'।

ଜୟପୁର, ମୋ: ୮୨୪୯୨୭୭୭୬୩

## ବିକଳ୍ପ ଚିନି ଓ ସ୍ୱାସ୍ଥ୍ୟ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସୁମିଷ୍ଟ ଖାଦ୍ୟ ଲାଗି ଆମର ଆକର୍ଷଣ ଜନ୍ମଗତ। ଏହା ମୂଳରେ ରହିଛି ବିବର୍ତ୍ତନୀୟ ପ୍ରଭାବ। ଆଦ୍ୟକାଳରେ ମଣିଷକୁ ପ୍ରବଳ ଶାରୀରିକ ଶ୍ରମ କରିବାକୁ ପଡୁଥିଲା। ସେଥିପାଇଁ ତା'ର ଆବଶ୍ୟକ ହେଉଥିଲା ଅଧିକ ଶକ୍ତି। ସୁମିଷ୍ଟ ପାଚିଲା ଫଳ ଭୋଜନ ଦ୍ୱାରା ସେ ଏହା ପ୍ରାପ୍ତ ହେଉଥିଲା। କ୍ରମେ ଏପ୍ରକୃତି ତା'ର ଜୈବିକ ଚରିତ୍ରରେ ଲିପିବଦ୍ଧ ହୋଇଗଲା। ଆମ ମସ୍ତିଷ୍କରେ ସୁମିଷ୍ଟ ଖାଦ୍ୟ ଅଧିକ ମାତ୍ରାରେ କ୍ଷରଣ ଘଟାଇଥାଏ 'ଡୋପାମିନ୍' ହରମୋନ୍। ଏହା ଆମକୁ ଆନନ୍ଦଦାୟୀ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ଖାଦ୍ୟପ୍ରତି ଆକର୍ଷଣ ବୃଦ୍ଧି କରିଥାଏ। ପୁନଶ୍ଚ ଏପରି ଖାଦ୍ୟ ଶରୀରରେ 'ସେରୋଟୋନିନ୍' ନାମକ ସ୍ନାୟୁ ସଂଚରକର ମଧ୍ୟ ମାତ୍ରାବୃଦ୍ଧି ଘଟାଏ, ଯାହାକି ଆମ ଭାବନାକୁ ଉତ୍ତୋଳିତ କରେ ଏବଂ ମନକୁ ପ୍ରଫୁଲ୍ଲ ରଖେ। ଅତଏବ ଆମେ ଅଧିକରୁ ଅଧିକ ସୁମିଷ୍ଟ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉ। ତେବେ ଏହାର ପରିଣାମ ନକାରାତ୍ମକ ହେବାରେ ଲାଗିଛି। ଏହା ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଶରୀରର ଓଜନ ବୃଦ୍ଧି, ପୃଥୁଳତା, ଟାଇପ୍-୨ ମଧୁମେହ, ନାନାପ୍ରକାର ହୃଦ୍‌ରୋଗ, ଚର୍ବିଳ ଯକୃତ, ଦନ୍ତରୋଗ, ବିବିଧ କର୍କଟ ରୋଗ ଇତ୍ୟାଦି। ତେଣୁ ଏଭଳି ଖାଦ୍ୟକୁ ସୀମିତ କରବା ଲାଗି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ତେବେ ଜିହ୍ୱାଲାଳସା ଆମକୁ ତାହା କରିବାକୁ ହେଉନି।

ବର୍ତ୍ତମାନ ଆମ ସୁମିଷ୍ଟ ଖାଦ୍ୟଗୁଡ଼ିକର ପ୍ରସ୍ତୁତିରେ ମୁଖ୍ୟତଃ ବ୍ୟବହାର ହେଉଥିବା ମିଷ୍ଟକାରୀ ପଦାର୍ଥ ଟି ହେଲା ଚିନି। ଏହାର ରାସାୟନିକ ନାମ 'ସୁକ୍ରୋଜ୍'। ସ୍ୱାସ୍ଥ୍ୟ ସଚେତନ ଲୋକେ ଏବେ ଏହା ବଦଳରେ ବ୍ୟବହାର କରିବାକୁ ଲାଗିଲେଣି 'ବିକଳ୍ପ ଚିନି' ବୋଲି କୁହାଯାଉଥିବା ଭିନ୍ନ ଭିନ୍ନ ରସାୟନରେ ପ୍ରସ୍ତୁତ ପଦାର୍ଥମାନ। ଏ ଗୁଡ଼ିକ ମଧ୍ୟରେ ସବୁଠାରୁ ଜନପ୍ରିୟ ହେଲା 'ସ୍ପ୍ଲେଣ୍ଡା'। ତହିଁରେ ଥିବା ମିଷ୍ଟକାରୀ ତତ୍ତ୍ୱଟି ହେଲା 'ସୁକ୍ରଲୋଜ୍'। ପ୍ରଥମେ ପ୍ରଥମେ ଏହାକୁ ନିରାପଦ ବୋଲି ମନେ କରାଯାଉଥିଲା। କିନ୍ତୁ ପରେ ଲୋକଲୋଚନର ଗୋଚରକୁ ଆସିଲାଣି ଏହାର ବିବିଧ ସ୍ୱାସ୍ଥ୍ୟ ହାନିକାରକ ଗୁଣ। ତନ୍ମଧ୍ୟରୁ ଗୋଟିଏ ହେଲା ଯେ 'ସୁକ୍ରାଲୋଜ୍' ହଜମ ହେଲା ବେଳେ ସେଥିରୁ ସୃଷ୍ଟି ହେଉଥିବା 'ଜିନ୍‌ଗରଳ ବା ଜିନୋଟକ୍ସିକ୍ ରସାୟନ। ଏହା ଆମ ଜିନୀୟ ପଦାର୍ଥ ଡିଏନ୍‌ଏକୁ କ୍ଷତି ପହଞ୍ଚାଏ।

ଗବେଷଣାରୁ ଜଣାପଡ଼ିଛି ଯେ ଏହି ରସାୟନଗୁଡ଼ିକ ଆମ ଖାଦ୍ୟନଳୀ ମଧ୍ୟରେ ସୃଷ୍ଟି ହୋଇଥା'ନ୍ତି। ତନ୍ମଧ୍ୟରୁ ଅନ୍ୟତମ ହେଲା 'ସୁକ୍ରୋଲେଜ୍ ୬ ଏସିଟେଟ୍। ଏହା ଏକ 'ଜିନ୍‌ଗରଳ' ବୋଲି ସୂଚନା ଦେଇଛନ୍ତି ସୁସାନ ସ୍କିଫ୍‌ମ୍ୟାନ୍। ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଠାରେ ଆସୋସିଏଟ୍ ପ୍ରଫେସର୍ ରୂପେ କାର୍ଯ୍ୟରତ ବେଳେ ସେ ଦେଖିବାକୁ ପାଇଥିଲେ ଯେ ଏଥିରେ ଥିବା ସେହି ପଦାର୍ଥଟି ଆମେ ଥରକରେ ପିଉଥିବା ପାନୀୟରେ ୟୁରୋପିୟାନ୍ ଫୁଡ ସେଫଟି ଅଥରିଟିର ନିର୍ଦ୍ଧାରିତ ପରିମାଣ (ବ୍ୟକ୍ତି ପ୍ରତି ଦିନକୁ ୦.୧୫ ମାଇକ୍ରୋଗ୍ରାମ୍) ଠାରୁ ଯଥେଷ୍ଟ ଅଧିକ।

ସ୍କିଫମ୍ୟାନ ଏବଂ ତାଙ୍କ ସହଯୋଗୀମାନେ ଏଥିପାଇଁ କରିଥିବା ଅଧ୍ୟୟନରେ ଏକ 'ଜୀବେତର' ପରୀକ୍ଷା କରିଥିଲେ। ଏଥିରେ ମଣିଷର କିଛି ରକ୍ତକୋଷକୁ ଏହି ରସାୟନରେ ମିଶାଇ ତା'ର ବିଷାକ୍ତ ପଣ ନିର୍ଦ୍ଧାରଣ କରିଥିଲେ। ତହିଁରୁ ପ୍ରମାଣିତ ହୋଇଥିଲା ଯେ ଏହା ପ୍ରକୃତରେ ଏକ 'ଜିନ୍‌ଗରଳ' ଯାହାକି ଡିଏନ୍‌ଏକୁ ଭଙ୍ଗ କରିଥାଏ। ତତ୍ପରେ ସେମାନେ ଅନ୍ୟ ଏକ ପରୀକ୍ଷାରେ ଖାଦ୍ୟନଳୀର ତନ୍ତୁଗୁଡ଼ିକୁ ମଧ୍ୟ ସୁକ୍ରୋଲେଜ ୬ ଏସିଟେଟ୍ ସହିତ ମିଶାଇଥିଲେ। ଏଥିରୁ ମଧ୍ୟ ଅନୁରୂପ ଫଳାଫଳ ମିଳିଥିଲା। ଏହି ରସାୟନ ସେଠାରେ ଜିନୀୟ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିବା ସେଥିରୁ ଜଣାପଡ଼ିଲା।

ଏହି ଅଧ୍ୟୟନ ପରେ ସୁକ୍ରୋଲୋଜ୍ ଏବଂ ତହିଁରୁ ଜାତ ଚୟାପଚୟ ପଦାର୍ଥ ସହିତ ସଂପୃକ୍ତ ବହୁ ସ୍ୱାସ୍ଥ୍ୟ ସମସ୍ୟା ଲୋକଲୋଚନକୁ ଆସିଲାଣି। ସେଥିପାଇଁ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରି ବିଭିନ୍ନ ଖାଦ୍ୟରେ ମିଶୁଥିବା ଏହାର ପରିମାଣକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବା ଏବଂ ଆବଶ୍ୟକ ହେଲେ ଏହାକୁ ନିଷିଦ୍ଧ ମଧ୍ୟ କରିବା ଜନସ୍ୱାସ୍ଥ୍ୟ ପାଇଁ ମଙ୍ଗଳକର ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବୃଦ୍ଧାଶ୍ରମ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ

ଯୋଡ଼ା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ସହରରେ ଡିଏମଏଫ୍ ଦ୍ୱାରା ନିର୍ମାଣ କରାଯାଇଥିବା ଏବଂ ଆଭା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଥିବା ବୃଦ୍ଧାଶ୍ରମର ଜିଏନ୍ଏମ (ନର୍ସ) ଲୋପାମୁଦ୍ରା ବାରିକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରବିବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳୁ ତାଙ୍କ ଅବସ୍ଥା ସ୍ଥିର ହେବା ପରେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଗତ ଜୁନ ୧୨ ତାରିଖରେ ବୃଦ୍ଧାଶ୍ରମର ଜନୈକ ଅନ୍ତେବାସିନୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ସହିତ ସଫେଇ କର୍ମଚାରୀ ସୁଷମା କାରୁଆ କଟକ ଡାକ୍ତରଖାନା ଯାଇଥିଲେ। ସେଠାରେ ସୁଷମାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ପରେ ସୁଷମା ଲୋପାମୁଦ୍ରାଙ୍କ ନାମରେ ଜାତିଆଣ ଭିତ୍ତିକ ଆକ୍ଷେପ କରିଥିବା ଅଭିଯୋଗ କରିଥିବା ବେଳେ ସେ ଏହାକୁ ଖଣ୍ଡନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୦୦ କୋଟିର...

ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ଜମି ବିକ୍ରି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ମଧ୍ୟ ପାଳନ କରାଯାଇନାହିଁ। ଏହିସବୁ ଜମି ବିକ୍ରି କ୍ଷେତ୍ରରେ ମୋଟ ୭୨ କୋଟି ୮୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଏମିତିକି ଜମି ବିକ୍ରି କରିବା ପରେ ମଧ୍ୟ ସାହାରାରେ ନିବେଶ କରିଥିବା ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। କୋର୍ଟ ସାହାରା ସମ୍ପତ୍ତି ବିକ୍ରି କରିବା ନେଇ ପୂର୍ବରୁ ଦେଇଥିବା ଅନୁମତିରେ ସର୍ତ୍ତାବଳୀ ଲାଗୁ କରିଥିଲେ। ସର୍ତ୍ତ ଅନୁଯାୟୀ, ଜମି କ୍ରେତା ସିଧାସଳଖ ଅର୍ଥକୁ ସେବି-ସୋହାରା ରିଫଣ୍ଡ ଆକାଉଣ୍ଟରେ ଟଙ୍କା ଜମା କରିବେ। କିନ୍ତୁ ଏହି ଘଟଣାରେ ତାହା ଏହା କରାଯାଇ ନ ଥିଲା।ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳରେ ଜମି ବିକ୍ରି କରିବା ପରେ ଟଙ୍କା ସିଧାସଳଖ ରିଫଣ୍ଡ ଆକାଉଣ୍ଟ ନମ୍ବରରେ ଜମା କରାଯିବା କଥା। କିନ୍ତୁ ଏପରି ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଛି।

## ପହଲଗାମ ଆକ୍ରମଣର...

(ଏସଏସଜି) ର ପୂର୍ବତନ କମାଣ୍ଡୋ ଥିଲା। ପରେ ସେ ବିଶ୍ୱ ଆତଙ୍କବାଦୀ ହାଫିଜ ସୟୀଦର ଆତଙ୍କବାଦୀ ସଂଗଠନ ଏଲଇଟିରେ ସାମିଲ ହୋଇଥିଲା।

ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗୁଇନ୍ଦା ସୂଚନା ମିଳିବା ପରେ ସୋମବାର ସକାଳ ୧୧ଟାରେ ଲିଡବାସର ହରୱାନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଯେଉଁ ଉପକରଣ ବ୍ୟବହାର କରିଥିଲେ ଏହି ଆତଙ୍କବାଦୀ ସେହିଭଳି ସାମଗ୍ରୀ ରଖିଥିବା ସୂଚନା ମିଳିଥିଲା। ସୁରକ୍ଷା ବାହିନୀ ଅଭିଯାନ ଆରମ୍ଭ କରିବା ସମୟରେ ଦୂରରୁ ଗୁଳି ମାଡ଼ର ଶବ୍ଦ ଶୁଭି ଥିଲା। ଏହାକୁ ଦେଖି ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ମୁତୟନ ବୃଦ୍ଧି କରାଯାଇଥିଲା। ପ୍ରାୟ ୧୧ଟା ୩୦ରେ ୨୪ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ୪ ପାରା ୟୁନିଟର ଯବାନମାନେ ତିନି ଆତଙ୍କବାଦୀ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅଚାନକ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଅକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରେ ୫ରୁ ୭ ଜଣ ଆତଙ୍କବାଦୀ ସାମିଲ ଥିବା କୁହାଯାଉଛି।

## ଇସିଙ୍କ ଉପରେ...

ପ୍ରମାଣପତ୍ର ଚୂଡ଼ାନ୍ତ ନୁହେଁ, ତେବେ ସମାନ ଯୁକ୍ତି ଆଧାର ଏବଂ ଇପିଆଇସି ପାଇଁ ପ୍ରଯୁଜ୍ୟ ହୋଇପାରିବ। ଖଣ୍ଡପୀଠ ପଚାରି ଥିଲେ ଯେ ଯଦି ଗ୍ରହଣ କରାଯାଇଥିବା ଅନ୍ୟ ୧୦ ପ୍ରମାଣପତ୍ର କାଲି ଜାଲ ବୋଲି ଜଣାପଡେ ତେବେ ତାହାର ସୁଧାର କରିବା ପାଇଁ କି ବ୍ୟବସ୍ଥା ଆପଣା ଯାଇଛି। ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଏହି ପ୍ରକ୍ରିୟା ଉପରେ ରୋକ୍ ଲାଗଇବାକୁ ମନା କରିଦେଇ କୋର୍ଟ କହିଲେ ଯେ ଆବଶ୍ୟକ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ପ୍ରମାଣ ମିଳିଲେ ଏହି ସଂଶୋଧନ ପ୍ରକ୍ରିୟାକୁ ରଦ୍ଦ ମଧ୍ୟ କରାଯାଇପାରିବ।

## ବିରୋଧୀ-ଶାସକ...

ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ଏବଂ ୭ଟିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରି ଦିଆଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ କାହାରି ଚାପରେ ବନ୍ଦ ହୋଇନଥିଲା। ଭାରତୀୟ ସେନା ଏହାର ଲକ୍ଷ୍ୟ ହାସଲ କରିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲା। ପାକିସ୍ତାନ ଯଦି ଭବିଷ୍ୟତରେ ପୁଣି ଆତଙ୍କବାଦୀ ଆକ୍ରମଣ କରେ ଅପରେସନ ସିନ୍ଦୂର ମାଧ୍ୟମରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଭାରତୀୟ ସେନା। ଏହି ଅବସରରେ ସେ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ନିରାପତ୍ତା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ (ଅପରେସନ ମହାଦେବ) ରେ ସଫା କରିଦିଆଯାଇଛି। ଭାରତୀୟ ସେନାର ମନୋବଳକୁ ଦୁର୍ବଳ କଲା ଭଳି ପ୍ରଶ୍ନ କରୁଥିବାରୁ ସେ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ।

ବିରୋଧୀ ଦଳ ପକ୍ଷରୁ ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଲେ ଯେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ସତ କଣ ଜଣାପଡୁନାହିଁ। ତେଣୁ ଦେଶବାସୀ ସତ କଣ ତାହା ଜାଣିବାକୁ ଚାହୁଁଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ରୋକିବାର ବିଫଳ ହୋଇଥିବା ସରକାର ଗୁଇନ୍ଦା ସଂସ୍ଥାକୁ ଦୋଷ ଦେଉଛନ୍ତି। ଦେଶରେ ହିଂସା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିବା ଆତଙ୍କବାଦୀ ପହଲଗାମରେ କେମିତି ଆକ୍ରମଣ କଲେ ଏବଂ ସରକାର ଏହି ଆକ୍ରମଣକୁ ରୋକିବାରେ କାହିଁକି ବିଫଳ ହେଲେ। ଅପରେସନ ସିନ୍ଦୂରରେ ୫-୬ଟା ଜେଟ୍ ବିମାନ ଖସିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି। ପୁଣି ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ମଧ୍ୟ କହୁଛନ୍ତି ଯେ ଭାରତ ଏହି କାର୍ଯ୍ୟାନୁଷ୍ଠାନରେ କିଛି ଜେଟ୍ ହରାଇଛି। ସେ କହିଥିଲେ ଯେ ପାକିସ୍ତାନରେ କେବଳ ଆତଙ୍କବାଦୀ ଆଡ୍ଡାକୁ ଆକ୍ରମଣ କରିବା ଲାଗି ଭାରତ ସରକାର ନିର୍ଦ୍ଦେଶ ଦେଇଥିବାରୁ ଭାରତୀୟ ସେନାକୁ ପ୍ରାରମ୍ଭରେ କିଛି କ୍ଷତି ସହିବାକୁ ପଡ଼ିଲା। ତେଣୁ ସତ କଥା କଣ ତାହା ଭାରତ ସରକାର ସ୍ପଷ୍ଟ କରନ୍ତୁ ବୋଲି ଗୋଗୋଇ ଦାବି କରିଥିଲେ।

ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବାକୁ ଯାଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଲେ ଯେ ଆମେରିକା ସହିତ ଆଲୋଚନା ବେଳେ କୌଣସି ସମୟରେ ବାଣିଜ୍ୟ ଓ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା ହୋଇନାହିଁ। ତେଣୁ ବାଣିଜ୍ୟ ଆଲୋଚନା ସହିତ ଅପରେସନ ସିନ୍ଦୂରର କୌଣସି ସଂପର୍କ ନାହିଁ। ଦ୍ୱିତୀୟ କଥା ହେଲା ଯେ ଏପ୍ରିଲ ୨୨ରୁ ଜୁନ୍ ୧୭ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ହୋଇନାହିଁ। ତେଣୁ ଟ୍ରମ୍ପଙ୍କ ଚାପ କି ମଧ୍ୟସ୍ଥତାରେ ଅପରେସନ ସିନ୍ଦୂର ବନ୍ଦ ହେଲା ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ।

ଅପରେସନ ସିନ୍ଦୂର ସହିତ ବାଣିଜ୍ୟ କଥାବାର୍ତ୍ତାର କୌଣସି ସଂପର୍କ ନାହିଁ ବୋଲି ଜୟଶଙ୍କରଙ୍କ ମନ୍ତବ୍ୟ ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ହୋହାଲ୍ଲା କରିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, ଯାହା ଲାଗୁଛି ଆମ ବୈଦେଶିକ ମନ୍ତ୍ରୀଙ୍କ କଥାରେ ବିରୋଧୀ ବିଶ୍ୱାସ କରୁ ନାହାନ୍ତି। ସେମାନେ ଅନ୍ୟ ଦେଶର କଥାକୁ ବିଶ୍ୱାସ କରୁଛନ୍ତି। ସେ କହିଲେ ଯେ ବିଦେଶକୁ ନେଇ ବିରୋଧୀ ଦଳରେ କିଛି ମଜବୁରି ରହିଛି। କିନ୍ତୁ ଦଳର ଏହି ମଜବୁରିକୁ ଗୃହ ଉପରେ ଲଦି ଦିଆଯିବା ଠିକ୍ ନୁହେଁ। ଏହି ମଜବୁରି ଯୋଗୁଁ ବିରୋଧୀ ଦଳ ସେମିତି ୨୦ ବର୍ଷ ଧରି ବିରୋଧୀ ବେଞ୍ଚରେ ରହିବେ ଏବଂ ଆମେ ଶାସକ ଦଳ ହୋଇ ରହିବୁ।

ଏହାପୂର୍ବରୁ ଆଜି ବିହାର ପ୍ରସଙ୍ଗକୁ ନେଇ ସଂସଦରେ ପୁଣି ହଟ୍ଟଗୋଳ ହୋଇଥିଲା। ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଥିବା ବେଳେ ଲୋକସଭାକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ପହଲଗାମ ଉପରେ ଆଲୋଚନା ଆରମ୍ଭ ହୋଇଥିଲା।

## ରାଜ୍ୟରେ ବଢୁଛି...

ଶ୍ରୀ ଭୋଇ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଚିନ୍ତିତ ଲୋକପ୍ରତିନିଧି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ବଢୁଥିବା ସଂଗଠିତ ଅପରାଧ ଏବଂ ଅସାମାଜିକ ଗତିବିଧି ସମ୍ପର୍କରେ ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି।

ଆଇନର ଗଳାବାଟ ଓ ପ୍ରକ୍ରିୟାଗତ ବିଳମ୍ବତାର ସୁଯୋଗ ନେଇ ସେମାନେ ଅପରାଧ ଘଟାଉଥିବା ଉପବାଚସ୍ପତି କ୍ଷୋଭ ପ୍ରକାଶ କରିଛନ୍ତି। ଅତଏବ ଏହି ଆଇନ ପ୍ରଣୟ ହେଲେ ଗ୍ୟାଙ୍ଗ ନେଟ୍ୱର୍କଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହା ଉପରେ ରୋକ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବ। ଅପରାଧୀଙ୍କ ସମ୍ପତ୍ତି ଆଟାଚ୍ କରିବା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ ଲଗାଯାଇପାରିବ ବୋଲି ଉପବାଚସ୍ପତି ଆଶା ପ୍ରକାଶ କରିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଲଗାତାର ଭାବେ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି। ବିଶେଷକରି ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ୍ ହେଲାଣି। ମାତ୍ର ବିରୋଧୀଙ୍କ ସମସ୍ତ ଅଭିଯୋଗକୁ ଶାସକ ଦଳ ଏବଂ ସରକାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଏପରିସ୍ଥଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଏକ ଚିଠି ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ରାଜ୍ୟରେ ଯେ ଆଇନଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି, ନିଜେ ଉପବାଚସ୍ପତି ନିଜ ଚିଠିରେ ପରୋକ୍ଷରେ ପ୍ରକାଶ କରିବା ସହ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉପବାଚସ୍ପତିଙ୍କ ଉଦ୍‌ବେଗ ସରକାରଙ୍କ ପାଇଁ ଆଇନା ସଦୃଶ୍ୟ ଅଟେ। ସରକାର ତୁରନ୍ତ ବାସ୍ତବତାକୁ ହେଜି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଏବଂ ଦମନ କରିବା ପାଇଁ କଠୋର ହେବାକୁ ବୁଦ୍ଧିଜୀବୀ ମହଲ ପରାମର୍ଶ ଦେଇଛି।

## ଖସୁଛି ପାଣି...

ଚାରିଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛି। ଏହାସହିତ ବୈତରଣୀରେ ଜଳସ୍ତର ବଢ଼ିବା ହେତୁ ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଆଖୁଆପଦାରେ ବୈତରଣୀ ବିପଦସଂକେତ ତଳକୁ ଆସିବା ପରେ ଧୀରେ ଧୀରେ ସ୍ଥିତିରେ ସାମାନ୍ୟ ସୁଧାର ଆସୁଛି। ମାତ୍ର ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ପ୍ରାୟ ୪୮ ଘଣ୍ଟା ଲାଗିପାରେ ବୋଲି ଆକଳନ କରାଯାଉଛି।

ରବିବାର ରାତି ୧୧ରେ ବାଲେଶ୍ୱରର ରାଜଘାଟରେ ସୁବର୍ଣ୍ଣରେଖାର ଜଳସ୍ତର ୧୦.୨୭ ମିଟର ପହଁଚିଥିଲା। ଜଳସ୍ତର ହ୍ରାସ ପାଇ ବର୍ତ୍ତମାନ ୯.୮୦ ମିଟର ଅଛି। ରାଜଘାଟରେ ସୁବର୍ଣ୍ଣରେଖାରେ ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ବର୍ତ୍ତମାନ ବିପଦ ସଂକେତ ତଳେ ଜଳ ପ୍ରବାହିତ ହେଉଛି। ସମୁଦ୍ରକୁ ଜଳ ନିଷ୍କାସନ ହେବା ଲାଗି ଦୁଇ ଦିନ ସମୟ ଲାଗିବାକୁ ଥିବାରୁ ଏଠାକାର ଲୋକେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ସେହିପରି ଜଳକା ନଦୀର ଜଳସ୍ତର ସତର୍କ ସଂକେତ ପାଖାପାଖି ଅଛି। ବୈତରଣୀର ଜଳସ୍ତର ହ୍ରାସ ପାଇ ଆଖୁଆପଦାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି। ତେଣୁ ଭଦ୍ରକ ଓ ଯାଜପୁରର ବିଭିନ୍ନ ଅଞ୍ଚଳରେ ଏବେ ପାଣି କମିବାରେ ଲାଗିଛି।

ଅନ୍ୟପକ୍ଷରେ ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୧୫.୨୫ ଫୁଟ ରହିଛି। ହୀରାକୁଦରୁ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ହୀରାକୁଦ ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ୩.୧୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୩.୪୫ ଲକ୍ଷ ଘନଫୁଟ ଜଳ ନିଷ୍କାସନ ହେଉଛି। ସୋମବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ସେହିପରି ରେଙ୍ଗାଳି ଡ୍ୟାମ୍‌ର ଜଳସ୍ତର ୧୨୧.୯୧ ମିଟର ରହିଥିବା ବେଳେ ଏଠାରେ ତିନିଟି ଗେଟ୍‌ରେ ବ୍ରାହ୍ମଣୀ ନଦୀକୁ ଜଳ ନିଷ୍କାସନ ହେଉଛି।

ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନର ଲୋକେ ରିଲଫ କେନ୍ଦ୍ରରେ ଅଛନ୍ତି। ରିଲିଫ କେନ୍ଦ୍ରରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଘରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହେବ। ଚାଷ ଜମି କ୍ଷୟକ୍ଷତି, ଘର କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଜଳ ସମ୍ପଦ ବିଭାଗର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଭରଣା କରିବ। ରିପୋର୍ଟ ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ଷତିପୂରଣ ଜିଲ୍ଲା ଓ ବିଭାଗଙ୍କୁ ପଠେଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଉଚ୍ଚଶିକ୍ଷା ବିଭାଗରେ...

ଭିଡିଓଅପ୍‌ଲୋଡ୍‌ହେଲା। ବିଭାଗପକ୍ଷରୁ ତ୍ୱରିତପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ସହିଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ହ୍ୟାକ୍ ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ କରାଯାଇଛି। ହେଲେ ପୂର୍ବପରି ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହୋଇପାରିନି। ମାତ୍ରାଧିକ ଧୀମା ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ସମେତ ନାମଲେଖା ପ୍ରକ୍ରିୟା ଜାରି ରହିଥିବାରୁ ଛାତ୍ରଛାତ୍ରୀ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବହୁ ତଥ୍ୟକୁ ହ୍ୟାକର୍ ନେଇଯାଇଥିବା ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଫଳରେ ବହୁ ଛାତ୍ରଛାତ୍ରୀ ଆଶଙ୍କାରେ ଅଛନ୍ତି। ପୂର୍ବରୁ ମଧ୍ୟ ରେଭେନ୍ସା ୱେବସାଇଟ୍ ହ୍ୟାକ୍ ହୋଇଥିବାବେଳେ ଉଚ୍ଚ କ୍ଷମତାସମ୍ପନ୍ନ 'ବ୍ଲେଡ୍ ସର୍ଭର' ଲଗାଯାଇଥିଲା। ଏହା ସତ୍ତ୍ୱେ ହ୍ୟାକ୍ କରିବାରେ ହ୍ୟାକର୍‌ମାନେ କିପରି ସଫଳ ହେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହଙ୍ଗା ପଡ଼ିଲା...

ସ୍କୁଟିରେଚାଳକଙ୍କୁମିଶାଇଲଦାଲଦି ହୋଇ ୭ ଜଣ ବସି ରାସ୍ତାରେ ବୁଲୁଥିଲେ। ହାମ ହେ ମାଫିଆ ଗୀତ ଗାଇ ଗାଡି ଚଳାଉଥିଲେ। ଏ ନେଇ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ମଜାମଜାରେ ଭିଡ଼ିଓ କରିବା ପାଇଁ ଗାଡ଼ିରେ ବସିଥିବା ନେଇ ସୂଚନା ମିଳିଛି।

## ୮ ଛାତ୍ରୀଙ୍କୁ...

ହେଉଛି ; ଯାହାକୁ ନେଇ ବିଦ୍ୟାଳୟର ଜନୈକା ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ୧୫ ଦିନ ପାଇଁ ଅସ୍ଥାୟୀଭାବେ ନିଲମ୍ବନ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଯୌନ ପିଶାଚ ଶିକ୍ଷକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପାଠପଢୁଥିବା କୋମଳମତି ଛାତ୍ରୀଙ୍କୁ ଶିକ୍ଷାଦାନ ସମୟରେ ଗେହ୍ଲ କରିବା ଆଳରେ ଆପତ୍ତିଜନକ ସ୍ଥାନରେ ହାତ ବୁଲାଉଥିଲେ। ଘରେ ଘଟଣା ବିଷୟରେ ନ କହିବାକୁ ଜଣ ଜଣ କରି ୭/୮ ଜଣ ଛାତ୍ରୀଙ୍କୁ ସେ ମଧ୍ୟ ତାଗିଦ କରୁଥିଲେ। ତେବେ ଜଣେ ଛାତ୍ରୀ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ଏପରିକି ଗୋଟି ଗୋଟି ଛାତ୍ରୀକୁ ପଚରାଉଚୁରା କରିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଏପରିକି ଜନୈକା ଛାତ୍ରୀଙ୍କ ମା'ବାପାଙ୍କ ସହ ବିଦ୍ୟାଳୟକୁ ଆସି ସମ୍ପୃକ୍ତ ଶିକ୍ଷକଙ୍କୁ ପାଟିତୁଣ୍ଡ କରିବା ପରେ ଶିକ୍ଷକ କାନଧରି ଭୁଲ ମାଗିବା ଦୃଶ୍ୟ ଭାଇରାଲ ହେଉଛି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ଶିକ୍ଷା ବିଭାଗ କେବଳ ଚାକିରିରୁ ନିଲମ୍ବିତ କରି ହାତବାନ୍ଧି ବସିଛି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ମହାନ୍ତ ପୂର୍ବରୁ ୨୦୧୮ ମସିହା ନଭେମ୍ବର ୧୪ ତାରିଖରେ ବେତନଟୀ ବ୍ଲକର ଜୈନିକ ବିଦ୍ୟାଳୟରେ ଛାତ୍ରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ପୁନର୍ବାର ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ଏବଂ ସେ ଏକ ନୂତନ ବିଦ୍ୟାଳୟରେ ଅନୁରୂପ ଅପରାଧ କରିଥିବା ଘଟଣା ଶିକ୍ଷା ବିଭାଗର ନିଯୁକ୍ତି ପ୍ରକ୍ରିୟା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ବିଦ୍ୟାଳୟ କମିଟି ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଥାନାରେ ଅଭିଯୋଗ ଦାୟର ନକରିବା ନିଷ୍ପତ୍ତି ଏହି ଘଟଣାରେ ନ୍ୟାୟର ପଥକୁ ଅବରୋଧ କରିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ।


### AFFIDAVIT

I, SHAIKH SHAHABAZ ALI, S/o- Late Shaikh Ansar Ali resident of At: - Jairampur, Po:-Kood, Ps: - Salipur, Dist:-Cuttack Pin- 754221 Odisha declare by this affidavit No.2286 dtd:- 23/07/2025 that now onwards I shall be known as **SHAIKH SHAHBAZ ALI** for all future purposes.

### TO WHOM IT MAY CONCERN

**Ritarani Patnaik**
**Address not known**

Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.

**Managing Director**
**Mahodadhi Devlopers Pvt Ltd Bhubaneswar**

### GOVERNMENT OF ODISHA
### OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.

e-mail: -eephd.rgda.od@od.gov.in,eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-14/2025-26 DT.23.07.2025

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Providing power supply to the PHD Elevated Service Reservoir (ESR) and underground reservoir (UGR) at Seriguda of Rayagada Municipality under ESO No-I in connection to the Project Work "Improvement of Water Supply to Seriguda area of Rayagada Municipality under state plan BASUDHA for the year 2023-24. | EEPHDRAYAGADA-14/2025-26 Dtd.23.07.2025 | 13.95 | HT License | 02 (Two Months) | 01.08.2025 (11.00 Hr) | 11.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.

Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd/- Executive Engineer
P.H. Division, Rayagada

C-744 OIPR - 13052/11/0030/2526

### बैंक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହାପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ମହାନଦୀ ବିହାର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଷ୍ଟୁଡିଓ ୭୮୬, ସ୍ୱତ୍ୱାଧିକାରୀ: ମହମ୍ମଦ ଅବଦୁଲ ରହିମ୍ / ଗ୍ୟାରେଣ୍ଟିଦାତା: ମହମ୍ମଦ ୟୁସୁଫ୍,** ଉଭୟଙ୍କ ଠିକଣା- ସା: ସରସ୍ୱତୀ ଭବନ, ଚାନ୍ଦିନୀ ଚୌକ, ନିମଚୌଡି, କଟକ-୭୫୩୦୦୨ | ମହମ୍ମଦ ୟୁସୁଫ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନୟାସଡକ, ଚାନ୍ଦିନୀ ଚୌକ, | ତା.୧୩.୦୫.୨୦୨୫ରିଖ ସୁଦ୍ଧା ଟ.୧୪,୪୧,୦୨୧.୯୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୩.୦୫.୨୦୨୫ / ୨୨.୦୭.୨୦୨୫ |

ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: କଟକ ସଦର, ଖାତା ନଂ.: ୬୦୧/୨୦୪, ପ୍ଲଟ୍ ନଂ.: ୧୬୮୮ ଏବଂ ୧୬୮୭, ନୟାସଡକ ଚାନ୍ଦିନୀ ଚୌକ ୟୁନିଟ୍-୧୪, କଟକ ସଦର, କଟକ, ପରିମିତ କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ଲାଲା ରଜନୀକାନ୍ତଙ୍କ ପ୍ଲଟ୍, ପଶ୍ଚିମ: ଅହେମଦ ବକ୍ସଙ୍କ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ହବି ବକ୍ସ

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୦୭.୨୦୨୫** | **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

### AFFIDAVIT

I Raghubir Kaur, W/o-Sohan Singh Pabla, Resident of Plot No JJ-5, Civil Township, PO-Rourkela-4 PS - Raghunathpalli, Dist-Sundargarh Pin-769004,Odisha,declare vide this affidavit no 74AA 297198 dated 28.07.2025, that in my daughter Baljinder Kaur educational certificates my name is mentioned as Ragbir Kaur instead of my actual name and both names are one and the same person that is myself. Henceforth I shall be know as **RAGHUBIR KAUR** for all purposes.

### AFFIDAVIT

By virtue of an affidavit before Executive Magistrate, Bissam Cuttack bearing affidavit no.-1074/25 dtd.14.7.2025, I Sri Ramesh Nag, S/o- Kantaru Nag resident of Vill.- Bhatapur, Po.- Bhatapur, Ps.- Bissam Cuttack, Dist.- Rayagada, declare that, actual name of my son is **RITIK KISAN NAG** but in his Aadhar card his name has been wrongly mentioned as RITIK ROSHAN NAG. Both the names **RITIK ROSHAN NAG** and **RITIK KISAN NAG** are of one and same person for his Aadhar and all purposes.

Sd/- Ramesh Nag

### AFFIDAVIT

By virtue of an affidavit sworn before Notary Public Titilagarh, dated 23.07.2025. I, Brundabati Meher, Address At/Po-Jogimunda, Ps- Patnagarh, Dist-Balangir, Odisha, Pin- 767027 declare that I have changed my name from **Sunaphul Meher** to **Brundabati Meher**. Henceforth, I shall be known as **Brundabati Meher** for all purposes.

**Brundabati Meher**

### AFFIDAVIT

By virtue of an affidavit sworn before Notary Public Titilagarh, dated 28.07.2025 I, Doupadi Bagartti, Adress At- Balpadar, Po- Bankel, Ps- Titilagarh, Dist-Balangir, Odisha, Pin- 767037 declare that I have changed my daughter's name from **Chhaya Bagarty** to **Barsa Bagarty.** Henceforth, she shall be known as **Barsa Bagarty** for all purposes.

**Doupadi Bagartti**

### AFFIDAVIT

I, Sonali Sahu, aged 39 years, W/o- Alok Kumar Sahoo, resident of At-Janardhanpur Sasan, Po-Atopur, Kendujhar Town, Dist- Keonjhar, Odisha, Pin- 758001 declared by this affidavit No-607, dtd-26/07/2025 that now onwards I shall be known as **SONALI SAHOO** for all future purposes.

### AFFIDAVIT

I, Prasanta Kumar Behera, aged 36 years, S/o- Late Bhaskar Behera, resident of At- Karabalua, Po- Chikiti Pentho, Ps- K.Nuagam, Dist- Ganjam, Odisha, Pin-761010 declared by this affidavit No-A-1457, dtd-13/07/2025 that now onwards I shall be known as **PRASHANTA KUMAR BEHERA** for all future purposes.

### Notice (for Minor)

By Virtue of an affidavit sworn before Executive, Magistrate, Badasahi, Mayurbhanj, Dated 28.07.2025. I, Sanjib Kumar Dey, address At-Tunagambharia Po-Kuradiha Ps-Badasahi Dist-Mayurbhanj State-Odisha Pin-757017 declare that I Have changed the name of my Daughter from **Tapaswa Dey** to **Tapasya Dey**. Henceforth, she shall be known as Tapasya Dey for all purposes.

**Sanjib Kumar Dey**

### AFFIDAVIT

I, Soudamini Sahoo, aged 41 years, W/o- Pradeepta Kishore Sahoo, resident of At/Po- Banamalipur, Ps-Balipatna, Dist-Khordha, Odisha, Pin-752103 declared by this affidavit No. CF-72, dtd-18/06/2025 that now onwards I shall be known as **SAUDAMINI SAHOO** for all future purposes.

### AFFIDAVIT

I, Narendra Nath Patra, S/o-Late Surat Patra, resident of Village- Khanta, Po-Badamtalia, Ps- Rairangpur Rural, Dist- Mayurbhanj Odisha declare by this affidavit No-18, dated. 04.07.2025 that now onwards I, shall be known as **Narendra Kumar Patra** for all future purposes.

### AFFIDAVIT

I Mobassrin Mahnaz, W/o-MD Junaid Alam, Resident of At - Nala Road Plant Site , PO /PS - Rourkela, Dist - Sundargarh, Pin-769001,Odisha,declare by this affidavit No. 91 dated 23.07.2025 that now onwards I shall be known as **MOBASSERIN MAHNAZ** for all future purposes

### AFFIDAVIT

I, Deepali Nayak, aged 41 years, D/o- Trinath Parida, resident of Gundar, Karanga, Dist-Cuttack, Odisha, Pin-754004 declared by this affidavit No-606, dtd- 26/07/2025 that now onwards I shall be known as **DIPALI NAYAK** for all future purposes.

### AFFIDAVIT

By virtue of an affidavit before The Notary Public, Titilagarh, on dated-28/07/2025. I, **Gopinath Sahu,** aged about 43 years, S/O- Laxmidhar Sahu, Permanent resident of AT-Bankel, PO- Karla, PS- Muribahal, Dist-Balangir, (Odisha), PIN- 767037, now residing at the same place affirm that I have changed my minor son's name from **Josoanta Sahu** (old name) to **Jashobanta Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jashobanta Sahu** (new name).

**Gopinath Sahu**

### AFFIDAVIT

I, Gopikrishna Rath, S/o-Tankadhar Rath, resident of At/Po-Bheden, Ps- Bheden, Dist- Baragarh, Odisha, Pin- 768164, declared by this affidavit No. 608, dtd- 27/07/2025 that now onwards I shall be known as **GOPIKRUSHNA RATH** for all future purposes.

### AFFIDAVIT

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist-Ganjam, Pin- 761003, Odisha declare by this affidavit No. 1481, dtd. 28/07/2025, that now onwards I shall be known as **BADAKULU ADIADA PATRA** for all future purposes.

### Notice (For Minor)

By virtue of an affidavit sworn before The Executive Magistrate, Titilagarh, dated- 28/07/2025. I, **Banamali Bagarty,** Address: At/P.O./P.S. Titilagarh (High School Pada), Dist- Bolangir, (Odisha), PIN- 767033 declare that I have changed the name of my daughter from **Shrutirekha Bagarty** to **Shruti Rekha Bagarty.** Henceforth, she shall be known as **Shruti Rekha Bagarty** for all purposes.

**(Banamali Bagarty)**

### AFFIDAVIT

I, Abhay Kumar Sahoo, S/o- Maheswara Sahoo, resident of Vill- Sirasta, PO- Srichandanpur, PS-Tirtol, Dist- Jagatsinghpur, PIN- 754137, Odisha declared by this affidavit No. 5165, dtd-14/07/2025 that now onwards I shall be known as **ABHAYA KUMAR SAHOO** for all future purposes.

# ଗିର୍ଲିମାଲରେ ଫୁଟି ପାରୁନି ବିକାଶର ପଦ୍ମ





କୋକସରା, ୨୮ ।୭ (ସମିସ)

ଦେଶ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବଣପାହାଡ଼ ଘେରା ଗିର୍ଲିମାଲ ଗାଁକୁ ବିକାଶ ପହଞ୍ଚି ପାରିନାହିଁ। ଏଠାକୁ ଯିବାକୁ ହେଲେ ନା ପୋଲ ଅଛି, ନା ରାସ୍ତା ଅଛି। ଆଜି ମଧ୍ୟ ଏଠାକାର ଲୋକେ ଅଭିଶପ୍ତ ଜୀବନ ଜିଉଁଛନ୍ତି। ଏ ପର୍ଯ୍ୟନ୍ତ ଗିର୍ଲିମାଲ ଗାଁରେ ବିକାଶର ପଦ୍ମ ଫୁଟି ପାରିନି।

ଗିର୍ଲିମାଲ ଆମପାଣି ପଞ୍ଚାୟତର ୬ନମ୍ବର ୱାର୍ଡରେ ରହିଛି। ଏହି ଗାଁରେ ପାଖାପାଖି ୨୦ଟି ପରିବାରର ଶହେରୁ ଅଧିକ ଲୋକ ବସବାସ କରୁଛନ୍ତି। ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍। ଏହି ଗାଁକୁ ଯିବାକୁ ହେଲେ ୨୬ ନମ୍ବର ଜାତୀୟ ରାଜପଥ ବିରିମୁହାଣ ଛକଠାରୁ ପ୍ରାୟ ୧୨ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ କୁଟୁରୁ ଗାଁକୁ ଗଲାପରେ ପାହାଡ଼ ଚଢି ଆହୁରି ୪କିମି ଦୂରକୁ ଯିବାକୁ ପଡ଼େ। ଅନ୍ୟ ରାସ୍ତାଦେଇ ଯିବାକୁ ହେଲେ ନବରଙ୍ଗପୁର ଜିଲ୍ଲାର ମୈଦଳପୁରଠାରୁ ଖୋଜରୀ, ବାର୍ଲି ଆଦି ଗାଁ ଦେଇ ଜଙ୍ଗଲିଆ ଅଙ୍କାବଙ୍କା ପଥୁରିଆ ରାସ୍ତାରେ ପ୍ରାୟ ୩୦କିମି ଗଲା ପରେ ଗିର୍ଲିମାଲ ପଡ଼ିଥାଏ। ରାସ୍ତା ସମସ୍ୟା ଯୋଗୁଁ ଗାଁରେ କାହାରି ଯଦି ସ୍ୱାସ୍ଥ୍ୟବସ୍ଥା ଖରାପ ହେଲା ତେବେ ଖଟିଆରେ ବୋହି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡେ। ସେହିପରି ଗାଁରେ ସରକାରୀ ସ୍ତରରେ ପାନୀୟ ଜଳ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। କିଛି ଘରୋଇ ସଂସ୍ଥା

- ରାସ୍ତା, ପାଣି, ଆଲୁଅ ଆଦି ସବୁ ସୁବିଧାରୁ ଲୋକେ ବଞ୍ଚିତ
- କେବଳ ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟକର୍ମୀଙ୍କ ଦେଖା ମିଳେ
- ନିର୍ବାଚନ ପ୍ରଚାର ବେଳେ ମଧ୍ୟ କେବେ କେହି ଯାଇ ନାହାନ୍ତି
- ଗାଁର କେହି ଜଣେ ମଧ୍ୟ ପକ୍କା ଘର ପାଇ ନାହାନ୍ତି
- ଗାଁରେ ଜଣେ ମାତ୍ର ଯୁବକ କଲେଜ ପଢ଼ିଛନ୍ତି

ପକ୍ଷରୁ ଗାଁରେ ୨ଟି ନଳକୂପ କରାଯାଇଛି; ହେଲେ ତାହା ମଧ୍ୟ କାମରେ ଆସୁନାହିଁ। ଏହା ଫଳରେ ଝରଣାର ଗୋଳିଆ ପାଣି ପିଇ ସେଠାକାର ଆଦିବାସୀ ଶୋଷ ମେଣ୍ଟାଇ ଆସୁଛନ୍ତି। ଦୂଷିତ ପାଣି ପିଇବା ଯୋଗୁଁ ଅନେକ ରୋଗର ଶିକାର ମଧ୍ୟ ହେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ; ଗାଁରେ ଆଜି ପର୍ଯ୍ୟନ୍ତ କାହାକୁ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ। ବିଜୁଳି ତ ମାନଙ୍କ ପାଇଁ ସାତ ସପନ ପାଲଟିଛି। ଗାଁରେ ଏକମାତ୍ର ଯୁବକ କଲେଜ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡ଼ିଛି। ବାକି ସବୁ ପୁଅଝିଅ କିଏ ପ୍ରଥମରୁ ପାଠ ଛାଡିଛି ତ' ଆଉ କିଏ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଯାଏଁ ପାଠପଢ଼ିଥିବା ପ୍ରକାଶ କରିଛନ୍ତି। କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ର ଯିବାକୁ ୪.କିମି ଦୂର କୁଟୁରୁ ଗାଁ ଯିବା ଲାଗି ପାହାଡ଼ ଚଢି ପହଞ୍ଚିବା ସମ୍ଭବ ହେଉନାହିଁ। ଗାଁକୁ ଆଜି ପର୍ଯ୍ୟନ୍ତ କେବେ କୌଣସି ବିଡ଼ିଓ, ବିଧାୟକ କିମ୍ବା ସାଂସଦଙ୍କ ପାଦ ମଧ୍ୟ ପଡ଼ିନାହିଁ। ଏମିତି କି ନିର୍ବାଚନ ସମୟରେ ପ୍ରଚାର ନିମନ୍ତେ ମଧ୍ୟ କେବେହେଲେ କୌଣସି ପ୍ରାର୍ଥୀ ଯାଇ ନାହାନ୍ତି କିମ୍ବା ପୋଷ୍ଟର ମଧ୍ୟ ପହଞ୍ଚି ପାରେନାହିଁ। କାହାଠାରୁ କେମିତି ଶୁଣି ଗାଁ ଲୋକେ ଭୋଟ ଦେବାପାଇଁ ଯାଆନ୍ତି ବୋଲି ପ୍ରକାଶ କରିଛନ୍ତି। ରାସ୍ତା, ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟା ନେଇ ସେମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଅନେକ ସମୟ ଧରି ଅଭିଯୋଗ କରି ଆସୁଛନ୍ତି; ହେଲେ କାହାରି ଦୃଷ୍ଟି ପଡୁ ନ ଥିବାରୁ ଏହି ଗାଁରେ କାଣିଚାଏ ମଧ୍ୟ ବିକାଶ ହୋଇପାରି ନାହିଁ। ତେଣୁ ଏଠାରେ ବସବାସ କରୁଥିବା ଲୋକେ ଆମେ କ'ଣ ଜଙ୍ଗଲରେ ବସବାସ କରୁଥିବା ମଣିଷ ବୋଲି ଆମମାନଙ୍କୁ ସାଧାରଣ ମୌଳିକ ସୁବିଧା ମାଧ ଦରକାର ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି। ଭୋଟ ଦେବାରେ ଆମେ କେବେ ହେଳା କରିନାହୁଁ; କିନ୍ତୁ ଆମମାନଙ୍କ ସୁବିଧା ନିମନ୍ତେ ନେତା ଓ ପ୍ରଶାସନ କାହିଁକି ବର୍ଷ ବର୍ଷ ଧରି ଅବହେଳା କରି ଆସୁଛନ୍ତି ବୋଲି ଗିର୍ଲିମାଲ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀଙ୍କ ମତାମତ ନେବାରୁ ଦୀର୍ଘ ବର୍ଷରୁ ସେହି ଗାଁ ଗୁଡ଼ିକରେ ସମସ୍ୟା ଲାଗି ରହିଛି। ଯାହାବି ସମସ୍ୟା ରହିଛି ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ସେହି ସମସ୍ୟାର ସମାଧାନ କରିବା ପାଇଁ ନିଶ୍ଚିତ ଭାବରେ ଚେଷ୍ଟା କରିବେ। ସେହି ସବୁ ଗାଁଗୁଡିକୁ ଗସ୍ତ କରିବେ ବୋଲି କହିଛନ୍ତି।

# ଲିଛିପୁର ଅଙ୍ଗପୋଲ ମରାମତି କାମ ମନ୍ଥର



ସୋନପୁର, ୨୮ ।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଲିଛିପୁର-ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ରାସ୍ତାର ଅଙ୍ଗନଦୀ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷାବାଡ଼ ଭାଙ୍ଗି ଯାଇଛି। ପ୍ରାୟ ଦୁଇ ସପ୍ତାହ ହେବ ଭଙ୍ଗା ବାଡା ଭାଙ୍ଗି ମରାମତି କାର୍ଯ୍ୟ ଆରମ୍ଭ ହୋଇଛି; ହେଲେ ଏହା ମନ୍ଥର ଗତିରେ ଚାଲିଛି। ଏଥିଯୋଗୁଁ ଲୋକେ ରାତିରେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଛନ୍ତି।

## ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି ଶାନ୍ତିପାଲି ମଲ୍ଲିକ ଗୋଠ ରାସ୍ତା

# ୫ ବର୍ଷ ହେଲା ମାଟି ମୁଠାଏ ପଡ଼ିନି



ଶଗଡ଼ା, ୨୮ ।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଶାନ୍ତିପାଲିରୁ ମଲ୍ଲିକଗୋଠ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହ ଶହ ଶହ ଲୋକ ଯାତାୟାତ କରିଥାନ୍ତି; ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇ ଯାଉଛି। ଏଣୁ ଗାଡି ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡ଼ି ଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ

**ବର୍ଷା ଦିନେ ବଢୁଛି ଲୋକଙ୍କ ସମସ୍ୟା**

ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ।

# ଉନ୍ନୟନମୂଳକ କାର୍ଯ୍ୟରେ ଆରୋପ ପ୍ରତ୍ୟାରୋପ

**● ସିନାପାଲିର ବିକାଶକୁ ନେଇ ପ୍ରଶ୍ନ, ପ୍ରଶାସନ ଚୁପ୍**

ସିନାପାଲି, ୨୮ ।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ନେତାମାନଙ୍କ ମଧ୍ୟରେ ତୁ ତୁ ମେ ମେ ଚାଲିଛି। ଉନ୍ନୟନମୂଳକ କାର୍ଯ୍ୟରେ ଆରୋପ ପ୍ରତ୍ୟାରୋପକୁ ନେଇ ଏବେ ସିନାପାଲିରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଏଣୁ ସିନାପାଲି ଅଞ୍ଚଳର ବିକାଶକୁ ନେଇ ପ୍ରଶ୍ନ ଉଠିଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ହୋଇଥିବା ପଦ ପଦବୀ ଲଢେଇ ସାଙ୍ଗକୁ ସାଧାରଣ ନିର୍ବାଚନରେ ନେତାମାନଙ୍କ ସପକ୍ଷ ଓ ବିପକ୍ଷ ମଧ୍ୟରେ ରହିଥିବା ଅନ୍ତଦ୍ୱନ୍ଦ୍ୱ ଏବେ ବି ଲାଗି ରହୁଛି। ଏହା ଫଳରେ ସାଧାରଣ ଲୋକମାନେ ନେତାମାନଙ୍କଠାରୁ ଅଞ୍ଚଳର ସମସ୍ୟା ସମାଧାନ ହେବାର ଯେଉଁ ଆଶା ରଖିଥିଲେ ତାହା ଆଶାରେ ରହିଯିବା ଭଳି ମନେ ହେଉଛି। କିଛି ଦିନ ତଳେ ରାଜ୍ୟସଭା ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟଅଟକଳ ମୂଲ୍ୟରେ ସିନାପାଲି ଅଞ୍ଚଳରେ ପାଳିତ ହେଉଥିବା ଉଦନ୍ତୀ ମହୋତ୍ସବ ମଞ୍ଚ ନିର୍ମାଣରେ ଫାଟ ସୃଷ୍ଟି ହେବା ସହ ନିମ୍ନମାନର କାର୍ଯ୍ୟ ହୋଇଥିବା କିଛି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଖଣ୍ଡନ କରାଯାଇଥିଲା। ଏହାର ସତ୍ୟତା ନାହିଁ। ଏପରିକି ଏହା ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ରାଗ ରଖି ଅତିରଞ୍ଜିତ କରି କିଛି ଗଣମାଧ୍ୟମରେ ପ୍ରକାଶ ପାଇଥିବା କୁହାଯାଇଛି। ଏହି କାର୍ଯ୍ୟର ଠିକା କାମ ମିଳି ନ ଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଆକ୍ରୋଶମୂଳକ ଭାବରେ ଏହା କରାଯାଉଥିବା ବୋଲି ସ୍ପଷ୍ଟ କରାଯାଇଥିଲା। ଏହାର କିଛି ଦିନ ପରେ ପୁଣି ଏକ ଅଭିଯୋଗ ସାମ୍ନାକୁ ଆସିଛି। ସିନାପାଲି ବ୍ଲକ ଲିଟିଗୁଡା ପଞ୍ଚାୟତ କୋକପଦର ଗ୍ରାମରେ ୯ ଲକ୍ଷ ଟଙ୍କା ବ୍ୟୟଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ଚେକଡ୍ୟାମ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା କରି ବଡ଼ ବଡ଼ ପଥର ଖଣ୍ଡ ପକାଇ ଗାର୍ଡ ୱାଲ କରାଯାଉଥିବା ନେଇ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ପଚାରିବାରୁ ରାଜନୈତିକ ଉଦ୍ଦେଶ୍ୟ ସାଧିତ ହୋଇ ନ ପାରିବାରୁ ରାଗ ରଖି ଉଦ୍ଦେଶ୍ୟ ମୂଳକ ଭାବରେ ଏହା କରାଯାଉଛି। କିଛି ଲୋକଙ୍କୁ ହାତ କରି ଏକ ବିପର୍ଯ୍ୟସ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଦସ୍ତଖତ ଦେବାକୁ କହି ମିଥ୍ୟା ଅଭିଯୋଗ କରାଯାଉଛି। କାର୍ଯ୍ୟ ଚାଲୁ ରହିଛି। ସରକାରୀ ନିୟମ ଅନୁସାରେ କାର୍ଯ୍ୟ ହେଉଛି ବୋଲି କୁହାଯାଇଛି। ତେବେ ନେତାମନ୍ତ୍ରୀ ତଥା ରାଜନୈତିକ ନେତୃବୃନ୍ଦ ଅଞ୍ଚଳର ବିକାଶ ଦିଗରେ ସମର୍ପିତ ରହିଥାନ୍ତି। ସିନାପାଲି ଅଞ୍ଚଳର ନେତା ତଥା ରାଜନୈତିକ ନେତୃବୃନ୍ଦ କିନ୍ତୁ ନିଜର ସ୍ୱାର୍ଥ ପାଇଁ ଠିକାଦାର ସାଜିଛନ୍ତି। ସିନାପାଲି ବ୍ଲକ ଏକ ଆଦିବାସୀ ପ୍ରବଣ ଅଞ୍ଚଳ। ଏଠାରେ ଅନେକ ସମସ୍ୟା ରହିଛି। ପ୍ରଶାସନ କିନ୍ତୁ ଚୁପ୍ ବସିଛି।

# କେବଳ ପ୍ରତିଶ୍ରୁତିରେ ଦିନ ଗଡୁଛି


କେସିଙ୍ଗା, ୨୮ ।୭(ସମିସ): କେସିଙ୍ଗାରୁ ଯେବେଠାରୁ ନିର୍ବାଚନ ମଣ୍ଡଳୀ ଉଠିଯାଇଛି ସେବେଠାରୁ କେସିଙ୍ଗା ଶ୍ରୀହୀନ ହୋଇ ଯାଇଛି। ନେତାମାନେ ନିର୍ବାଚନ ସମୟରେ ଓ ନିର୍ବାଚିତ ହେବାପରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଞ୍ଚଳକୁ ଆସି ସବୁ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଅଞ୍ଚଳରେ



ଅନେକ ସମସ୍ୟା ରହିଛି। ରୋଜଗାରରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ରାସ୍ତାଘାଟ ଜଳସେଚନ ପର୍ଯ୍ୟନ୍ତ ସମସ୍ୟା ଲାଗି ରହିଛି। ଲୋକଙ୍କ ବିରୋଧ ସତ୍ତ୍ୱେ କେସିଙ୍ଗାରେ ରେଳ ଓଭର ବ୍ରିଜ ନିର୍ମାଣ ଚାଲିଛି। ତେବେ ଏହି ବିରୋଧ ପୋଲର ଅବସ୍ଥିତିକୁ ନେଇ କରାଯାଉଛି। ସେହିଭଳି ଡାକ୍ତରଖାନା ଅଛି; ହେଲେ ଏହା ରେଫରାଲ ସେଣ୍ଟର୍ ପାଲଟିଛି। ଚାଷ ଜମି ଅଛି; ହେଲେ ଜଳ ସେଚନର ବ୍ୟବସ୍ଥା ନାହିଁ। ଅଞ୍ଚଳର ସମସ୍ତ ମେଗା ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ ନୂତନ ସରକାର ଆସିଲା ପରେ ବନ୍ଦ ପଡ଼ିଛି। କେଉଁଠି ଠିକା ସଂସ୍ଥାର ଅବଧି ପୂରି ଯାଇଥିବାରୁ ଲିଫ୍ଟ ଇରିଗେସନ ବନ୍ଦ ପଡ଼ିଛି ତ କେଉଁଠି ଅଧା କାମ ହୋଇ ପ୍ରକଳ୍ପ ଶେଷ ହୋଇପାରୁ ନାହିଁ। ୨ ଦିନ ତଳେ ରାଜ୍ୟସଭା ସାଂସଦ ସୁଜିତ କୁମାର କଳାହାଣ୍ଡି ଆସିବା ସମୟରେ କେସିଙ୍ଗା ରେଳ ଷ୍ଟେସନରେ ଓହ୍ଲାଇଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ପ୍ରକୋଷ୍ଠରେ ବସି ସେ କିଛି ଦଳୀୟ ଶୀର୍ଷନେତା ଓ ସାମ୍ବାଦିକଙ୍କ ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ସାଂସଦ କୁଆଡେ ଅଞ୍ଚଳର ସମସ୍ତ ସମସ୍ୟାର ସମାଧାନ ପାଇଁ ପୁଣି ଥରେ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ଅଞ୍ଚଳରେ ଏକମାତ୍ର ସୂତାକଳ ଚାରି ଦଶନ୍ଧିରୁ ଅକାମୀ ହୋଇ ପଡ଼ିରହିଛି। ଏଥିପାଇଁ ଜୁନରେ କେସିଙ୍ଗା ନାଗରିକ ମଞ୍ଚ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା। ଜିଲ୍ଲାପାଳ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବେ ପୁଣି ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରାଜ୍ୟ ସରକାରଙ୍କ ନୂତନ ଟେକ୍ସଟାଇଲ ପାର୍କ ତାଲିକାରେ ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଜଗତସିଂପୁର, ଗଞ୍ଜାମ ଓ କଟକର ନାମ ଥିଲେ ମଧ୍ୟ କଳାହାଣ୍ଡି ଜିଲ୍ଲାର କେସିଙ୍ଗାର ନାମ ନାହିଁ। ତେଣୁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। କଳାହାଣ୍ଡି ଜିଲ୍ଲା ସାରା ରାଜ୍ୟରେ କପାଚାଷରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଏଠାରେ ଗୁଣାତ୍ମକ କପା ମିଳିଥାଏ। ଏହା ସତ୍ତ୍ୱେ କଳାହାଣ୍ଡିର ନାଁ ନ ରହିବା ଏଡିକାର ଲୋକଙ୍କୁ କଷ୍ଟ ଦେଇଛି। ଅନ୍ୟପକ୍ଷେ କୋଣାର୍କ ସୂତାକଳ ପାଇଁ ୪୦ ବର୍ଷ ତଳେ ଜମି ଦେଇଥିବା ମାଲିକମାନେ ଏବେ ଫେରସ୍ତ ନେବା ପାଇଁ ଅଣ୍ଟା ଭିଡ଼ିଲେଣି।

# ଦାୟିତ୍ୱ ନେଲେ ନୂଆ ଜିଲ୍ଲାପାଳ

ସୋନପୁର, ୨୮ ।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଡ. ନୃପରାଜ ସାହୁ ସୋମବାର ପୂର୍ବାହ୍ଣରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ନୂତନ ଜିଲ୍ଲାପାଳ ସୁବର୍ଣ୍ଣପୁର ତରଭା



ପଞ୍ଚାୟତ ସମିତିରେ ଅନୁଷ୍ଠିତ ହେଉଥିବା ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ଶେଷ ହେବା ପରେ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଓ ସମିତିସ୍ତରୀୟ ଅଧିକାରୀମାନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ସହିତ ପରିଚୟ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଜିଲ୍ଲା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ଏହା ସହ କର୍ମଚାରୀ ଅଭାବ ସତ୍ତ୍ୱେ ଉପଲବ୍ଧ କର୍ମଚାରୀଙ୍କୁ ନେଇ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ବିଭାଗ ବା କାର୍ଯ୍ୟାଳୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଉଚ୍ଚ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣି ଆଇନ ଓ ନିୟମ ଅନୁଯାୟୀ ସମାଧାନ ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର କୃଷି ଓ କୃଷକଙ୍କ ସମସ୍ୟା, ସ୍ୱାସ୍ଥ୍ୟ ଓ ପରିମଳ, ଶିକ୍ଷା ଇତ୍ୟାଦି ସମସ୍ୟାର ସମାଧାନ, ପ୍ରତିକାର ଓ ପ୍ରତିଷେଧକମୂଳକ ପଦକ୍ଷେପ ନେବା ତାଙ୍କର ପ୍ରାଥମିକତା ରହିବ। ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ପ୍ରତ୍ୟେକ ବିଭାଗ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଲାଭ ଯେପରି ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ କର୍ମଚାରୀ ନିଜ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତୀ ହେବାକୁ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଥିଲେ।

# ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଚଢାଦରରେ ସାର ବିକ୍ରି

ଗୋଲାମୁଣ୍ଡା, ୨୮ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ରାସାୟନିକ ସାର ଚଢାଦରରେ ବିକ୍ରି ହେଉଥିବା ଦେଖାଦେଇଛି। ବିକ୍ରିମୂଲ୍ୟରେ କୌଣସି ସ୍ୱଚ୍ଛତା ରହୁନାହିଁ। ବ୍ଲକର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଦରରେ ସାର ବିକ୍ରି ହେଉଥିବା ଦେଖା ଯାଉଛି। ସରକାରୀ ଧାର୍ଯ୍ୟ ଦରଠାରୁ ରାସାୟନିକ ସାର ୫୦ରୁ ୨୦୦ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ୟୁରିଆ ବସ୍ତା ପିଛା ୩୦୦ ଟଙ୍କା ବିକ୍ରି ହେବାକୁ ଥିବା ବେଳେ କେତକ ସ୍ଥାନରେ ୪୦୦ ଟଙ୍କା, ଡିଏପି ସାର ୧୩୫୦ ପରିବର୍ତ୍ତେ ୧୫୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଉଛି। ଚାଷୀଙ୍କ ଅଭିଯୋଗ ମୁତାବକ ଚଳିତ ଖରିଫ ଋତୁରେ ହୋଇଥିବା ଧାନ ତଥା କପା ଫସଲରେ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ବ୍ଲକର ସମସ୍ତ ସମବାୟ ସମିତି ପର୍ଯ୍ୟାପ୍ତ ପରିମାଣରେ ସାର ରଖୁ ନାହାନ୍ତି। ଏହା ଫଳରେ ଖୁଚୁରା ବିକ୍ରୟ କେନ୍ଦ୍ରରେ ମାତ୍ରାଧିକ ଦର ଶୁଣି ଚାଷୀ ଚିନ୍ତାରେ ହତାଶ ହେଉଛନ୍ତି। ମହାଲିଙ୍ଗ, ଚପ୍ରିଆ, କୁହୁରା, ବଡଚେରଗାଁ, ମାନଝରି, ଦସପୁର, ଧାମନପୁର, ତୁମୁରା ଉଚ୍ଛୁଲା ଆଦି ଅଞ୍ଚଳର ଖୁଚୁରା ବିକ୍ରୟ କେନ୍ଦ୍ରରେ ଚଢା ଦରରେ ସାର ବିକ୍ରି ହେଉଛି। କେନ୍ଦ୍ରରେ ଦର ତାଲିକା ଟଙ୍ଗା ଯାଉନାହିଁ। ସାର ସହ କିଛି କିଟନାଶକ ଔଷୋଧ ଏବଂ ତରଳ ସାର ଟ୍ୟାଗ କରି ନେବାକୁ ଚାଷୀଙ୍କୁ ବାଧ କରାଯାଉଛି। ସେହିପରି କୋ-ଅପରେଟିଭ ସୋସାଇଟି ମାଧ୍ୟମରେ ଯୋଗାଣର ଉପକାର ଅନେକ ସମୟରେ ଚାଷୀ ପାଇପାରୁ ନାହାନ୍ତି। ତେବେ ଏ ସମ୍ପର୍କରେ ଗୋଲାମୁଣ୍ଡା ଗୋଷ୍ଠୀ କୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ପଚାରିବାରୁ ଏ ଦିଗରେ ଆମେ ଯତ୍ନବାନ ଅଛୁ। ଖୁବ୍ ଶୀଘ୍ର ଚଢଉ କରାଯିବ ବୋଲି କହିଛନ୍ତି।

# କୂଅରୁ ଗାଈ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଗୋଲାମୁଣ୍ଡା, ୨୮ ।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଟେଲପଡ଼ାସ୍ଥିତ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏକ ଗଭୀର କୂଅ ଭିତରୁ ସୋମବାର ସକାଳ ୭ଟାରେ ଗୋଟିଏ ଗାଈକୁ ଉଦ୍ଧାର କରାଯାଇଛି। ଗାଈଟି କୂଅରେ ପଡ଼ିଥିବା ଦେଖି ଗ୍ରାମର ନରେନ୍ଦ୍ର ପଟେଲ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ଅଗ୍ରୱାଲ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗାଈଟିକୁ କୂଅରୁ ଉଦ୍ଧାର କରିଥିଲେ।

# କଳା ମଣ୍ଡପ ନା ବ୍ୟବସାୟ ମଣ୍ଡପ

ବଲାଙ୍ଗିର, ୨୮ ।୭ (ସମିସ)

ବଲାଙ୍ଗିର ସହର ମଧ୍ୟଭାଗରେ ଥିବା କଳା ଓ ସଂସ୍କୃତିର ମଣ୍ଡପ ଏବେ ସାଜିଛି ବ୍ୟବସାୟର ମଣ୍ଡପ। ଦିନରେ ଯେଉଁ ମଣ୍ଡପକୁ ଅଞ୍ଚଳର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ୟମରେ ତତକାଳିନ ପାଟଣା ମହାରାଜ ନିର୍ମାଣ କରାଇଥିଲେ। ଆଜିର ଦିନରେ ତାହା କେବଳ ବ୍ୟବସାୟିକ କାର୍ଯ୍ୟକ୍ରମରେ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। କାଁ ଭାଁ କିଛି ହାତଗଣତି ସାଂସ୍କୃତିକ

- କାଁ ଭାଁ ହାତଗଣତି ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହୃତ
- ମୀନାବଜାର, ମେଳାରେ ଅଧିକ ବ୍ୟବହାର ହେଉଛି
- ଆବର୍ଜନାମୟ, ସୌନ୍ଦର୍ଯ୍ୟକରଣ କାମ ହେଉନି

ଓ ରାଜନୈତିକ କାର୍ଯ୍ୟକ୍ରମକୁ ଛାଡିଦେଲେ ଏହା ପ୍ରାୟତଃ ବିଭିନ୍ନ ପ୍ରକାର ମେଳା, ମୀନାବଜାର ରେ ହିଁ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ବଲାଙ୍ଗିରରେ କୋଶଳ କଳା ମଣ୍ଡପର ନିର୍ମାଣ କରାଯାଇଥିଲା ତାହା ପୂରଣ ହେବାର ବହୁ ଦୂରରେ ରହିଛି। ଅନେକ ସମୟରେ ଏହାକୁ ପୁନରୁଦ୍ଧାର କରିବା ସହ ନୂତନ ନିର୍ମାଣ ପାଇଁ ଦାବି ହେଉଛି ସତ କିନ୍ତୁ ତାହା ପୂରଣ ନହେବା ପଛରେ ବି ବ୍ୟବସାୟିକ ଉଦ୍ଦେଶ୍ୟ ରହିଥିବା ଚର୍ଚ୍ଚା ହେଉଛି।

ଏକଦା ବଲାଙ୍ଗିର ଜିଲ୍ଲା ତଥା ଅଞ୍ଚଳର କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ତତକାଳିନ ପାଟଣା ମହାରାଜଙ୍କ ଦ୍ୱାରା ସହରର ମଧ୍ୟଭାଗରେ କୋସଳ କଳା ମଣ୍ଡପ ନିର୍ମାଣ କରାଯାଇଥିଲା। ଯେଉଁଠାରେ କି ବିଭିନ୍ନ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ଏହିକ୍ରମରେ ପୂର୍ବରୁ ଅନେକ ପ୍ରସିଦ୍ଧ କଳାକାର ଏହି ମଣ୍ଡପ ଠାରେ ଥିବା ମଞ୍ଚରେ ନିଜ କଳା ପ୍ରଦର୍ଶନ କରିଆସୁଥିଲେ। ତେବେ ଏହି କଳା ମଣ୍ଡପ ଏବେ ବ୍ୟବସାୟିକ ମଣ୍ଡପ ସାଜିଥିବା ଦେଖିବାକୁ ମିଳିଛି। ଜିଲ୍ଲା ମହୋତ୍ସବ, ଭୂମିକା ପକ୍ଷରୁ ଆୟୋଜିତ ହେଉଥିବା ମଠଖାଇ ମହୋତ୍ସବ ଏହିଭଳି କିଛି ହାତ ଗଣତି ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଣ୍ଡପରେ ଆୟୋଜିତ ହେଉଥିବା ବେଳେ ଏହା ଠାରୁ ଅଧିକ ବ୍ୟବସାୟିକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହେଉଥିବା ଦେଖିବାକୁ ମଳିଛି। ଦଶହରା, ଶୀତଳ ଷଷ୍ଠୀ ସମୟରେ ମୀନାବଜାର, ଏହା ବାଦ ଅନେକ ସମୟରେ ହସ୍ତତନ୍ତ ମେଳା ଭଳି ବ୍ୟବସାୟ ମଣ୍ଡପରେ କରାଯାଉଛି। ଜିଲ୍ଲା କିମ୍ବା ରାଜ୍ୟସ୍ତରୀୟ ଉଭୟ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଏହାକୁ ବ୍ୟବହାର କରାଯାଉଛି। ଫଳରେ ଏହା ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଅନେକ ସମୟରେ ରାଜନେତା ମାନେ ଏହି କଳାର ପ୍ରାଣକେନ୍ଦ୍ରର ଉନ୍ନତିକରଣ ପାଇଁ ଦାବି



କରୁଥିବା ବେଳେ ଏଥିପ୍ରତି କିନ୍ତୁ କାହାର ନଜର ନାହିଁ। ଏହି ମଣ୍ଡପର ଉନ୍ନତିକରଣ ପାଇଁ ପୂର୍ବ ସରକାର ସମୟରେ ପ୍ରାୟ ୩ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ସବୁ ବ୍ୟବସାୟିକ ମନୋଭାବ ଯୋଗୁଁ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧପନ୍ତରିଆ ହୋଇ ଏହା ପଡ଼ିରହିଥିବା ବେଳେ ଏହେ କେବେ ସରିବ ତାହା କହିବା ମୁସ୍କିଲ। କେବଳ ଏତିକି ନୁହଁ ଏହି କଳା ମଣ୍ଡପରେ ସ୍ଥାନୀୟ କଳା ସଂସ୍କୃତି ସମ୍ପର୍କିତ ଏକ ସଂଗ୍ରହାଳୟ ରହିଥିବା ବେଳେ ତାହା ମଧ୍ୟ ବନ୍ଦ କରିଦିଆଯାଇଥିବା ଜଣାପଡ଼ିଛି। ଏହିଭଳି ଭାବେ ଏହି କଳା ମଣ୍ଡପ ଏବେ ବ୍ୟବସାୟିକ ମଣ୍ଡପ ସାଜିଥିବା ବେଳେ ଏହା କଳାକାରମାନଙ୍କୁ ବ୍ୟଥିତ କରିଛି। ଏହି ସବୁ କାରବାର ଦ୍ୱାରା ନା କଳାକାରମାନେ ଆସି ଏଠାରେ ଅଭ୍ୟାସ କରିପାରୁଛନ୍ତି ନା ତାଙ୍କ ବ୍ୟବହାରରେ ଏହା ଲାଗି ପାରୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଅଫିସରଙ୍କ କଲର ଧରିଲେ ଚାଷୀ



**ତରଭା, ୨୮ ।୭ (ସମିସ):** ତରଭା ବ୍ଲକ ସଭା ଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ ବାହାରେ ଅଭାବନୀୟ ଘଟଣା ଘଟିଥିଲା । ଧାନବିକ୍ରିର ପ୍ରାପ୍ୟକୁ ନେଇ ମରାଡୁଗୋଛା ପେକ୍ସ ଅଧୀନ ଚାଷୀ ଜିଲ୍ଲା ସହକାରୀ ଅଧିକାରୀ ରେବତିସ୍ ନାଏକ ଓ ସମବାୟ ବିଭାଗର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁଙ୍କୁ ଠେଲାପେଲା କରିଥିଲେ । ଏଭଳିକି ଉତ୍ତ୍ୟକ୍ତ ଚାଷୀ ଏହି ଅଧିକାରୀମାନଙ୍କ ସାର୍ଟ କଲର ଧରିବାକୁ ପଛାଇ ନ ଥିଲେ । ପରେ ନୂତନ ଜିଲ୍ଲାପାଳ ଡ. ନୃପରାଜ୍ ସାହୁଙ୍କୁ ଭେଟିଥିଲେ । ଧାନକିଣାରେ ଅନିୟମିତତା ଏବଂ ଧାନ ବିକ୍ରିର ପ୍ରାପ୍ୟ ଏଯାବତ୍ ପାଇ ନ ଥିବା ଅଭିଯୋଗ କରିଥିଲେ । ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଅସନ୍ତୋଷ ଚାଷୀ ଶାନ୍ତ ପଡ଼ିଥିଲେ ।

## ଆବାସ ଯୋଜନାରେ ଅନିୟମିତତା

# ଜଣକ ନାଁରେ ମଞ୍ଜୁର, ଆଉ ଜଣକୁ ପ୍ରଥମ କିସ୍ତି

**ଶଗଡ଼ା, ୨୮ ।୭ (ସମିସ)**

ସରକାର ଗରିବ ଓ ଅସହାୟ ଲୋକଙ୍କ ଉନ୍ନତି ଲାଗି ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନାର ସୁଫଳ ପାଉ ନ ଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଘର ମିଳୁନାହିଁ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଗବଯୋର ଗ୍ରାମରୁ ଏଭଳି ଏକ ଅଭିଯୋଗ ଆସିଛି । ଗ୍ରାମର ସେବକ ମେହେରଙ୍କ ସ୍ତ୍ରୀ ଜୟନ୍ତୀ ମେହେରଙ୍କ ନାମରେ ସରକାରଙ୍କ ପକ୍ଷରୁ ୨୦୨୪-୨୫ ମସିହାରେ ତାଙ୍କ ନାମ ଆବାସ ଘର ତାଲିକାରେ ଘର ମଞ୍ଜୁର ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ ଜୟନ୍ତୀଙ୍କୁ ଆବଶ୍ୟକୀୟ କାଗଜପତ୍ର ସବୁ ମାଗିଥିଲେ । ହେଲେ ଦୀର୍ଘ ମାସ ବିତି ଯାଇଥିଲେ ସୁଦ୍ଧା ଜୟନ୍ତୀଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ଆସି ନ ଥିଲା । ଟଙ୍କା ଆସି ନ ଥିବା ନେଇ ଜୟନ୍ତୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ପଞ୍ଚାୟତ ନିର୍ବାହୀଅଧିକାରୀ କୌଣସି କଥା ଶୁଣି ନ ଥିବା କହିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଣିଶୁଣି ଚଞ୍ଚକତା କରି ତାଙ୍କ ଘର ସହାୟତା ରାଶି ଅନ୍ୟ ଜଣକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଜୟନ୍ତୀ ଆଜି କଣ୍ଟାମାଳ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି । ବିଡ଼ିଓ ଅନୁପସ୍ଥିତ ଥିବାରୁ ଜିପିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣା ପଡ଼ିଛି । ଶିମିଳିପଦର ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସମସ୍ତ ଆବାସ ଯୋଜନାର ଅନିୟମିତତାର ନିରପେକ୍ଷ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟନ୍ତୀ ଦାବି କରିଛନ୍ତି । ଅନିୟମିତତା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରା ଯାଇଥିଲେ ସୁଦ୍ଧା ଫୋନ ଉଠାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

**ଟଙ୍କା ପ୍ରଦାନରେ ଚଞ୍ଚକତା**

## ୨୨ ଦିନ ପରେ ମିଳିଲା ଇଞ୍ଜିନିୟର ଛାତ୍ରଙ୍କ ମୃତଦେହ

**ବଣାଇଁ, ୨୮ ।୭ (ସମିସ):** ବୁଲିବାକୁ ଆସି ବାଦଲଗିରି ଜଳପ୍ରପାତରେ ଭାସିଯାଇଥିବା ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ୨୨ ଦିନପରେ ମିଳିଛି । ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଲିପଲୋଇ ପାନପଡ଼ାର ୧୩ ଜଣ ସାଙ୍ଗ ଗତ ୬ ତାରିଖ ଦିନ ପିକ୍‌ନିକ୍ କରିବାକୁ ଗୁରୁଣ୍ଡିଆ ବ୍ଲକ ବାଦଲଗିରି ଜଳପ୍ରପାତ ଆସିଥିଲେ । ସେଠାରେ ସମସ୍ତେ ଗାଧୋଉଥିବା ସମୟରେ ୨୬ ବର୍ଷିୟ ଗୌରବ ଭାସି ଯାଇଥିଲେ । ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ଗୁରୁଣ୍ଡିଆ ଥାନା ଓ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୪ ଦିନ ଧରି ବହୁତ୍ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିଲେ । ସୋମବାର ସକାଳୁ ଏକ ଶବ ଭାସୁଥିବାର ଦେଖି ଗାଁ ଲୋକେ ଗୁରୁଣ୍ଡିଆ ଥାନାକୁ ଖବର ଦେଇଥିଲେ । ଗୁରୁଣ୍ଡିଆ ଥାନା ଅଧିକାରୀ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପରିବାରକୁ ଖବର ଦେଇଥିଲେ, ପରିବାର ଲୋକେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ ।



## ବିପୁଳ ମହୁଲ ପୋଚ ସହ ଦେଶୀ ମଦ ଜବତ

**ଶଗଡ଼ା, ୨୮ ।୭ (ସମିସ):** ଘଣ୍ଟାପଡ଼ା ଥାନା ପ୍ରତିମାଲ ଗ୍ରାମ ରାସ୍ତା ନିକଟରେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ବେଳେ କଣ୍ଟାମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା । ଗ୍ରାମର ଉଛବ ସାହୁ (୩୦) ନିକଟରୁ ୭ ଲିଟର ଦେଶୀ ମଦ ଜବତ କରି ତାକୁ ଅଟକ ରଖିଥିଲା । ଏ ନେଇ କଣ୍ଟାମାଳ ଅବକାରୀ ପକ୍ଷରୁ ଏକ ମାମଲା ରୁଜୁ କରି ତାକୁ ସେବା ନୋଟିସ୍ ଦେଇ ଛାଡି ଦିଆଯାଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି କଣ୍ଟାମାଳ ଅବକାରୀ ଟିମ୍ ଶିମିଳି ଜୋରା ଗ୍ରାମ ନିକଟସ୍ଥ ନାଳରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ଖବର ପାଇ ଚଢ଼ଉ କରି ୩୫୦ ଲିଟର ମହୁଲ ପୋଚ ନଷ୍ଟ କରିଛି ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି

**ବୌଦ୍ଧ, ୨୮ ।୭ (ସମିସ):** ବୌଦ୍ଧ ପୁରାତନ ଗଡ଼ଜାତ ଅମଳର ଗଣେଶ ବଜାରରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ପ୍ରସ୍ତୁତି ବୈଠକରେ ବଜାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ରଞ୍ଜିତ ସାହୁ ସଭାପତି ହୋଇଥିବାବେଳେ ସଚିବ ଭାବେ ସୁରଜ ଅଗ୍ରୱାଲ, କୋଷାଧକ୍ଷ ଭାବେ ମୋହିତ ଅଗ୍ରୱାଲ ଚୟନ ହୋଇଛନ୍ତି ।

## କଣ୍ଟାମାଳ ଡୁମାଳ ସମାଜ ତରଫରୁ ପ୍ରସାଦ ବଣ୍ଟନ

**ଶଗଡ଼ା, ୨୮ ।୭ (ସମିସ):** ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ସ୍ଥାନୀୟ ଡୁମାଳ ସମାଜ ତରଫରୁ କଣ୍ଟାମାଳ ବ୍ଲକ ଗୁନାପଥରସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଜଳେଶ୍ୱର ବାବା ମନ୍ଦିରଠାରେ କାଉଡିଆ ଏବଂ ଶୈବଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସିଦ୍ଧବାବା ମଠର ମହନ୍ତଙ୍କ ତତ୍ୱାବଧାନରେ ଶମ୍ଭୁ ପାତ୍ର, କାଶୀବିଶ୍ୱନାଥ କର୍ଣ୍ଣ, ସୁରଥ ପ୍ରଧାନ, ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼ ଓ ଅନ୍ୟମାନେ ପରିଚାଳନା କରିଥିଲେ । ମଠର କର୍ମକର୍ତ୍ତା ସହଯୋଗ କରିଥିଲେ ।

## କପିଳେଶ୍ୱର ବାବାଙ୍କ ପୀଠରେ ଜଳାଭିଷେକ

**ପଲଶାଗୋରା, ୨୮ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର କପିଳେଶ୍ୱର ବାବାଙ୍କ ପୀଠରେ ସୋମବାର ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି । ଭକ୍ତମାନେ ନିକଟରେ ଥିବା କାନ୍ଧୁଲମୁଣ୍ଡା ପୋଖରୀରୁ ପୂଜା ପରେ ଜଳ ଆଣି ମନ୍ଦିର ଭିତରେ ଢାଳିଥିଲେ । ମନ୍ଦିରରେ ରୁଦ୍ରାଭିଷେକ କରାଯାଇଥିଲା ।

# ୬ ବର୍ଷରେ ବଜ୍ରପାତ ନେଲାଣି ୧୪ ଜୀବନ

**ବୌଦ୍ଧ, ୨୮ ।୭ (ସମିସ):** ଓଡ଼ିଶା ଏକ ବଜ୍ରପାତ ପ୍ରବଣ ରାଜ୍ୟ ହୋଇଥିବା ବେଳେ ବଜ୍ରପାତକୁ ସରକାର ବିପର୍ଯ୍ୟୟ ତାଲିକାରେ ସାମିଲ କରିଛନ୍ତି ।ବଜ୍ରପାତ ଜନିତ ମୃତ୍ୟୁକୁ ରୋକିବା ପାଇଁ ବ୍ୟାପକ ତାଳଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇ ତାଳଗଛ ବ୍ୟାପକ ଭାବରେ ରୋପଣ କରିଛନ୍ତି । ତାଳଗଛ ବଜ୍ରପାତ ମୃତ୍ୟୁକୁ ରୋକିବାରେ ଏକ ରକ୍ଷାକବଚ ଭଳି କାର୍ଯ୍ୟ କରିବ । ବୌଦ୍ଧଜିଲ୍ଲାରେ ଛଅ ବର୍ଷରେ ବଜ୍ରାଘାତରେ ୧୪ ଜଣଙ୍କର ଜୀବନ ଯାଇଥିବା ଜଣାପଡ଼ିଛି । ଜିଲ୍ଲାରେ ପ୍ରତିବର୍ଷ ବଜ୍ରାଘାତରେ ଯାଉଛି ଅନେକ ନିରିହ ଜୀବନ । ବିଶେଷ କରି ବର୍ଷା ଦିନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଅଧିକାଂଶଙ୍କ ଜୀବନ ଯାଇଥିବା ଜଣାପଡ଼ିଛି । ବର୍ଷା ଦିନେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହେବା ସମୟରେ ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବାରେ ଅସାବଧାନତା ଅବଲମ୍ବନ କରିଥାନ୍ତି । ଯାହାଫଳରେ ମୂଲ୍ୟବାନ ଜୀବନ ଦେବାକୁ ପଡ଼ିଥାଏ । ବଜ୍ରପାତକୁ ନେଇ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ଠିକ ଭାବରେ ପହଞ୍ଚି ପାରୁନାହିଁ । ପ୍ରତି ବର୍ଷ ପ୍ରଶାସନ ପକ୍ଷରୁ ବଜ୍ରପାତରୁ କିପରି ଜୀବନକୁ ସୁରକ୍ଷିତ ରଖିବେ ସେଥିପାଇଁ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ସଚେତନତାର ଅଭାବ ଯୋଗୁଁ ବଜ୍ରପାତରେ ପ୍ରାଣହାନୀ ଘଟୁଛି । ବଜ୍ରପାତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ତାଳଗଛ ରୋପଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବୌଦ୍ଧଜିଲ୍ଲାରେ ବିଭିନ୍ନ ଗ୍ରାମରେ ବ୍ୟାପକ ତାଳବଣମାନ ରହିଥିଲା । ହେଲେ ଧିରେ ଧିରେ ତାଳଗଛ ସବୁ ଲୋପ ପାଇବାକୁ ଗଲାଣି । ଏପରକି ବାହାର ରାଜ୍ୟକୁ ତାଳଗଛ ଚାଲାଣ ହୋଇଛି । ଗତ ୨୦୨୩ରୁ ସରକାର ତାଳଗଛ କାଟିବା ଉପରେ ରୋକ ଲଗାଇବା ପରେ ଧିରେ ଧିରେ ତାଳଗଛ ଚାଲାଣ ଉପରେ ରୋକ ଲାଗିଥିବା ଜଣାପଡ଼ିଛି । ବନ ବିଭାଗ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇଛି । ବୌଦ୍ଧଜିଲ୍ଲାରେ ଗତ ଦୁଇ ବର୍ଷରେ ୫୮ ହଜାର ତଳଗଛ ଲଗାଯାଇଥିବା ବେଳେ ଚଳିତ ବର୍ଷ ସରକାର ୫୦ ହଜାର ତାଳଗଛ ଲଗାଇବାକୁ ବୌଦ୍ଧ ବନ ବିଭାଗକୁ ଲକ୍ଷ୍ୟ ଦିଆଯାଇଛି । ଜିଲ୍ଲାରେ ବନ ବିଭାଗ ପକ୍ଷରୁ ୨୦୨୩ ମସିହାରେ ୫ ହଜାର ତାଳଗଛ ଲଗାଯାଇଥିଲା । ଯାହାକି ନଗରେଗା ପ୍ଲାସେନରେ ଲଗାଯାଇଥିଲା । ୨୦୨୪ ରେ ୫୩ ହଜାର ତାଳଗଛ ରିଜର୍ଭ ଫରେଷ୍ଟ ଏରିଆର ସୀମାରେ ଲଗାଯାଇଥିଲା । ଯାହାଫଳରେ ବଜ୍ରପାତରୁ ରକ୍ଷା ମିଳିବା ସହିତ ସଂରକ୍ଷିତ ଜଙ୍ଗଲ ସୀମାର ଚିହ୍ନଟ ହୋଇପାରିବ । ଚଳିତ ବର୍ଷ ୫୦ ହଜାର ତାଳଗଛ ଲାଗାଇବାକୁ ଲକ୍ଷ ଦିଆଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଟିକେ ଅଲଗା ପଦକ୍ଷେପ ଗ୍ରହଣ କରାଯାଇଛି । ଜନବସତି ନିକଟରେ ତାଳଗଛ ଲଗାଇବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଜନବସତି ନିକଟରେ ଥିବା ଏନଆରଜିଏସ, ଗ୍ରୀନ ମହାନଦୀ ମିଶନ ପ୍ଲାସେନ ପାଖାପାଖି ଲଗାଯିବାର ଯୋଜନା ରଖାଯାଇଛି । ଗାଁ ପାଖରେ ତାଳଗଛ ଲଗାଇଲେ ଲୋକଙ୍କ ପାଖରେ ତାଳଗଛ ରହିବ । ବଜ୍ରପାତ ସାଧାରଣତଃ ଉଚ୍ଚ ସ୍ଥାନକୁ ମାରିଥାଏ । ତାଳଗଛ ଯେହେତୁ ଉଚ୍ଚ ତେଣୁ ତାଳଗଛକୁ ଅଧିକ ବଜ୍ରପାତ ମାରିଥାଏ । ଯଦି ବଜ୍ରାଘାତ ହୁଏ ତାହାହେଲେ ବଜ୍ରାଘାତ ତାଳଗଛକୁ ମାରିବ ଓ ଲୋକ ଜୀବନ ସୁରକ୍ଷିତ ରହିବ । ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ତାଳଗଛ ଲଗା ହୋଇପାରିବ ।

**ରୋକିବା ପାଇଁ ତାଳଗଛ ରୋପଣ ଆରମ୍ଭ**

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



**ମନମୁଣ୍ଡା, ୨୮ ।୭ (ସମିସ):** ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଏହା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ରଞ୍ଜୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ଯୋଗଦେଇ ଚାରାରୋପଣର ଉପକରିତା ଦିଗ ଉପରେ ଆଲୋକପାତ କରିବା ସହ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ । ଶିକ୍ଷକ ସମୀର ପ୍ରଧାନ ଯୋଗଦେଇ ଚାରାରୋପଣରେ ସହଯୋଗ କରିଥିଲେ । ଶିକ୍ଷକ ସୁରେନ୍ଦ୍ର କମ୍ପ ଛାତ୍ରଛାତ୍ରୀଙ୍କୁ ମା’ ପାଇଁ ଗଛଟିଏ କହି ପ୍ରତ୍ୟେକ ଛାତ୍ରଛାତ୍ରୀ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଶୈଳେନ୍ଦ୍ର ବସ୍ତିଆ, ନୃପମଣୀ ମହାଳିକ, ସ୍ନେହାପ୍ରଭା ମହାପାତ୍ର, ଦୀପ୍ତିମୟୀ ବୈଠାରୁ, ବନିତା ମେହେର ପ୍ରକୃତିର ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ କହିଥିଲେ । ଏଥିରେ ବିଦ୍ୟାଳୟ ଇକୋ କ୍ଲବ୍‌ର ମୁଖ୍ୟ ଛାତ୍ର ଦୁର୍ବାଦଳ ଅମାତ, ମୁଖ୍ୟମନ୍ତ୍ରୀ ଅଜିତ ନାଏକ, ଉପମୁଖ୍ୟମନ୍ତ୍ରୀ ଗାୟତ୍ରୀ ବାରିକ ପ୍ରମୁଖ ଗଛ ହିଁ ଜୀବନ ଓ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ ।

# ଟିକରପଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ବୌଦ୍ଧ, ୨୮ ।୭ (ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ପରିସରରେ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିରେ ୨୯ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ଥିଲା । ଏହି ଅବସରରେ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ୫ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ ।




## ଡୁମୁଲିଆ- ରାଶିପତ୍ରା ରାସ୍ତା ବିପର୍ଯ୍ୟସ୍ତ

# ମରାମତି ଦାବିକଲେ ଗ୍ରାମବାସୀ

**ବାଲିଶଙ୍କରା, ୨୮।୭ (ସମିସ):** ଡୁମୁଲିଆ-ରାଶିପତ୍ରା ପର୍ଯ୍ୟନ୍ତ ରାସ୍ତା କାଦୁଅ ପଚପଚ ହୋଇଯିବାରୁ ଗମନାଗମନ ଠପ୍ ହୋଇଯାଇଛି । ଜନସାଧାରଣ ଠାରୁ ଧରି ଛାତ୍ରଛାତ୍ରୀ, ରୋଗୀମାନେ ଏହି ରାସ୍ତା ଦେଇ ଯିବାବେଳେ ହଇରାଣ ହରକତ ହେଉଛନ୍ତି । ଏହି ରାସ୍ତାର ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ରାସ୍ତା ମରାମତି ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ଡୁମୁଲିଆ ପଞ୍ଚାୟତର ଡୁମୁଲିଆ ବସ୍ତିରୁ ରାଶିପତ୍ରା ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାସ୍ତାର ମରାମତି ପାଇଁ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ । ଏହି ରାସ୍ତାଦେଇ ଲୋକେ କଲେଜ ତହସିଲ, ଡାକ୍ତରଖାନାକୁ କମ ଦୂରତାରେ ଯିବା ଆସିବା କରିଥାନ୍ତି । କିନ୍ତୁ ଡୁମୁଲିଆ ବସ୍ତିରୁ ପଞ୍ଚାୟତ କାର୍ଯ୍ୟାଳୟକୁ ୩୦ ନମ୍ବର ରାଜ୍ୟ ରାଜପଥ ଦେଇ ଗଲେ ଅଧିକ ରାସ୍ତା ଯିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ପାଇଁ ଡୁମୁଲିଆ ପଞ୍ଚାୟତବାସୀ ଦାବି କରିଛନ୍ତି ।



# ବହୁବିଧ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ



**ତରଭା, ୨୮ ।୭ (ସମିସ):** ତରଭା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ସୋନପୁରର ନୂତନ ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ଭେଟି ଅଞ୍ଚଳର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ।ସୋମବାର ଜିଲ୍ଲାପାଳ ଶ୍ରୀ ସାହୁ ତରଭା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ ।ସଂଘର ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସକଙ୍କ ସମେତ ଖାଲି ପଡ଼ିଥିବା ଅନ୍ୟାନ୍ୟ ଡାକ୍ତର ପଦ ପୂରଣ, ସରକାର ଯୋଗାଇ ଦେଇଥିବା ଅଲଟ୍ରାସାଉଣ୍ଡ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରାଇବା, ତରଭା ବ୍ଲକ ଅନ୍ତର୍ଗତ ଜାମକନିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟକ୍ଷ, ଇଂରାଜୀ ଶିକ୍ଷକ ଓ କିରାଣୀ ପଦବୀ ପୂରଣ ସହ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା, ଅଧପନ୍ତରିଆ ହୋଇପଡ଼ିଥିବା ତରଭା ନିବୃତ୍ତିଜୋର ବାଇପାସ ରାସ୍ତା, ରିଂ ରୋଡ ଓ ନିବୃତ୍ତିଜୋର ନୂତନ ବ୍ରିଜର ସଂଯୋଗୀ କରଣରାସ୍ତାକୁ ସମ୍ପୂର୍ଣ୍ଣ କରିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶ୍ରୀ ସାହୁ ସାମ୍ବାଦିକଙ୍କ ଗହଣରେ ନବନିର୍ମିତ ବସଷ୍ଟାଣ୍ଡ, ବାଇପାସ ରାସ୍ତା ଓ ନୂତନ ପୋଲକୁ ସଂଯୋଗ କରୁଥିବା ରାସ୍ତା ପରିଦର୍ଶନ କରିଥିଲେ । ବସଷ୍ଟାଣ୍ଡରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ଡ଼.ସୌମ୍ୟସ୍ୱରୂପା ରଥ, ତହସିଲଦାର ଶ୍ୱେତାଲିନା ମାହାଣା, ବିଡ଼ିଓ ଗାଙ୍ଗରାମ ବୁଡେକ, ବ୍ଲକ ଅଧକ୍ଷ ସରୋଜ କମ୍ପ, ତରଭା ଏନଏସି ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ନାଏକ, କିରାଣୀ ବିଶ୍ୱରଞ୍ଜନ ମିଶ୍ର ଉପସ୍ଥିତ ଥିଲେ ।

# ୧ରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍ୟାଙ୍କି ଟୁର୍ଣ୍ଣାମେଣ୍ଟ

**ବୌଦ୍ଧ, ୨୮ ।୭ (ସମିସ)**




ବୌଦ୍ଧ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଆସନ୍ତା ଅଗଷ୍ଟ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ଇଣ୍ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ରାଙ୍କି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏନେଇ ସୋମବାର ସନ୍ଧ୍ୟାରେ ଇଣ୍ଡୋର ଷ୍ଟାଡିୟମ ଠାରେ ବୌଦ୍ଧ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଆସୋସିଏସନ ର ସଭାପତି ପ୍ରଦୋଷ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ସଚିବ ସୁନ୍ଦର ପ୍ରକାଶ ସୂଚନା ଦେଇ କହିଥିଲେ ଯେ ଏହି ସବୁ ଇଭେଣ୍ଟକୁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ଦ୍ୱାରା ଆନୁଷ୍ଠାନିକ ଭାବରେ ଅନୁମୋଦିତ କରାଯାଇଛି । ଏଥିରେ ପୁରୁଷ ସିଙ୍ଗଲସ, ପୁରୁଷ ଡବଲସ, ମହିଳା ସିଙ୍ଗଲସ, ମହିଳା ସିଙ୍ଗଲସ ଏବଂ ମିଶ୍ରିତ ସିଙ୍ଗଲସରେ ବିଭିନ୍ନ ବର୍ଗରେ ରାଜ୍ୟର ଶୀର୍ଷ ସ୍ଥାନ ପାଇଥିବା ଖେଳାଳିଙ୍କ ସମେତ ମୋଟ ୧୩୬ ଜଣ ପ୍ରବେଶ ଗ୍ରହଣ କରିଛନ୍ତି । ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଖେଳାଳିମାନେ ଆସିଛନ୍ତି ଓ ଟୁର୍ଣ୍ଣାମେଣ୍ଟକୁ ସୁପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ଦ୍ୱାରା ୨୫ ଜଣ ବୈଷୟିକ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବ ୧ ତାରିଖ ସନ୍ଧ୍ୟା ୭ ଟାରେ ଅନୁଷ୍ଠିତ ହେବ । ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସାମ୍ବାଦିକ ସମ୍ମିଳନୀ କ୍ୟାସିଅର ଶିବାନନ୍ଦ ସାହୁ, ପରାମର୍ଶଦାତା ଜୁଲିୟସ୍ ମହାକୁଡ, ଉପାଧ୍ୟକ୍ଷ ପରେଶ ବେହେରା, ଇସି ସଦସ୍ୟ ଆଲୋକ ରଥ, ଇସି ସଦସ୍ୟ ଗଣେଶ ମହାପାତ୍ର, ବିଭୁଦତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ତାଲିମ୍ ଶିବିର

**ଶଗଡ଼ା, ୨୮ ।୭ (ସମିସ):** ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ ଅଧୀନ ଖଟଖଟିଆ ପଞ୍ଚାୟତର କୁମରକେଳି ଗ୍ରାମର ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥାର କାର୍ଯ୍ୟାଳୟରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ନୀଳକଣ୍ଠେଶ୍ୱର କୃଷକ ସଂସ୍ଥା ପକ୍ଷରୁ ମିଳିତ ଉଦ୍ୟମରେ ଚାଷୀଙ୍କୁ ତୈଳ ବୀଜ ରାଶି ବିହନ ବଣ୍ଟନ କରାଯାଇଥିଲା । ୩୦ ଜଣ ଚାଷୀଙ୍କୁ ନେଇ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ ଦାଶ, କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସରଦାର ଓ ନୀଳକଣ୍ଠେଶ୍ୱର କୃଷକ ସଂସ୍ଥାର ସଭାପତି ପରମକ୍ଷନନ୍ଦ ପ୍ରଧାନ ଯୋଗଦେଇ ଚାଷୀଙ୍କୁ ତୈଳ ବୀଜ ରାଶି ଫସଲ ଉପରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ତ୍ରିନାଥ ସାହୁ, ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥାର ଜୟକୃଷ୍ଣ ପ୍ରଧାନ, ରାଜନ ନାଏକ, ତୃତୀୟା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।



### ପୁରୀରେ ଚାଷୀଙ୍କ ଟ୍ରାକ୍ଟର୍ ଶୋଭାଯାତ୍ରା

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଗର୍ଜିଲେ; ଆମ ଧାନ କିଣ ସରକାର






ପୁରୀ/ବ୍ରହ୍ମଗିରି,୨୮।୭(ସମିସ): "ସରକାର ଆମ ଧାନ କିଣ। ଚାଷୀଙ୍କୁ ସବୁପ୍ରକାର ସୁବିଧା ଦେବ କହିଥିଲ, ହେଲେ ଧାନକିଣାରେ ଠକିଦେଲ। ଧାର୍ଯ୍ୟ ପରିମାଣର ଧାନ ଉଠିଲା ନାହିଁ। ହେ! ସରକାର କୁଆଡ଼େ ଗଲା ଆପଣଙ୍କ ଚାଷୀ ଓ ଚାଷ ପ୍ରୀତି। ଆଜି ଧାନର ଅଭାବୀ ବିକ୍ରି ନେଇ ଚାଷୀକୁଳ କାନ୍ଦୁଛି। ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ସରକାର ଏହାର ଜବାବ ଦିଅ। ନଚେତ୍ ରାଜରାସ୍ତାରେ ଆନ୍ଦୋଳନ ହେବ।" ବ୍ରହ୍ମଗିରିରୁ ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଆସିଥିବା ଶହଶହ ଚାଷୀ ଆଜି ପୁରୀରେ ଗର୍ଜିବା ସହ ଏପରି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଚାଷୀମାନେ ମୁଣ୍ଡରେ ଧାନବସ୍ତା ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।

ଏହି ବିଶାଳ ଚାଷୀ ଆନ୍ଦୋଳନରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା କହିଛନ୍ତି, ବ୍ରହ୍ମଗିରି ହେଉଛି ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ରହ୍ମଗିରିରେ ପ୍ରାୟ ୭୦ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି। ଗତ ରବି ଋତୁରେ ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ଚାଷୀମାନେ ସେହି ଅନୁସାରେ ସମସ୍ତ ସେବା ସମବାୟ ସମିତିରେ ସରକାରୀ ନିୟମ ମୁତାବକ ପଞ୍ଜୀକରଣ କରିଥିଲେ। କିନ୍ତୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ସେବା ସମବାୟ ସମିତିଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ୍ ନଦେଇ ଚାଷୀଙ୍କ ସହ ଖେଳ ଖେଳିଲେ ଏବଂ ଯାହା ଟାର୍ଗେଟ ଦିଆଯାଇଥିଲା ତାହା ବିଭିନ୍ନ ପର୍ଯ୍ୟାୟରେ ଦିଆଗଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ବିଷୟ, ଧାନ ସଂଗ୍ରହ ଅବଧି ଜୁନ୍ ୩୦ ତାରିଖ ରାତି ୧୨ଟାରେ ଶେଷ ହେଉଥିବା ବେଳେ ରାତି ୯ଟା ୪୫ ମିନିଟ୍ ସମୟରେ ବ୍ରହ୍ମଗିରି ଏବଂ ପୁରୀ ସଦର ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିକୁ ଟାର୍ଗେଟ୍ ପ୍ରଦାନ କରାଗଲା। ଫଳରେ ସମସ୍ତ ପଞ୍ଜିକୃତ ହୋଇଥିବା ଚାଷୀ ଭାଇମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପଞ୍ଜିକୃତ କରିଥିବା ପ୍ରାୟ ୫୦ପ୍ରତିଶତ ଚାଷୀ ନିଜର ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଯେତିକି ଟାର୍ଗେଟ ଦେଲେ ତାହାକୁ ମିଲରମାନେ ଠିକ୍ ସମୟରେ ନ ଉଠେଇବାରୁ ଚାଷୀମାନେ ପାଇଥିବା ଟୋକନ ଲାପ୍ସ ହେଲା।

ଏ ବାବଦରେ ବ୍ରହ୍ମଗିରିର ସମସ୍ତ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଏହି ସମୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଆସି ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଇ ମଣ୍ଡିରେ ଧାନ ଥୋଇ ଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସମ୍ବେଦନହୀନ ସରକାର ପ୍ରତିଶ୍ରୁତି ମୁତାବକ ଧାନ କିଣିଲେ ନାହିଁ। ଫଳରେ ବ୍ରହ୍ମଗିରିର ହଜାରହଜାର ଚାଷୀ କ୍ଷତିଗ୍ରସ୍ତ ହେବା ସହ ମଣ୍ଡିରେ ଧାନ ରଖି କାନ୍ଦୁଛନ୍ତି। ଚାଷୀଙ୍କର ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଛି, ତାଙ୍କର ଗଚ୍ଛିତ ଧାନକୁ କ'ଣ କରିବେ ସେ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା ଜିଲ୍ଲାପାଳଙ୍କ ନିକଟରେ ୩ ଦଫା ଦାବି ରଖିଥିଲେ। ସେଗୁଡ଼ିକ ମଧ୍ୟରେ ଚାଷୀମାନଙ୍କର ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଖରିଫ ଧାନ କ୍ରୟ କରିବା ପାଇଁ ନୂଆ ପଞ୍ଜୀକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ ଏବଂ ବ୍ରହ୍ମଗିରିର ସମସ୍ତ କେନାଲ ଓ ନଦୀ ସଫେଇ ସହିତ ରାଜଦଳ ମୁକ୍ତ କରାଯାଉ। ଅନ୍ୟପକ୍ଷରେ ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗ ଶୁଣି ଦାବିଗୁଡ଼ିକ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ବିକ୍ଷୋଭରେ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ପୁରୀ ସଦର ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପରିଡ଼ା, ଭାଇଲପୁର ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁର ପ୍ରସାଦ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକଙ୍କ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।

# ବସ୍ ଧକ୍କାରେ ୨ ଯୁବକ ମୃତ

### ଗୋରେଖନାଥ ଦର୍ଶନ ସାରି ଫେରୁଥିଲେ

ଜଗତସିଂହପୁର/ନାଉଗାଁ, ୨୮।୭ (ସମିସ): ଗୋରେଖନାଥଙ୍କ ଦର୍ଶନ ସାରି ଫେରୁଥିଲେ। ବସ୍ ଧକ୍କାରେ ଚାଲିଗଲା ଜୀବନ। ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ପାଳସାହି ଛକ ନିକଟରେ ଆଜି ଏଭଳି ଏକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ବାସେଳୀସାହିର ଅମିତ ସାହୁ ଓ ଚିତ୍ତରଞ୍ଜନ ରାଉତରାୟ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ସ୍ଥାନୀୟ ଗ୍ରାମବାସୀ ରାସ୍ତାରେ ଅମିତଙ୍କ ମୃତଦେହ ରଖି ରାସ୍ତାରୋକ କରିଥିଲେ। ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଅମିତି ସାହୁଙ୍କ ମୃତଦେହକୁ ଥାନାକୁ ଆଣି ଅଧିକ ତଦନ୍ତ ଆରମ୍ଭ କରିଥିଲେ। ଅମିତଙ୍କ ସମ୍ପର୍କୀୟ ମାମୁଁ ଲକ୍ଷ୍ମୀଧର ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।





ଶ୍ରାବଣ ତୃତୀୟ ସୋମବାର ଥିବାରୁ ପୁରୀ ଜିଲ୍ଲା ବାସେଳୀସାହିରୁ ଚାରିଜଣ ସାଙ୍ଗ ଦୁଇଟି ବାଇକ୍‌ରେ ଗୋରେଖନାଥଙ୍କ ଦର୍ଶନ କରିବାକୁ ଆସିଥିଲେ। ରାତି ଅଧାରୁ ଆସି ଦର୍ଶନ ସାରି ଘରକୁ ସକାଳୁ ସକାଳୁ ଫେରୁଥିବା ବେଳେ ପାଳସାହି ନିକଟରେ ସାଇକ୍ରିଷ୍ଣା ବସ୍ ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅମିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ସାଙ୍ଗ ଚିତ୍ତରଞ୍ଜନ ଗୁରୁତର ଭାବେ ଜଗତସିଂହପୁର ଜିଲ୍ଲା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଜଗତସିଂହପୁର,୨୮।୭(ସମିସ): ଜଗତସିଂହପୁର ଜିଲ୍ଲାରେ ବିଗତ କିଛି ଦିନ ମଧ୍ୟରେ ଏକାଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଜିଲ୍ଲା ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ୧୬ବର୍ଷୀୟ ଛାତ୍ରୀଜଣଙ୍କ ଗର୍ଭବତୀ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ତେବେ ଚିକିତ୍ସା ସମୟରେ ଗର୍ଭସ୍ଥ ଶିଶୁ ମୃତ ଅବସ୍ଥାରେ ବାହାରିଥିଲା। ପରେ ରକ୍ତ ଦିଆଯାଇ ନାବାଳିକାର ଚିକିତ୍ସା ଜାରି ରହିଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସରୋଜ କୁମାର ଜେନା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କ ପିତା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଉତ୍ତମ କାର୍ଯ୍ୟ ଲାଗି ମିଳିବ ରାଜ୍ୟ ପଞ୍ଚାୟତ ପୁରସ୍କାର

### ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର

ଭୁବନେଶ୍ୱର,୨୮।୭(ସମିସ): ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ପାଇଁ ଦିଆଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର। ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବା ସହ ଏଥିପାଇଁ ସରକାର ୪ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ସୋମବାର ମନ୍ତ୍ରୀ ଶ୍ରୀ ନାଏକ ଗଣମାଧ୍ୟମକୁ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସୂଚନା ଦେବା ସହ 'ପଞ୍ଚାୟତ ଆଡ୍‌ଭାନ୍ସମେଣ୍ଟ ଇଣ୍ଡେକ୍ସ' ସ୍କୋର୍‌ରେ ପ୍ରଦର୍ଶନ ଅନୁଯାୟୀ ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟଉତ୍ସ ବୃଦ୍ଧି, ଅନ୍‌ଲାଇନ ଅଡିଟ, ଉନ୍ନତ ଜିପିଡିପି, ଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅପ୍‌ଲୋଡ୍ ଆଦି ୯ଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ ଏବଂ ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲ୍ଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ୨୦ ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା-ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ




ଅନୁଗୋଳ,୨୮।୭(ସମିସ):ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗୀତା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ, ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ(୩୫)। ସୂଚନାନୁଯାୟୀ, ରବିବାର ସରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସରୋଜ ଘରେ ଏକାକୀ ଥିବା ବେଳେ ଛୁଆକୁ ନେଇ ସ୍ତ୍ରୀ କେଉଁଆଡ଼େ ଚାଲିଯାଇଥିଲେ। ସୋମବାର ଭୋର୍ ୪ଟାରେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀଘର ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସାଢ଼େ ୪ଟାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ସରୋଜଙ୍କୁ ଉଦ୍ଧାର କରିଥିଲା। ତେବେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇସାରିଥିଲା। ତେବେ କେଉଁ ପରିସ୍ଥିତିରେ ସରୋଜଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦହିବରା ଖାଇ ୪୦ରୁ ଊର୍ଦ୍ଧ୍ୱଙ୍କୁ ଝାଡ଼ାବାନ୍ତି

ହାଟଡ଼ିହୀ, ୨୮।୭ (ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଲୋକ ଦହିବରା ଖାଇ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ପ୍ରତିଦିନ ପରି ଆଜି ପୂର୍ବାହ୍ନରେ ସରମଙ୍ଗା ଗ୍ରାମର ବୁଲା ଦହିବରା ବେପାରୀ ଗାଁକୁ ଦହିବରା ନେଇ ବିକ୍ରି କରିବାକୁ ଆସିଥିଲା। ସମଣା, ଚାପୁଣ୍ଡିଆ, ବାହାରିପୁର, କୋଦମଡ଼ିହି ଆଦି ଗ୍ରାମର ୪୦ରୁ ଅଧିକ ଲୋକ ଉକ୍ତ ବେପାରୀଙ୍କଠାରୁ ଦହିବରା ଖାଇଥିଲେ। ଖାଇବାର କିଛି ସମୟ ମଧ୍ୟରେ ପ୍ରାୟ ସମସ୍ତେ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇଥିଲେ। କାହାର ଝାଡ଼ା ହୋଇଥିଲା ତ ପୁଣି କାହାର ବାନ୍ତି। ଏଭଳି ଅବସ୍ଥା ଦେଖି ଅସୁସ୍ଥ ପରିବାରଲୋକ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। କିଛି ଅସୁସ୍ଥ ଶାଳଣିଆଁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଆଉ କିଛିଜଣଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଅର୍ଥାଭାବରୁ ଯେଉଁମାନେ ମେଡିକାଲ ଯାଇପାରିନାହାନ୍ତି, ଗାଁ ଆଶା ଓ ଅଙ୍ଗନବାଡି କର୍ମୀଙ୍କଠାରୁ ମେଡିସିନ ଖାଇଥିବା ଜଣାପଡ଼ିଛି। ଚିକିତ୍ସା ପରେ କିଛି ଲୋକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବାହାରିପୁର ଗ୍ରାମର ଜିତେନ୍ଦ୍ର ସାହୁ, ଚାପୁଣ୍ଡିଆ ଗ୍ରାମର ହରିହର ସାହୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

### ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

# ପୁରୀ ରଥଯାତ୍ରାରେ ଦୁର୍ଘଟଣାଗ୍ରସ୍ତ ଯବାନଙ୍କ ମୃତ୍ୟୁ

ନୂଆପଡ଼ା, ୨୮।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଭରୁଆମୁଣ୍ଡା ଗାଁର ଲକ୍ଷ୍ମଣ ମାଝୀ (୪୨)ନାମକ ଜଣେ ଆଇଆରବି ଯବାନଙ୍କ ମୃତ୍ୟୁ ଘଟିଛି। ଚଳିତବର୍ଷ ସେ ପୁରୀରେ ରଥଯାତ୍ରା ସମୟରେ ସେ କାର୍ଯ୍ୟରତ ଥିଲେ। ହେଲେ ଜୁନ୍ ୨୪ରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ମାସେ କାଳ ଜୀବନ ସହ ସଂଗ୍ରାମ କରିବା ପରେ ରବିବାର ରାତିରେ ଆଖି ବୁଜିଛନ୍ତି। ତାଙ୍କ ମରଶରୀରକୁ କଟକରେ ବ୍ୟବଚ୍ଛେଦ ପରେ ନିଜ ଭିଟାମାଟିକୁ ଅଣାଯାଉଛି। ମଙ୍ଗଳବାର ଅନ୍ତିମ ସଂସ୍କାର କରାଯିବ। ୧୭ବର୍ଷ ତଳେ ସେ ଆଇଆରବିରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ବିଶେଷକରି ମାଓବାଦୀ ଅଞ୍ଚଳରେ କାମ କରିଥିଲେ। ବର୍ତ୍ତମାନ ସେ ରାୟଗଡ଼ା କ୍ୟାମ୍ପରେ ଅବସ୍ଥାପିତ ଥିଲେ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ସକାଶେ ପୁରୀରେ କାର୍ଯ୍ୟରତ ଥିଲେ। ପୁରୀରେ ସକାଳୁ ବୁଲୁଥିବା ସମୟରେ ଏକ ଗାଡ଼ି ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିବା ବେଳେ ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। ସେହି ଦିନଠାରୁ ସେ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଏହି ଘଟଣା ପରେ ୪ଝିଅଙ୍କୁ ନେଇ ଲକ୍ଷ୍ମଣଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭାଙ୍ଗିପଡ଼ିଛନ୍ତି। ତେଣୁ ସରକାରଙ୍କ ତରଫରୁ ସହାୟତା ଯୋଗାଇବା ସହ ସ୍ତ୍ରୀଙ୍କୁ ଚାକିରି ଏବଂ ଝିଅମାନଙ୍କ ପାଠପଢ଼ା, ଭରଣପୋଷଣ ପାଇଁ ସହାୟତା ଯୋଗାଇଦେବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଜଣେ ଦୁଇ ଜଣ ଆଇଆରବିଏନ୍ ଯବାନଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଓଡିଶା ପୁଲିସ ତରଫରୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇନି। ଏବେ ଲକ୍ଷ୍ମଣଙ୍କ ମର ଶରୀରକୁ ସମ୍ମାନ ଦେବାକୁ ଦାବି କରାଯାଇଛି।

### ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ

# ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ

ଭୁବନେଶ୍ୱର,୨୮।୭(ସମିସ): ଆଜିଠୁ ମାଓବାଦୀ ପାଳନ କରୁଛନ୍ତି ସହିଦ ସପ୍ତାହ। ସହିଦ ସାଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀ ଏହି ଦିବସ ପାଳନ କରିଥାଆନ୍ତି ଓ ଏହି ସପ୍ତାହରେ ନିଜର ଦବ୍‌ଦବା ଦେଖାଇବା ନିମନ୍ତେ ବିଭିନ୍ନ ଅଘଟଣ ଘଟାଇଛନ୍ତି। ଏହି ପରିପ୍ରେକ୍ଷୀରେ ମାଓ ହିଂସା ଆଶଙ୍କାରେ ପ୍ରଭାବିତ ଅଞ୍ଚଳରେ ପୁଲିସ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି। ସୀମା ସିଲ୍ ସହ

- ମାଓବାଦୀଙ୍କ ଗତିବିଧି ଉପରେ ଡ୍ରୋନ ଦ୍ୱାରା ନଜର
- ଦମନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି: ଏଡିଜି

କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜେରଦାର କରାଯାଇଛି। ପୁନଶ୍ଚ ଆକାଶ ମାର୍ଗରୁ ଡ୍ରୋନ୍ ମାଧ୍ୟମରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏହା ସହ ସାଟ୍‌ଲାଇଟ୍ ଫଟୋ ଜରିଆରେ ମଧ୍ୟ ପୁଲିସ ମାଓବାଦୀଙ୍କ ଗତିବିଧି ନଜର ରଖିଛି ବୋଲି ସୂଚନା ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ସହିଦ ସପ୍ତାହ ଆରମ୍ଭ ପୂର୍ବରୁ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମା ସିଲ୍ ହୋଇଛି। ତିନି ରାଜ୍ୟର ପୁଲିସ ଓ ସୁରକ୍ଷାବଳ ପକ୍ଷରୁ କମ୍ବିଂ, ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ସହିଦ ସପ୍ତାହକୁ ନେଇ ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ନାକା ଲଗାଇଛି। ଅଜଣା ବ୍ୟକ୍ତି ଓ ଯାନବାହନ ଯାଞ୍ଚ ପରେ ଜିଲ୍ଲା ଭିତରକୁ ଛଡ଼ାଯାଉଛି। ନ ହେଲେ ଆହୁରି ମଧ୍ୟ ଜଙ୍ଗଲ ରାସ୍ତାରେ ମଧ୍ୟ ପୁଲିସ ନଜର ରଖିଛି। ଗାଁ ଭିତରକୁ ଯେପରି କେହି ମାଓବାଦୀ ପ୍ରବେଶ କରିନପାରିବେ ସେଥିପାଇଁ ପୁଲିସ ସଜାଗ ରହିଛି।

ଗତକାଲି ସରଣ୍ଡା ଜଙ୍ଗଲରେ ମାଓବାଦୀ ମାଟି ତଳେ ଲୁଚାଇଥିବା ୩୫ଲକ୍ଷ ଟଙ୍କାକୁ ପୁଲିସ ଜବତ କରିଛି। ବର୍ଷାପାଗ ଯୋଗୁ ମାଓବାଦୀମାନେ ଟଙ୍କା ସାଥିରେ ନେବା ଅସମ୍ଭବ ହୋଇପଡୁଛି। ତେଣୁ ସେମାନେ ଜଙ୍ଗଲ ଭିତରେ ଏକ ଗଛ ମୂଳରେ ପୋତି ଦେଉଛନ୍ତି। ପୂର୍ବରୁ ଓଡିଶାରେ ମଧ୍ୟ ମାଓବାଦୀ ଜଙ୍ଗଲ ଭିତରେ ମାଟିତଳେ ବନ୍ଧୁକ ଏବଂ ଅନ୍ୟ ବିସ୍ଫୋରକ ପୋତି ରଖୁଥିଲେ। ଏବେ ସେମାନେ ଟଙ୍କା ଲୁଚାଇବା ପାଇଁ ଏଭଳି ପନ୍ଥା ଆପଣାଉଛନ୍ତି। ପୁଲିସର କୁମ୍ବିଂ ଅପରେସନ୍ ଜୋରଦାରକୁ ନଜରରେ ରଖି ଏଭଳି ପଦେକ୍ଷପ ନେଉଛନ୍ତି ବୋଲି ସେ କହିଛନ୍ତି।

### ୪ ଥର ଆସିବା ପରେ ହେଉନି ସମାଧାନ

# ପ୍ରତିଶ୍ରୁତି ପତ୍ରକୁ ଚିରି ଫିଙ୍ଗିଦେଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୮।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ନେଇ ଆସିବା ପରେ ମଧ୍ୟ ସମସ୍ୟାରେ ସମାଧାନ ହେଉନାହିଁ। ଏତେ ଦୂରରୁ ଟଙ୍କା ଖର୍ଚ୍ଚ କରି ଆସିବା ଓ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଯାହାଫଳରେ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ କିଛି ଦୃଶ୍ୟ ସାମନାକୁ ଆସିବା ପରେ ସରକାରୀ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ବୁର୍ଲା ସ୍ଥିତ ନାରାୟଣ ବାଗ ନାମକ ଜଣେ ବ୍ୟକ୍ତି ଭୀମସାର କଲେଜ ବିରୋଧରେ ଅଭିଯୋଗ ଆଣିଛନ୍ତି। ୪ ଥର ହେଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ବି ତାଙ୍କ ଅଭିଯୋଗର କୌଣସି ସମାଧାନ ହେଉନଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସରକାରୀ ଚାକିରୀରେ ଥିବା ବେଳେ ତାଙ୍କୁ ବିନା ନୋଟିସରେ ୨୦୦୭ ଜାନୁଆରି ୬ ତାରିଖରୁ ବାହାର କରି ଦିଆଯାଇଥିଲା। ବର୍ତ୍ତମାନ

### ଆତ୍ମାହୁତି ଧମକ ଦେଲେ ଅଭିଯୋଗକାରୀ

କୋର୍ଟ ପୁନର୍ବାର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାଙ୍କ ନିଯୁକ୍ତି ହୋଇପାରୁ ନାହିଁ। ଭୀମସାର କଲେଜର ଲିଗାଲ ସେଲ୍ ଅଫିସର ପ୍ରସନ୍ନ ସ୍ୱାଇଁ ତାଙ୍କୁ ହଇରାଣ କରୁଛନ୍ତି। ଆତ୍ମାହୁତି ଦେଲେ ହୁଏତ ଏହି ଅଭିଯୋଗର ସମାଧାନ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ବାଲେଶ୍ୱର ବସ୍ତା ଅଞ୍ଚଳର ରଞ୍ଜିତ ମାନା ଅଭିଯୋଗ ପ୍ରକୋଷ୍ଠରୁ ମିଳିଥିବା ପ୍ରତିଶ୍ରୁତିପତ୍ର ଚିରି ଦେଇଛନ୍ତି। ଦିବ୍ୟାଙ୍ଗ ରଞ୍ଜିତ ପୂର୍ବରୁ ୮୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ବର୍ତ୍ତମାନ ତାଙ୍କୁ ୭୦ ପ୍ରତିଶତ କରିଦେଇ ଭତ୍ତା କମାଇ ଦିଆଯାଇଛି। ଯେଉଁଥିପାଇଁ ସେ ବାରମ୍ବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦେଖା କରି ଜଣାଇଥିଲେ ବି ଏହି ସମସ୍ୟାର ସମାଧାନ ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଏ ବାବଦରେ ସେ ତିନିଥର ଜଣାଇଥିଲେ ବି କିଛି ସୁଫଳ ମିଳିପାରି ନାହିଁ। ବିଭାଗୀୟ ମନ୍ତ୍ରୀ ତାଙ୍କୁ ପୁଣି ଜିଲ୍ଲାପାଳଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ପାଖରୁ ନିରାଶ ଫେରିଥିବା ଲୋକ ଅତି କଷ୍ଟରେ ପ୍ଲାଟଫର୍ମରେ ଶୋଇ ଏହି ଅଭିଯୋଗ ପ୍ରକୋଷ୍ଠକୁ ଆସି ଦୁଃଖ ଜଣାଇବା ପରେ ପୁଣି କାହିଁକି ସେଠାକୁ ଯିବ ବୋଲି ସେ ପ୍ରଶ୍ନ କରିବା ସହ ତାଙ୍କ ପ୍ରତିଶ୍ରୁତି ପତ୍ରକୁ ଚିରି ଦେଇଛନ୍ତି।

ଅନ୍ୟ ଏକ ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀ ସଂଘର କିଛି ବ୍ୟକ୍ତି ୫ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ବଦଳିବା ପରେ ନିର୍ଦ୍ଦିଷ୍ଟ ଭାବେ ସେମାନେ ଟାର୍ଗେଟ୍ କରି ୭୦ ଜଣ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ସେମାନଙ୍କୁ କିପରି ପୁନଃ ନିଯୁକ୍ତି ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୫ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# ରାଜ୍ୟର ୧୧ ସହର, ୨୦୦ ବ୍ଲକ୍‌ରେ ଚାରା ବଣ୍ଟନ

ଭୁବନେଶ୍ୱର, ୨୮।୭ (ସମିସ):

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ହାତକୁ ନିଆଯାଇ ରାଜ୍ୟବ୍ୟାପି ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଛ ବଞ୍ଚିଲେ ପରିବେଶ ସୁରକ୍ଷିତ ରହିବ। ଏହି ଉକ୍ତିକୁ ସଫଳ କରିବାର ପ୍ରୟାସରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରାଜ୍ୟର ୧୧ସହର ଏବଂ ୨୦୦ରୁ ଅଧିକ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, ନୟାଗଡ଼ ଏବଂ ପାରାଦୀପର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ୧୦ହଜାରରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା।

ରାଜଧାନୀ ଭୁବନେଶ୍ୱରରେ ଚନ୍ଦ୍ରଶେଖରପୁରସ୍ଥିତ ବିସିସିଏଲ୍ ପେଟ୍ରୋଲ ପମ୍ପ ପରିସରରେ ଚାରା ବଣ୍ଟନ କରାଯାଇଥିଲା। ସକାଳ ୮ଟାରୁ ୧୨ଟା ମଧ୍ୟରେ ଛାଇ ପ୍ରଦାନକାରୀ ଶାଳ, ଶିଶୁ, ଚନ୍ଦନ ଭଳି ଦେଶୀୟ ବୃକ୍ଷ ରହିଥିଲା ବେଳେ ଆମ୍ବ, ପିଜୁଳି, ଲେମ୍ବୁ, ସଜନା ଭଳି ଫଳନ୍ତି ଗଛର ଚାରା ବଣ୍ଟାଯାଇଥିଲା। ଏହାବ୍ୟତିତ ବାସ୍କେଟ୍‌ରେ ଫୁଲ ଏବଂ ଔଷଧୀୟ ବୃକ୍ଷର ଚାରା ମଧ୍ୟ ରହିଥିଲା। ବହୁ ସଂଖ୍ୟାରେ ଲୋକ ସ୍ୱତଃପ୍ରବୃତ ଭାବେ ଆସି ଚାରା ସଂଗ୍ରହ କରିଥିଲେ। ପେଟ୍ରୋଲ୍ ପମ୍ପକୁ ତେଲ ପକାଇବାକୁ ଆସିଥିବା ଗ୍ରାହକମାନେ ହାତ ପାଆନ୍ତାରେ ଚାରା ପାଇ ଅତ୍ୟନ୍ତ ଖୁସି ଅନୁଭବ କରିବା ସହ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

ଭୁବନେଶ୍ୱରଠାରେ ବିପିସିଏଲ୍ ସର୍ଭିସ ପ୍ରୋଭାଇଡର୍ ଚନ୍ଦ୍ରଶେଖର ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, ବୃକ୍ଷ ଆମ ଜୀବନର ଏକ ଅଭିନ୍ନ ଅଙ୍ଗ। ଏହା ବିନା ମାନବଜାତି ବଞ୍ଚି ରହିବା କଷ୍ଟ। ଏଭଳି ପ୍ରୟାସ ପାଇଁ ସେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ଟିମ୍‌କୁ ଧନ୍ୟବାଦ ଦେଇଥିଲେ। 'ସକାଳ' ବିଜ୍ଞାପନ ବିଭାଗ ଏଜିଏମ୍ ଦିଲ୍ଲୀପ ମହାପାତ୍ର କହିଛନ୍ତି ପରିବେଶ ସୁରକ୍ଷା ପାଇଁ ଏହା ଆମର ଏକ ଛୋଟ ପ୍ରୟସ। ଆଗକୁ ଆମେ ପ୍ରତ୍ୟେକବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବୁ। କାର୍ଯ୍ୟକ୍ରମରେ 'ସକାଳ' ପ୍ରସାର ବିଭାଗର ପ୍ରମୋଦ ନାୟକ, ପ୍ରିୟବ୍ରତ ଦାସ, ଚନ୍ଦନ ନାୟକ, ସୁଧାଂଶୁ ସାହୁ, ବିଜୟ ସାସ୍‌ମଲ୍, ବିଜ୍ଞାପନ ବିଭାଗ ପକ୍ଷରୁ କ୍ଷୀରୋଦ ବେହେରା, ଅଭିଷେକ ସାହୁ, ନନ୍ଦନକାନନ ପ୍ରତିନିଧି ଦୁଃଷ୍ମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ପାର୍ଶ୍ୱର ଖମାରିସାହି ନାୟକ ପେଟ୍ରୋଲିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ବେତନଟୀସ୍ଥିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱର ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ ଟାରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।



ଭୁବନେଶ୍ୱର


ପାରାଦୀପ


ଢେଙ୍କାନାଳ


ସମ୍ବଲପୁର



ନୟାଗଡ଼



ବ୍ରହ୍ମପୁର


ପୁରୀ


ବାଲେଶ୍ୱର


ବାରିପଦା



ରାଉରକେଲା

In Association with...
vedanta transforming for good | MCL MAHANADI COALFIELDS LIMITED | AM/NS INDIA | imfa | JINDAL PANTHER TMT REBARS | ନାଲକୋ NALCO | TPWODL TP WESTERN ODISHA DISTRIBUTION LIMITED | JSW BPSL Better Everyday | Paradeep Phosphates
Virat Group of Institutions | GN ELECTRONICS | GLR infra | VEDIC GROUP OF INSTITUTIONS | BADRIPRASAD Institute of Technology | PINNACLE GROUP OF INSTITUTION, SAMBALPUR | POPULAR MOBILE | PK ACADEMY | TVS BALASORE TVS | NEWTONIAN HIGHER SECONDARY SCHOOL

## ମହିଳା ୟୁରୋ: ଇଂଲଣ୍ଡ ଚାମ୍ପିଅନ୍



ବାସେଲ,୨୮ ।୭ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୟୁଫା ୟୁରୋ ଚାମ୍ପିଅନସିପ୍‌ରେ ଇଂଲଣ୍ଡ ଚାମ୍ପିଅନ ହୋଇଛି । ରବିବାର ରାତିରେ ସୁଇଜରଲାଣ୍ଡର ବାସେଲରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଇଂଲଣ୍ଡ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ସ୍ପେନ ମହିଳା ଦଳକୁ ପରାସ୍ତ କରିଥିଲା । ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ମ୍ୟାଚ୍ ୧-୧ରେ ବରାବର୍ ରହିବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା । ଏଥିରେ ମଧ୍ୟ ଫଳାଫଳ ବାହାରି ନ ଥିଲା । ଶେଷରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏଥିରେ ଇଂଲଣ୍ଡ ଗୋଲ୍‌ରକ୍ଷକ ହାନ୍ନା ହମ୍ପଟନ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷର ୨ଟି ସଟ୍‌କୁ ଅଟକାଇଦେଇଥିଲେ । ଫଳରେ ଇଂଲଣ୍ଡ ମହିଳା ଦଳ ପ୍ରଥମଥର ଲାଗି ବିଦେଶ ମାଟିରେ ଏକ ମେଜର ଟାଇଟଲ୍ ଜିତିବାରେ ସଫଳ ହୋଇଛି ।

## ସୁପ୍ରିମ କୋର୍ଟରୁ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି

**ଜାଲ ଜନ୍ମ ପ୍ରମାଣପତ୍ର ମାମଲା ରଦ୍ଦ**

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି); ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଜନ୍ମ ପ୍ରମାଣପତ୍ର ନେଇ ଲକ୍ଷ୍ୟ, ତାଙ୍କ ପରିବାର ସଦସ୍ୟ ଓ ପ୍ରଶିକ୍ଷକଙ୍କ ନାମରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ସୋମବାର ସୁପ୍ରିମ କୋର୍ଟ ରଦ୍ଦ କରିଦେଇଛନ୍ତି । ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ବେଞ୍ଚ୍ କହିଛନ୍ତି, 'ଲକ୍ଷ୍ୟ ସେନଙ୍କ ବିରୋଧରେ ଅପରାଧିକ ମାମଲା ଜାରି ରଖିବା ଅନୁଚିତ ଓ ଏହା କୋର୍ଟ ପ୍ରକ୍ରିୟାର ଅପବ୍ୟବହାର' । ଏମ୍‌ଜି ନାଗରାଜ ଅଭିଯୋଗ ଆଣିଥିଲେ ଯେ, ଲକ୍ଷ୍ୟ ଓ ତାଙ୍କ ଭାଇ ଚିରାଗ ସେନଙ୍କ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରାଯାଇଛି । ଲକ୍ଷ୍ୟଙ୍କ ପିତା-ମାତା ଧୀରେନ୍ଦ୍ର ଓ ନିର୍ମଳା ସେନ୍, ପ୍ରଶିକ୍ଷକ ବିମଳ କୁମାର ଓ କର୍ଣ୍ଣାଟକ ବ୍ୟାଡ୍‌ମିଣ୍ଟନ ସଂଘର କର୍ମକର୍ତ୍ତା ଜନ୍ମ ପ୍ରମାଣପତ୍ର ରେକର୍ଡରେ ଜାଲିଆତି କରିଛନ୍ତି । ଗତ ଫେବୃଆରୀ ୧୯ରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା । କିନ୍ତୁ ସୋମବାର କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ସଠିକ୍ ଦର୍ଶାଇ ସୁପ୍ରିମ କୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ ।

**• ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ସ୍ନୁକର**

## ସୁବ୍ରତ, ଚିରାଗ, ରାକେଶଙ୍କ ଡବଲ୍ ବିଜୟ

ଭୁବନେଶ୍ୱର,୨୮ ।୭ (ସମିସ): ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ମୁଖ୍ୟ ପର୍ଯ୍ୟାୟ ସୋମବାରଠୁ ଆରମ୍ଭ ହୋଇଛି । ମୁଖ୍ୟ ପର୍ଯ୍ୟାୟରେ ସୋମବାର ୧୬ଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ସୁବ୍ରତ ଦାସ, ରାକେଶ ପ୍ରଧାନ ଓ ଚିରାଗ ଆରୋରା ଡବଲ୍ ବିଜୟ ହାସଲ କରିଛନ୍ତି । ସୁବ୍ରତ ୩-୨ ଫେମରେ ଅଲି ଖାନଙ୍କୁ ଓ ୩-୧ ଫେମ୍‌ରେ ନିଶ୍ଚୟ ମିଶ୍ରଙ୍କୁ ପରାସ୍ତ କରିଥିଲେ । ସେହିଭଳି ରାକେଶ ପ୍ରଥମେ ୩-୦ରେ ଅମୀୟ ନାୟକଙ୍କୁ ଓ ୩-୦ରେ ଅଲ୍‌ତାଫ୍ ଅଲିଙ୍କୁ ହରାଇଛନ୍ତି । ଚିରାଗ ମଧ୍ୟ ରାହୁଲ ହାଲି ଓ ଅମିତ୍ ସିଂଙ୍କୁ ଯଥାକ୍ରମେ ୩-୦ ଓ ୩-୧ ଫେମ୍‌ରେ ପରାସ୍ତ କରିଛନ୍ତି ।

**ମହିଳା ଚେସ୍ ବିଶ୍ୱକପ୍‌ରେ ଇତିହାସ ରଚିଲା ଭାରତ**

# ଦିବ୍ୟା ପ୍ରଥମ ଚାମ୍ପିଅନ, ହମ୍ପି ରନର୍ସ ଅପ୍



- ଚେସ୍ ବିଶ୍ୱକପ୍ ଜିତିବାରେ ଦିବ୍ୟା ସର୍ବକନିଷ୍ଠା
- ଭାରତର ପ୍ରଥମ ଟାଇଟଲ ବିଜେତା
- ଚତୁର୍ଥ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ
- ପାଇ ନ ଥିଲେ ଗୋଟିଏ ଜିଏମ୍ ନର୍ମ
- ପୁରସ୍କାର ବାବଦରେ ୪୧.୬ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୮ ।୭ (ଏଜେନ୍ସି)

ଭାରତର ଦିବ୍ୟା ଦେଶମୁଖ ଫିଡେ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି । ଜର୍ଜିଆର ବାଟୁମିଠାରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ସେ ଆଉ ଜଣେ ଭାରତୀୟ ତଥା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ପରାସ୍ତ କରିଥିଲେ । ପ୍ରଥମଥର ଲାଗି ଭାରତର ଜଣେ ମହିଳା ଖେଳାଳି ୧୯ ବର୍ଷୀୟା ନାଗପୁରର ଦିବ୍ୟା ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି । ଟାଇଟଲ ବିଜୟ ସହ ସେ ସିଧାସଳଖ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଛନ୍ତି । ଦିବ୍ୟା ମଧ୍ୟ ଭାରତର ୮୮ତମ ଓ ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇଛନ୍ତି । ଫାଇନାଲରେ ପ୍ରବେଶ ସହ ଉଭୟ ଖେଳାଳି କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ପ୍ରତିଯୋଗିତା ପୂର୍ବରୁ ଭାରତର କୌଣସି ଖେଳାଳି ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନ ଥିଲେ । ଚଳିତବର୍ଷ ଏକାଥରକେ ଦୁଇଜଣ ଫାଇନାଲରେ ପ୍ରବେଶ କରି ପ୍ରଥମ ଇତିହାସ ସୃଷ୍ଟି କରିବା ସହ ଜଣେ ହେଲେ ଭାରତୀୟ ଚାମ୍ପିଅନ ହେବା ସ୍ପଷ୍ଟ କରିଥିଲେ । ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ ହମ୍ପି ଟାଇମ ପ୍ରେସରର ଉଚିତ ମୁକାବିଲା କରି ନ ପାରି ଗୋଟିକ ପରେ ଗୋଟିଏ ତ୍ରୁଟି କରିଥିଲେ ।

ଫିଡେ ମହିଳା ବିଶ୍ୱକପ୍‌ରେ ଫାଇନାଲ ମୁକାବିଲା କ୍ଲାସିକ ପର୍ଯ୍ୟାୟରେ ୨ ରାଉଣ୍ଡ ବିଶିଷ୍ଟ ହୋଇଥାଏ । ଏଥିରେ ଫଳାଫଳ ନ ମିଳିଲେ ରାପିଡ ପର୍ଯ୍ୟାୟରେ ଆଉ ୨ ରାଉଣ୍ଡ ଖେଳାଯାଇଥାଏ । କ୍ଲାସିକ ବିଭାଗ ଫାଇନାଲର ପ୍ରଥମ ରାଉଣ୍ଡ ଖେଳର ମୀମାଂସା ହୋଇ ପାରି ନ ଥିଲା । ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ସମାନ ଫଳାଫଳ ମିଳିଥିଲା । କ୍ଲାସିକ୍ ପର୍ଯ୍ୟାୟର ୨ଟି ଯାକ ରାଉଣ୍ଡ ଖେଳର ପଏଣ୍ଟ ସଂଖ୍ୟା ସମାନ ରହିବା ପରେ ଆଜି ଟାଇବ୍ରେକ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ରାଉଣ୍ଡରେ ଦିବ୍ୟା ଧଳାଗୋଟି ନେଇ ଖେଳିଥିଲାବେଳେ ହମ୍ପି ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲେ । ଦ୍ୱିତୀୟ ରାଉଣ୍ଡରେ ଦିବ୍ୟା କଳାଗୋଟି ନେଇ ଖେଳିଥିଲେ ମଧ୍ୟ କ୍ଷୀପ୍ର ଗୋଟିଚାଳନା ଯୋଗୁ ହମ୍ପି ଚାପକୁ ଆସିଯାଇଥିଲେ । ଏହା ଫଳରେ ହମ୍ପିଙ୍କ ଗୋଟିକ ପରେ ଗୋଟିଏ ତ୍ରୁଟିରୁ ଦିବ୍ୟା ପୂରା ଫାଇଦା ଉଠାଇ ଟାଇବ୍ରେକ୍‌ର ଦ୍ୱିତୀୟ ରାଉଣ୍ଡ ସହ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲେ । ଚାମ୍ପିଅନ ହେବା ଫଳରେ ସେ ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲେ । ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସେ ହମ୍ପି, ଆର୍ ବୈଶାଳୀ ଓ ହାରିକା ଦ୍ରୋଣାଭାଲୀଙ୍କ ପରେ ଚତୁର୍ଥ ଭାରତୀୟ ମହିଳା ହୋଇଛନ୍ତି । ଟାଇଟଲ ଜିତିବା ଫଳରେ ଦିବ୍ୟାଙ୍କୁ ୫୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୪୧.୬ ଲକ୍ଷ ଏବଂ ରନର୍ସ ଅପ୍ ହମ୍ପି ୩୫,୦୦୦ ଡଲାର ବା ୨୯.୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ ।

ଏହି ଟୁର୍ଣ୍ଣାମେଣ୍ଟରେ ଦିବ୍ୟାଙ୍କ ଅଭିଯାନ ଥିଲା ବେଶ ଉତ୍ସାହଜନକ । ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୫ତମ ସିଡ୍ ହୋଇଥିଲାବେଳେ ଟାଇଟଲ ଫେବରାଇଟ ନ ଥିଲେ । କିନ୍ତୁ ସେ ଭୟଶୂନ୍ୟ ହୋଇ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଜଣଙ୍କ ପରେ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ପରାସ୍ତ କରିଥିଲେ । ସେ କ୍ରମାଗତ ଭାବେ ୪ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ହରାଇଥିଲେ । ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ଝୁ ଜିନେର, କ୍ୱାର୍ଟର ଫାଇନାଲରେ ଭାରତର ଡି ହାରିକା ଓ ସେମିଫାଇନାଲରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ତାନ ଝୋଙ୍ଗୟିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଫାଇନାଲରେ ହମ୍ପିଙ୍କୁ ହରାଇ ଟାଇଟଲ ଜିତିବା ପରେ ଭାରତୀୟ ଚେସ୍‌କୁ ଗୌରବମଣ୍ଡିତ କରିଛନ୍ତି । ମାତ୍ର ୧୯ ବର୍ଷ ବୟସରେ ସେ ତାଙ୍କର ଏବଂ ଭାରତର ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିବା ପରେ ବିଶ୍ୱରେ ଏକ ନୂଆ ତାରକାଙ୍କ ଆବିର୍ଭାବ ହୋଇଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି । ଏଭଳି ଖେଳ ପ୍ରଦର୍ଶନ ବଜାୟ ରଖିଲେ ସେ ଯେ ଦୀର୍ଘଦିନ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

### ଏହା ମୋ ଭାଗ୍ୟରେ ଥିଲା: ଦିବ୍ୟା



ବାଟୁମି,୨୮ ।୭ (ଏଜେନ୍ସି): ଏଠାରେ ତାଙ୍କଠାରୁ ଦୁଇଗୁଣା ବୟସ କୋନେରୁ ହମ୍ପିଙ୍କୁ ହରାଇ ୧୯ ବର୍ଷୀୟା ଦିବ୍ୟା ଏକାଥରକେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି । ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ହେବାରେ ସେ ଭାରତର ମାତ୍ର ଚତୁର୍ଥ ମହିଳା । 'ଏ ସବୁ ସଫଳତା ଏକ ସଙ୍ଗେ ପାଇବା ମୋ ଭାଗ୍ୟରେ ଥିଲା' ବୋଲି କହିଛନ୍ତି ମହାରାଷ୍ଟ୍ର ନାଗପୁରର ଏହି ଖେଳାଳି । ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମୋ ନାମରେ ଗୋଟିଏ ହେଲେ ଜିଏମ୍ ନର୍ମ ନ ଥିଲା । ଏବେ ମୁଁ ଗ୍ରାଣ୍ଡମାଷ୍ଟର । କିନ୍ତୁ ବିଶ୍ୱକପ୍ ଜିତିବା ପରେ ଏକାଥରକେ ଦୁଇଟି ସଫଳତା ପାଇବା ମୋର ବିଶ୍ୱାସ ହେଉନି ବୋଲି ପ୍ରଥମ ପ୍ରତିକ୍ରିୟା ଦେଇ ସେ କହିଛନ୍ତି । ଏହି ସଫଳତା ସହ ଏବେ ଖାପ ଖୁଆଇବାକୁ ହେବ । ମୁଁ ସଫଳତା ପାଇବା ପରେ ପରିବାରରେ ବିଶ୍ୱାସ ଜନ୍ମାଇବା ପର୍ଯ୍ୟାପ୍ତ ହେବ । ଏବେ ମୋତେ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଦିବ୍ୟା ଆତ୍ମବିଶ୍ୱାସର ସହ କହିଛନ୍ତି । ଫାଇନାଲରେ ଜିତିବା ପରେ ଦିବ୍ୟା କାନ୍ଦି ପକାଇଥିଲେ । ଏହା ପରେ ସେ ତାଙ୍କ ମା'ଙ୍କୁ କୁଣ୍ଢାଇଧରି ଭୋ ଭୋ କାନ୍ଦିଥିଲେ ଓ ଏହା ପରେ ପ୍ରକୃତିସ୍ଥ ହୋଇ ପ୍ରତିକ୍ରିୟା ଦେଇଥିଲେ ।

**ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ଅନମୋଲ୍‌ଙ୍କୁ ଡବଲ୍ ଟାଇଟଲ୍




ଭୁବନେଶ୍ୱର,୨୮ ।୭ (ସମିସ): ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଅନମୋଲ୍ ଦାଶ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି । ପାହାଳସ୍ଥିତ ଏସ୍‌ଏସ୍ ପିକଲ୍‌ବଲ୍ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନମୋଲ୍ ପୁରୁଷ ଓପନ୍ ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଚାମ୍ପିଅନ୍ ହୋଇଛନ୍ତି । ପୁରୁଷ ଡବଲ୍ସରେ ସେ ଯଶରାଜ ନାୟକ ଓ ମିଶ୍ରିତରେ ପ୍ରସିଦ୍ଧି ପୋଦ୍ଦାରଙ୍କୁ ସାଥୀ କରି ଖେଳିଥିଲେ । ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବୟସବର୍ଗର ୪୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରି ଅଭିଜ୍ଞତା ହାସଲ କରିଥିଲେ ।

## ଦୁଲୀପ୍ ଟ୍ରଫି: ତିଲକଙ୍କୁ ଦକ୍ଷିଣାଞ୍ଚଳର ନେତୃତ୍ୱ

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆସନ୍ତା ମାସରେ ଦୁଲୀପ୍ ଟ୍ରଫିରୁ ବିସିସିଆଇର ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବ । ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି । ନିର୍ଭରଯୋଗ୍ୟ ବ୍ୟାଟର୍ ତିଲକ୍ ବର୍ମାଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି । ଗତ ରଣଜୀ ଟ୍ରଫିରେ ରନର୍ସଅପ୍ ରହିଥିବା କେରଳର ୪ଜଣ ଖେଳାଳି ଦକ୍ଷିଣାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି । ୨୨ ବର୍ଷୀୟ ବାମହାତୀ ବ୍ୟାଟର୍ ତିଲକ ବର୍ତ୍ତମାନ ଇଂଲଣ୍ଡରେ ହାମ୍ପଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଛନ୍ତି । ଏଥିରେ ସେ ୪ଟି ପାଳିରେ ଯଥାକ୍ରମେ ୧୦୦, ୫୬, ୪୭ ଓ ୧୧୨ ରନ କରିଛନ୍ତି । ଚଳିତ ବର୍ଷ ଦୁଲୀପ୍ ଟ୍ରଫି ଜୋନାଲ୍ ଫର୍ମାଟ୍‌କୁ ଫେରିଛି ।

## ବ୍ୟାଡ୍‌ମିଣ୍ଟନ କୋର୍ଟରେ ଟଳି ପଡ଼ିଲେ ଖେଳାଳି

ହାଇଦରାବାଦ୍, ୨୮ ।୭ (ଏଜେନ୍ସି): ହାଇଦରାବାଦ୍‌ର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ବ୍ୟାଡ୍‌ମିଣ୍ଟନ ଖେଳୁଥିବାବେଳେ ଜଣେ ୨୫ ବର୍ଷୀୟ ଯୁବକଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି । ସ୍ଥାନୀୟ ନାଗୋଲି ଷ୍ଟାଡିୟମରେ ସକାଳ ୮ଟାରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି । ମୃତ ଯୁବକଙ୍କ ନାମ ଗୁଣ୍ଡଲା ରାକେଶ । ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ରାକେଶ ଡବଲ୍ସ ଇଭେଣ୍ଟରେ ମ୍ୟାଚ୍ ଖେଳୁଥିଲେ । ତଳେ ପଡ଼ିଥିବା ସଟଲକକ୍ ଉଠାଇବାବେଳେ ସେ ଚେତାଶୂନ୍ୟ ହୋଇ ବ୍ୟାଡ୍‌ମିଣ୍ଟନ କୋର୍ଟରେ ପଡ଼ିଯାଇଥିଲେ । ସଙ୍ଗେ ସଙ୍ଗେ ସାଥୀ ଖେଳାଳି ରାକେଶଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ । ଏଥିରେ ସେମାନେ ସଫଳ ନହେବାରୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ । କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଗତ ମାସରେ ପଞ୍ଜାବରେ କ୍ରିକେଟ୍ ଖେଳୁଥିବାବେଳେ ଜଣେ ଖେଳାଳି ଛକା ମାରିବା ପରେ ସମାନ ଭାବେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେବେ ଟିକି, ମୀନା



ଭୁବନେଶ୍ୱର, ୨୮ ।୭ (ସମିସ): ଗୁଜରାଟରରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ କିସ୍ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରୀ ଟିକି ମୋହିନୀ ମଲ୍ଲିକ ଓ ମୀନା ସାନ୍ତା ଭାଗନେବେ । ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଟିକି ୬୪ କିଗ୍ରା ବିଭାଗରେ ଓ ମୀନା ୫୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିବେ । ଉଭୟ ଟିକି ଓ ମୀନା ବର୍ତ୍ତମାନ କିସ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି । ଭାରତୀୟ ଦଳ ପକ୍ଷରୁ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ଉଭୟଙ୍କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି । ଅଗଷ୍ଟ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପ୍ରତିଯୋଗିତା ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ହେବ ।

**୧୫ ଓଭର ପୂର୍ବରୁ ମ୍ୟାଚ୍ ଡ୍ର ରଖିବାକୁ ପ୍ରସ୍ତାବ**

# ଷ୍ଟୋକ୍ସ ଓ ଇଂଲଣ୍ଡ ଦଳକୁ ସମାଲୋଚନା

ଲଣ୍ଡନ,୨୮ ।୭ (ଏଜେନ୍ସି)




ଓଲ୍ଡ ଟ୍ରାଫୋର୍ଡରେ ଗତକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟରେ ଡ୍ର ରହିଥିଲା । କିନ୍ତୁ ଏହି ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବ୍ୟବହାରକୁ ନେଇ ସବୁଆଡୁ ସମାଲୋଚନା ହୋଇଛି । ୫ମ ଦିନ ଖେଳ ଶେଷହେବାକୁ ଆଉ ୧୫ ଓଭର ଥିଲା । ଭାରତ ୪ ୱିକେଟରେ ୩୮୬ ରନ୍ କରିଥିଲାବେଳେ ସହଜରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରୁଥିବା ଜାଡେଜା ୮୯ ଓ ୱାଶିଂଟନ ସୁନ୍ଦର ୮୦ ରନ୍‌ରେ ବ୍ୟାଟିଂ କରୁଥିଲେ । ଏହି ସମୟରେ ମ୍ୟାଚ୍ ଡ୍ର ରଖିବାକୁ ଷ୍ଟୋକ୍ସ ପ୍ରସ୍ତାବ ଦେଇ ଜାଡେଜାଙ୍କୁ ହ୍ୟାଣ୍ଡସେକ କରିବାକୁ କହିଥିଲେ । କିନ୍ତୁ ଜାଡେଜା ଓ ସୁନ୍ଦର ଏହାକୁ ଅଗ୍ରାହ୍ୟ କରିଥିଲେ ଓ ଉଭୟ ଖେଳାଳି ଶତକ ହାସଲ କରିବା ପରେ ମ୍ୟାଚ୍ ଶେଷ ହୋଇଥିଲା । ଷ୍ଟୋକ୍ସଙ୍କ ଏଭଳି ସମୟରେ ପ୍ରସ୍ତାବକୁ ଇଂଲଣ୍ଡ ଅଧିନାୟକ ନାସେର ହୁସେନଙ୍କ ସହ ଭାରତୀୟମାନେ ସମାଲୋଚନା କରିଛନ୍ତି । ହୁସେନଙ୍କ ମତରେ ଇଂଲଣ୍ଡ ଦଳ ଏତେ ସମୟ କ୍ରିଜ୍‌ରେ ରହି କ୍ଲାନ୍ତ ହୋଇ ପଡ଼ିଥିବା ସ୍ୱାଭାବିକ୍ । କିନ୍ତୁ ପ୍ରତିପକ୍ଷ ଦଳର ଖେଳାଳିମାନେ ମାଇଲଷ୍ଟୋନ୍‌ରେ ପହଞ୍ଚିବା ସମୟରେ ଏଭଳି ପ୍ରସ୍ତାବ ଦେବା ଟିକେ ପିଲାଳିଆମୀ ମନେ ହେଉଛି । ପରେ ଷ୍ଟୋକ୍ସ 'ଡୁ ୟୁ ୱାଣ୍ଟ ଟୁ ଗେଟ ହଣ୍ଡ୍ରେଡ ଅଫ୍ ବ୍ରୁକ୍' କହୁଥିବାର ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଜଣା ପଡ଼ିଥିଲା । ଏହା ପରେ ବ୍ରୁକ୍ ବୋଲିଂ କରିଥିଲେ ଓ ଜାଡେଜା ଶତକ ହାସଲ କରିଥିଲେ । କିନ୍ତୁ କ୍ରିକେଟ ଖେଳ କିଛି ନିୟମ ଅନୁସାରେ ଚାଲିଛି । ଇଂଲଣ୍ଡ ଖେଳାଳିଙ୍କ ମନଇଛାରେ ନୁହେଁ ବୋଲି ଭାରତୀୟ ଖେଳାଳି ଆକାଶ ଚୋପ୍ରା କହିଛନ୍ତି । ସେ ତାଙ୍କ ପୋଷ୍ଟରେ ଷ୍ଟୋକ୍ସଙ୍କ କ୍ରାଏବେବିଜ୍ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି । ଇଂଲଣ୍ଡ ଦଳ ନୈତିକତା ଦୃଷ୍ଟିରୁ ଏପରି କରିଥିଲେ ବୋଲି ସଫେଇ ଦିଆଯାଇଛି । ସେ ଯାହା ହେଉ ଯେଭଳି ସମୟରେ ଏହା କରିଥିଲେ ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତୀୟମାନେ କହିଛନ୍ତି ।

ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କରଙ୍କ ମତରେ ଷ୍ଟୋକ୍ସ ଯଦି ଏପରି କିଛି ଚାହୁଁଥିଲେ ତେବେ ଇଂଲଣ୍ଡ ଦଳର ପ୍ରଥମ ଇନିଂସ ଆଗରୁ କାହିଁକି ଘୋଷଣା କରୁ ନ ଥିଲେ । ଏହାର ଅର୍ଥ ଭାରତୀୟଙ୍କୁ ଚାପରେ ରଖି ଏହି ମ୍ୟାଚ୍‌କୁ ସହଜରେ ଜିତିବା ତାଙ୍କର ରଣନୀତି ଥିଲା । ଏହା ଯେତେବେଳେ ସଫଳ ନ ହେଲା, ସେତେବେଳେ ଡ୍ର ପ୍ରସ୍ତାବ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି । ଜୁଲାଇ ୩୧ରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ । ଚତୁର୍ଥ ଓ ପଞ୍ଚମ ଟେଷ୍ଟ ମଧ୍ୟରେ ୩ ଦିନ ଫାଙ୍କା ଥିବାରୁ ଉଭୟ ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇପାରିବେ ନାହିଁ ।

**୩୧ରୁ ପଞ୍ଚମ ଟେଷ୍ଟ**

## ଇଂଲଣ୍ଡ ଦଳରେ ଓଭର୍‌ଟନ୍, ପନ୍ତ୍‌ଙ୍କ ସ୍ଥାନରେ ଜଗଦୀଶନ

ଲଣ୍ଡନ,୨୮ ।୭ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଲାଗି ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ପରିବର୍ତ୍ତନ କରିଛନ୍ତି । ଘରୋଇ ଦଳ ତାହାର ପେସ୍ ବୋଲିଂ ଅଲରାଉଣ୍ଡର ଜାମି ଓଭରଟନଙ୍କୁ ଦଳରେ ସାମିଲ କରିଛି । ସେହିପରି ଭାରତୀୟ ଦଳର ଆହତ ୱିକେଟରକ୍ଷକ ଋଷଭ ପନ୍ତଙ୍କ ସ୍ଥାନରେ ତାମିଲନାଡୁର ୱିକେଟରକ୍ଷକ ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଛି । ଜଗଦୀଶନ ରବିବାର ଟିମ୍ ସହ ଯୋଗଦେଇଛନ୍ତି । ସାହସିକ ଖେଳ ପ୍ରଦର୍ଶନ କରି ଚତୁର୍ଥ ଟେଷ୍ଟକୁ ଡ୍ର ରଖିଥିବା ଭାରତୀୟ ଦଳରେ ପଞ୍ଚମ ଟେଷ୍ଟ ଲାଗି ଏକାଧିକ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି । ୱିକେଟ ରକ୍ଷକ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ପଞ୍ଚମ ଟେଷ୍ଟ ଖେଳିବେ । ସେହିପରି ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର/ଅଂଶୁଲ କାମ୍ବୋଜଙ୍କୁ ଏହି ଟେଷ୍ଟ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ । ଏମାନଙ୍କ ସ୍ଥାନରେ ଭାରତ ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ଦେଇପାରେ । ଅନ୍ୟ ଟେଷ୍ଟ ପରି ପଞ୍ଚମ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ଯଦି ଫ୍ଲାଟ ରୁହେ ତେବେ ଅର୍ଶଦୀପ ଓ କୁଳଦୀପ ସିଂହ ଶେଷ ଟେଷ୍ଟରେ ଖେଳିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ । ବୁମ୍‌ରା ଖେଳିଲେ ମଧ୍ୟ ଅର୍ଶଦୀପଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି । ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS